# ପ୍ରସ୍ତୁତି

## ବାଲବାଟିକା ପ୍ରଶିକ୍ଷଣ ପେଟିକା

### ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କ ନିମନ୍ତେ


ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଓ

ଗବେଷଣା ପରିଷଦ,ଓଡ଼ିଶା

ଭୁବନେଶ୍ୱର

## ମୁଖବନ୍ଧ

ଜାତୀୟ ଶିକ୍ଷାନୀତି -୨୦୨୦ ରେ ଆଦ୍ୟଶୈଶବ ଶିକ୍ଷା (ପ୍ରାକ ବିଦ୍ୟାଳୟ ଶିକ୍ଷା)କୁ ପ୍ରାଧାନ୍ୟ ଦିଆଯାଇଛି |ଯେହେତୁ ୬ ବର୍ଷ ବୟସ ହେବା ବେଳକୁ ପିଲାର ମସ୍ତିଷ୍କର ପ୍ରାୟ ୮୫ ଶତକଡା ବିକାଶ ହୋଇଥାଏ ଏହି ସମୟରେ ଶିଶୁଙ୍କ ପାଇଁ ଉପଯୁକ୍ତ ପୋଷାକ ଶୈକ୍ଷିକ କାର୍ଯ୍ୟକ୍ରମ ଯୋଗାଇ ଦେବା ଜରୁରୀ |ଆଦ୍ୟ ଶୈଶବ ଶିକ୍ଷା-ପ୍ରାକ ବିଦ୍ୟାଳୟ ଶିକ୍ଷାକୁ ଗୁରୁତ୍ଵ ଦିଆଯାଇ ଜାତୀୟ ଶିକ୍ଷାନୀତି -୨୦୨୦ରେ ଏହାକୁ ବିଦ୍ୟାଳୟ ଶିକ୍ଷାର ଅନ୍ତର୍ଭୁକ୍ତ କରାଯାଇଛି |ପ୍ରାକ-ବିଦ୍ୟାଳୟର ୩ ବର୍ଷ ପ୍ରାକ ବିଦ୍ୟାଳୟ (୧-Pre-school-1)ପ୍ରାକ ବିଦ୍ୟାଳୟ (୨-Pre-school-2)ପ୍ରାକ ବିଦ୍ୟାଳୟ (୩-Pre-school-3) ଯଥାକ୍ରମେ ୩+,୪+ ଓ ୫+ବର୍ଷ ବୟସର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଯାହା ନୂତନ ପାଠ୍ୟକ୍ରମ ଢାଞ୍ଚାର foundation stage ବା ମୌଳିକ ପର୍ଯ୍ୟାୟର ଅନ୍ତର୍ଭୁକ୍ତ | ପ୍ରାକ୍-ବିଦ୍ୟାଳୟର ଶେଷ ବର୍ଷ ( pre-school -3 )କୁ ଜାତୀୟ ଶିକ୍ଷାନୀତି ରେ "ବାଲ୍ ବାଟିକା "/ପ୍ରସ୍ତୁତି ଶ୍ରେଣୀ ଭାବେ ନାମିତ କରାଯାଇଛି ଏବଂ ଏହି ବାଲବାଟିକା ଶ୍ରେଣୀକୁ ପ୍ରାଥମିକ ବିଦ୍ୟାଳୟ ସହ ସଂଯୁକ୍ତ କରାଯିବାକୁ ସୁପାରିଶ କରାଯାଇଛି |

ବାଲବାଟିକାରେ ଅଧ୍ୟୟନ କରୁଥିବା ଶିକ୍ଷାର୍ଥୀମାନଙ୍କର ଫଳପ୍ରଦ ଶିକ୍ଷଣ ନିମନ୍ତେ ଶିକ୍ଷକ ମାନଙ୍କର ଦକ୍ଷତା ବିକାଶର ଆବଶ୍ୟକତା ରହିଛି |ଏଥିପାଇଁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ପାଇଁ ପାଞ୍ଚ ଦିନିଆ ପ୍ରଶିକ୍ଷଣର ଯୋଜନା କରାଯାଇଛି |ଏହି ପ୍ରଶିକ୍ଷଣ ପ୍ରଦର୍ଶିକା "ବାଲ ବାଟିକା "ସେଥିପାଇଁ ଉଦ୍ଦିଷ୍ଟ |ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଲକ୍ଷ୍ୟ ଗୁଡିକ ହେଲା –

- ପ୍ରାଥମିକ ଶିକ୍ଷକଙ୍କୁ ଜାତୀୟ ଶିକ୍ଷାନୀତି ଆଧାରରେ ବାଲବାଟିକାର ଗୁରୁତ୍ଵକୁ ବୁଝାଇବା |
- ପ୍ରସ୍ତୁତ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଦିଗର ବିକାଶ ଆଧାରିତ ଲକ୍ଷ୍ୟ ଗୁଡିକୁ ଶିକ୍ଷକ / ଶିକ୍ଷୟିତ୍ରୀଙ୍କୁ ବୁଝାଇବା ଓ ତତ୍ ସଂପର୍କିତ ଶିକ୍ଷଣ ଫଳାଫଳ ଗୁଡିକ ସହ ଅବଗତ କରାଇବା ।
- ଜାତୀୟ ଶିକ୍ଷାନୀତିରେ ପ୍ରସ୍ତାବିତ ଶୈକ୍ଷିକ ପରିଚାଳନା ଅନୁଯାୟୀ ବାଲବାଟିକା ଶ୍ରେଣୀରେ ଶିକ୍ଷଣ କାର୍ଯ୍ୟ ପରିଚାଳନାର ଦକ୍ଷତା ବୃଦ୍ଧି କରାଇବା ।
- ବାଲବାଟିକା ଶ୍ରେଣୀରେ ମାନ ନିର୍ଦ୍ଧାରଣର କୌଶଳକୁ ଅବଗତ କରାଇବା ।

"ବାଲବାଟିକା" ପ୍ରଶିକ୍ଷଣ ପେଟିକା ବ୍ୟବହାର କରି ସାଧନକର୍ମୀମାନେ ପ୍ରାଥମିକ ଶିକ୍ଷକମାନଙ୍କର ପ୍ରଶିକ୍ଷଣ କରିବେ । ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିବ । DIET ର ଶିକ୍ଷକ ପ୍ରଶିକ୍ଷକ ଜିଲ୍ଲା ସାଧନକର୍ମୀମାନଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂଗଠିତ କରିବେ । ଜିଲ୍ଲା ସାଧନକର୍ମୀମାନେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାନଙ୍କର ପ୍ରଶିକ୍ଷଣର ଦାୟିତ୍ଵ ନେବେ।

ଆଶାକରାଯାଏ,ଏହି ପ୍ରଶିକ୍ଷଣ ପେଟିକା ସମସ୍ତ ସାଧନକର୍ମୀଙ୍କୁ ବାଲବାଟିକା ପ୍ରଶିକ୍ଷଣ ଦେବା ପାଇଁ ଶିକ୍ଷକ /ଶିକ୍ଷୟିତ୍ରୀମାନଙ୍କୁ ବାଲବାଟିକା ଶ୍ରେଣୀ ପରିଚାଳନା କରିବା ପାଇଁ ସାହାଯ୍ୟ କରିବ ।

# କାର୍ଯ୍ୟସୂଚୀ

| ଅଧିବେଶନ / ଦିବସ | ପ୍ରଥମ (୧୦:୦୦ ରୁ ୧୧:୩୦ ) | ଦ୍ୱିତୀୟ (୧୧:୩୦ ରୁ ୧:୦୦) | ୧:୦୦ ରୁ ୨:୦୦ | ତୃତୀୟ (୨:୦୦ ରୁ ୩:୩୦) | ଚତୁର୍ଥ (୩:୩୦ ରୁ ୫:୦୫) |
|---|---|---|---|---|---|
| ପ୍ରଥମ ଦିବସ | ପରିଚୟ ପ୍ରଦାନ, ଉଦ୍ଦେଶ୍ୟ ଜ୍ଞାପନ ଓ ପ୍ରାକ- ପରୀକ୍ଷଣ | ଜାତୀୟ ଶିକ୍ଷାନୀତି, ୨୦୨୦ ଓ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାର ଗୁରୁତ୍ୱ | ମଧ୍ୟାହ୍ନ | ପିଲାଙ୍କୁ ଓ ସେମାନଙ୍କ ଶିକ୍ଷଣ ପ୍ରକ୍ରିୟାକୁ ବୁଝିବା | ଜାତୀୟ ପାଠ୍ୟକ୍ରମ ଆଧାର-ମୌଳିକ ସ୍ତର (ବିକାଶର ବିଭିନ୍ନ ଦିଗ, ପାଠ୍ୟକ୍ରମର ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ) |
| ଦ୍ୱିତୀୟ ଦିବସ | ଶାରୀରିକ ବିକାଶ ସମ୍ବନ୍ଧୀୟ କାର୍ଯ୍ୟ (ସାଧନକର୍ମୀଙ୍କ ଦ୍ୱାରା ପ୍ରଦର୍ଶନ ) | ଶାରୀରିକ ବିକାଶ ପାଇଁ ଶିକ୍ଷଣ କାର୍ଯ୍ୟ ଅଂଶ ଗ୍ରହଣକାରୀଙ୍କ ଦ୍ୱାରା ପ୍ରସ୍ତୁତି ଓ ଉପସ୍ଥାପନା | | ସାମାଜିକ, ଆବେଗିକ ଓ ନୈତିକ ବିକାଶ (ସାଧନକର୍ମୀଙ୍କ ଦ୍ୱାରା ପ୍ରଦର୍ଶନ ) | ସାମାଜିକ, ଆବେଗିକ ଓ ନୈତିକ ବିକାଶ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା |
| ତୃତୀୟ ଦିବସ | ବୌଦ୍ଧିକ ବିକାଶ (ସାଧନକର୍ମୀଙ୍କ ଦ୍ୱାରା ପ୍ରଦର୍ଶନ ) | ବୌଦ୍ଧିକ ବିକାଶ - ଅଂଶଗ୍ରହଣକାରୀଙ୍କ ଦ୍ୱାରା ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା | ଭୋଜନ | ଭାଷାଗତ ବିକାଶ (ସାଧନକର୍ମୀଙ୍କ ଦ୍ୱାରା ପ୍ରଦର୍ଶନ ) | ଭାଷାଗତ ବିକାଶ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା |
| ଚତୁର୍ଥ ଦିବସ | ସୌନ୍ଦର୍ଯ୍ୟବୋଧ ଓ ସୃଜନଶୀଳତାର ବିକାଶ (ସାଧନକର୍ମୀଙ୍କ ଦ୍ୱାରା ପ୍ରଦର୍ଶନ ) | ସୌନ୍ଦର୍ଯ୍ୟବୋଧ ଓ ସୃଜନଶୀଳତାର ଅଂଶଗ୍ରହଣକାରୀଙ୍କ ଦ୍ୱାରା ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା | | ଶିକ୍ଷଣ ସାମଗ୍ରୀ (ଯାଦୁ ପେଡି ଓ ଇ-ଯାଦୁଇ ପିଟାରା ଆପ | ଗୋଷ୍ଠୀ ସମ୍ପୃକ୍ତି |
| ପଞ୍ଚମ ଦିବସ | କାର୍ଯ୍ୟ ପୁସ୍ତିକା ଓ ଶିକ୍ଷକ ସହାୟକ ପୁସ୍ତିକାର ବ୍ୟବହାର | ମାନନିର୍ଦ୍ଧାରଣ | ବିରତି | କାର୍ଯ୍ୟ ଯୋଜନା ଓ ଶ୍ରେଣୀ ପରିଚାଳନା ଦୈନିକ କାର୍ଯ୍ୟ ନିର୍ଘଣ୍ଟ | ସଂକ୍ଷେପଣ ଓ ପରବର୍ତ୍ତୀ ପରୀକ୍ଷଣ |

# ପରିଚୟ ପ୍ରଦାନ,ଅଭିଜ୍ଞତା ବିନିମୟ,ପ୍ରାକ୍ ପରୀକ୍ଷଣ,ଦାୟିତ୍ୱ ବଣ୍ଟନ ଓ ପ୍ରଶିକ୍ଷଣରୁ ପ୍ରତ୍ୟାଶା

**ପ୍ରଥମ ଦିବସ-**

**ପ୍ରଥମ ଅଧିବେଶନ-** **ସମୟ-୧ଘ.୩୦ମିନିଟ୍**

**ପ୍ରତ୍ୟାଶିତ ଫଳାଫଳ -**

- ପରସ୍ପର ସହିତ ପରିଚିତ ହେବେ 
- ପ୍ରଶିକ୍ଷଣ ଶିବିରର ସୁପରିଚାଳନା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବେ ।

**ସୋପାନ:-୧ : ପରିଚୟ ପ୍ରଦାନ ଓ ଅଭିଜ୍ଞତା ବିନିମୟ** **(ସମୟ – ୩୫ ମିନିଟ୍)**

ଅଂଶଗ୍ରହଣକାରୀମାନେ ନିଜର ପରିଚୟ ଦେବେ ଓ ନିପୁଣ ଓଡ଼ିଶା (ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମର) କେଉଁ ସବୁ କାର୍ଯ୍ୟ କରୁଛନ୍ତି କହିବେ | (ସାଧନକର୍ମୀ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ନିପୁଣ ଓଡ଼ିଶାର ଯେକୌଣସି ଗୋଟିଏ କାର୍ଯ୍ୟ ଉପରେ କହିବାକୁ କହିବେ )

**ସୋପାନ:-୨ : ପ୍ରାକ୍ ପରୀକ୍ଷଣ** **(ସମୟ – ୧୫ ମିନିଟ୍ )**

- ଅଂଶଗ୍ରହଣାକାରୀମାନେ ବ୍ୟକ୍ତିଗତ ଭାବରେ ପ୍ରାକ୍ ପରୀକ୍ଷଣ ପ୍ରଶ୍ନର ଉତ୍ତର ଦେବେ | (ପ୍ରାକ ପରୀକ୍ଷଣର ଉତ୍ତର ଗୁଗୁଲ ଫର୍ମରେ ପୂରଣ କରିବେ)
- Annexture -1 (Pre-post Test Questions)

**ସୋପାନ:-୩: ଦାୟିତ୍ୱ ବଣ୍ଟନ** (ଖୋଲା ଆଲୋଚନା) **(ସମୟ – ୧୦ ମିନିଟ୍ )**

- ପ୍ରଶିକ୍ଷଣ ଶିବିରର ସଫଳ ପରିଚାଳନା ପାଇଁ କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେବା ?
- ଦଳଗତ ଓ ଦାୟିତ୍ୱ ବଣ୍ଟନ

| କାର୍ଯ୍ୟ / ଦିବସ | ବିବରଣୀ ଲିଖନ | ମୁଖ୍ୟାଂଶ ଲିଖନ | ପ୍ରାଚୀର ପତ୍ର | ପରିଷ୍କାର ପରିଚ୍ଛନ୍ନତା | ଶୃଙ୍ଖଳା |
|---|---|---|---|---|---|
| ପ୍ରଥମ | ୧ | ୨ | ୩ | ୪ | ୫ |
| ଦ୍ଵିତୀୟ | ୨ | ୩ | ୪ | ୫ | ୧ |
| ତୃତୀୟ | ୩ | ୪ | ୫ | ୧ | ୨ |
| ଚତୁର୍ଥ | ୪ | ୫ | ୧ | ୨ | ୩ |
| ପଞ୍ଚମ | ୫ | ୧ | ୨ | ୩ | ୪ |

**ସୋପାନ:-୪: ପ୍ରଶିକ୍ଷଣରୁ ପ୍ରତ୍ୟାଶା (ବ୍ୟକ୍ତିଗତ କାର୍ଯ୍ୟ ଓ ଆଲୋଚନା)** **(ସମୟ – ୩୦ ମିନିଟ୍)**

- ସାଧନକର୍ମୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପଚାରିବେ, ଏହି ପ୍ରଶିକ୍ଷଣରୁ ଆପଣମାନଙ୍କର ପ୍ରତ୍ୟାଶା କ'ଣ ? ସମସ୍ତଙ୍କ ଉତ୍ତରକୁ କଳାପଟାରେ ଲେଖିବେ |
- ସାଧନକର୍ମୀ ୫ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଅଧିବେଶନର କାର୍ଯ୍ୟସୂଚୀ ଆଲୋଚନା କରିବେ |

# ଜାତୀୟ ଶିକ୍ଷାନୀତି, ୨୦୨୦ ଓ ଆଦ୍ୟ ଶୈଶବ ପ୍ରଯତ୍ନ ଓ ଶିକ୍ଷାର ଗୁରୁତ୍ୱ

**ପ୍ରଥମ ଦିବସ**

**ଦ୍ୱିତୀୟ ଅଧିବେଶନ** **୧ ଘଣ୍ଟା ୩୦ ମିନିଟ୍**

**ପୃଷ୍ଠଭୂମି:**

ଜାତୀୟ ଶିକ୍ଷାନୀତି, ୨୦୨୦ରେ ଶିଶୁର ଶାରୀରିକ ଓ ମାନସିକ ସୁସ୍ଥତା ଓ ବିକାଶ ନିମିତ୍ତ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାର ଗୁରୁତ୍ୱ ବିଷୟରେ କୁହାଯାଇଛି । ଆଦ୍ୟ ଶୈଶବ ଅବସ୍ଥାରେ ଶିଶୁର ପ୍ରାରମ୍ଭିକ ବିକାଶ, ଭାବ ବିନିମୟ ଦକ୍ଷତାର ବିକାଶ ଓ ପରିବେଶ ସହିତ ସମ୍ପର୍କ ସ୍ଥାପନ ତା'ର ବିଦ୍ୟାଳୟ ପ୍ରବେଶକୁ ସୁଗମ କରିଥାଏ । ପ୍ରାକ ବିଦ୍ୟାଳୟର ତୃତୀୟ ବର୍ଷ (୫-୬ ବର୍ଷ) କୁ ବାଲବାଟିକା ଶ୍ରେଣୀ ଭାବରେ ସ୍ଥିର କରାଯାଇଛି | ଏହି ପର୍ଯ୍ୟାୟରେ ଶିଶୁ ପ୍ରିୟ ଉପାଦାନର ଉପଯୋଗ କରି ଶିଶୁ କୈନ୍ଦ୍ରିକ କାର୍ଯ୍ୟ କରିବା ଫଳରେ ଶିଶୁମାନେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଦକ୍ଷତା ହାସଲ କରନ୍ତି । ଏହି ଜ୍ଞାନ ଶିଶୁମାନଙ୍କର ଏକ ଦୃଢ଼ ମୂଳଦୂଆ ପ୍ରସ୍ତୁତ କରି ତାଙ୍କର ବିଦ୍ୟାଳୟ ଶିକ୍ଷାରେ ପ୍ରବେଶକୁ ସୁଗମ କରେ ।

**ପ୍ରତ୍ୟାଶିତ ଫଳାଫଳ:**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ:

- ଜାତୀୟ ଶିକ୍ଷାନୀତି, ୨୦୨୦ରେ ପ୍ରସ୍ତାବିତ ଶିକ୍ଷଣ ଢାଞ୍ଚାକୁ ବର୍ଣ୍ଣନା କରିବେ ।
- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାର ଗୁରୁତ୍ୱ ଓ ରୂପରେଖ ସମ୍ପର୍କରେ କହିବେ ।
- ଆମ ରାଜ୍ୟରେ ବାଲବାଟିକାର କାର୍ଯ୍ୟକାରିତା ବିଷୟରେ କହିବେ ।

**ସକ୍ରିୟାତ୍ମକ କାର୍ଯ୍ୟ** – ଖେଳ (୫ ମିନିଟ)

**ସାଧନକର୍ମୀ ଯେକୌଣସି ଏକ ଖେଳ କରିବେ ।**

**ସୋପାନ-୦୧ ଖୋଲା ଆଲୋଚନା** **(୨୫ ମିନିଟ୍)**

ସାଧନକର୍ମୀ ଲିଙ୍କରେ ଦିଆଯାଇଥିବା ଭିଡ଼ିଓଟି ଦେଖାଇବେ □ (https://www.youtube.com/watch?v=mwupKbLINyE) , ତତ୍‌ପରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ପଚାରି ଆଲୋଚନାକୁ ଆଗେଇ ନେବେ □

ପ୍ରଶ୍ନ-

୧. ଭିଡିଓରେ ଆପଣମାନେ କ'ଣ ସବୁ ଦେଖିଲେ?

୨. ଭିଡିଓରେ ପିଲାମାନଙ୍କ ପାଇଁ କେଉଁସବୁ କାମର ସୁଯୋଗ ଥିଲା ?

୩. ଏହି କାମ ଗୁଡିକ କେଉଁ ବୟସର ପିଲାଙ୍କ ପାଇଁ ଉପଯୁକ୍ତ?

**ସୋପାନ-୦୨ : ଖୋଲା ଆଲୋଚନା** **(୨୫ ମିନିଟ୍)**

ସାଧନକର୍ମୀ ଅଂଶ ଗ୍ରହଣକାରୀଙ୍କୁ ଜାତୀୟ ଶିକ୍ଷାନୀତି, ୨୦୨୦ରେ ନୂତନ ଶୈକ୍ଷିକ ଓ ପାଠ୍ୟକ୍ରମ ଢାଞ୍ଚାକୁ ଦେଖାଇ ନିମ୍ନ ପ୍ରଶ୍ନଗୁଡ଼ିକ ମାଧ୍ୟମରେ ଖୋଲା ଆଲୋଚନା କରିବେ । ଏଥିପାଇଁ ଅଂଶଗ୍ରହଣକାରୀଙ୍କୁ ତଥ୍ୟଫର୍ଦ୍ଦ -୧ ଦେବେ ।

**ପ୍ରଶ୍ନ**

୧. ଜାତୀୟ ଶିକ୍ଷାନୀତି ୨୦୨୦ ପୂର୍ବରୁ ଶୈକ୍ଷିକ ଢାଞ୍ଚା କିପରି ଥିଲା?

୨. ଜାତୀୟ ଶିକ୍ଷାନୀତି.-୨୦୨୦ ଅନୁଯାୟୀ ଶୈକ୍ଷିକ ଢାଞ୍ଚାର ସ୍ୱରୂପ କ'ଣ?

୩.	ଏହି ଦୁଇଟି  ଢାଞ୍ଚା ମଧ୍ୟରେ କି ପାର୍ଥକ୍ୟ ରହିଛି ?
୪.	ବାଲବାଟିକା କେଉଁ ପର୍ଯ୍ୟାୟ ସହ ସମ୍ପର୍କିତ?
୫.	ବାଲବାଟିକା ଶ୍ରେଣୀ କହିଲେ କ'ଣ ବୁଝୁଛନ୍ତି ?
୬ .	ବାଲବାଟିକାକୁ ବିଦ୍ୟାଳୟ ଶିକ୍ଷା ସହ ଯୋଡ଼ିବାର ମହତ୍ତ୍ୱ କ'ଣ?

**ସୋପାନ-୦୩ :  (ଦଳଗତ କାର୍ଯ୍ୟ ଓ ଆଲୋଚନା)		(୩୦ ମିନିଟ୍)**

ଅଂଶଗ୍ରହଣକାରୀଙ୍କୁ ଛଅଟି ଦଳରେ ବିଭକ୍ତ କରାଯିବ । ବୃତ୍ତାକାରରେ ବସିବେ । ପ୍ରତ୍ୟେକ ଦଳକୁ "ଆଦ୍ୟ ଶୈଶବର ଯତ୍ନ ଓ ଶିକ୍ଷା: ଶିକ୍ଷାର ମୂଳଦୁଆ" ସମ୍ପର୍କିତ ତଥ୍ୟ ଫର୍ଦ୍ଦ-୨ ଦେଇ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ସୂଚନା ଦିଆଯିବ । ଦଳରେ ଆଲୋଚନା କରି ନିଜ ନିଜ ଖାତାରେ ଲେଖିବେ ଓ ଦଳଗତ ଉପସ୍ଥାପନ କରିବେ ।

**(ଦଳ ୧ ଓ ୨-ପ୍ରଶ୍ନ ୧	ଦଳ ୩ ଓ ୪-ପ୍ରଶ୍ନ ୨		ଦଳ ୫ ଓ ୬-ପ୍ରଶ୍ନ ୩)**


ପ୍ରଶ୍ନ-
୧.	ତଥ୍ୟ ଫର୍ଦ୍ଦ-୨ ରେ କ'ଣ ସବୁ କୁହାଯାଇଛି?
୨.	ଆଦ୍ୟ ଶୈଶବ ଶିକ୍ଷାକୁ ବିଦ୍ୟାଳୟ ଶିକ୍ଷାରେ ଅନ୍ତର୍ଭୁକ୍ତ କରିବାର ଯଥାର୍ଥତା କଣ ?
୩.	ଓଡ଼ିଶାରେ ବାଲବାଟିକା ଶ୍ରେଣୀ କିପରି କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରହିଛି ?

**ସୋପାନ-୪ : ସଂକ୍ଷେପଣ (ସାମୂହିକ ଆଲୋଚନା)		(୫ ମିନିଟ୍)**

୧.	ଏ ଅଧିବେଶନରେ ଆମେ କେଉଁ ସବୁ ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କଲେ?

# ସାଧନକର୍ମୀ ପାଇଁ ସୂଚନା

## ତଥ୍ୟଫର୍ଦ୍ଦ -୧ (ପାଠ୍ୟକ୍ରମ ଢାଞ୍ଚା)



ଜାତୀୟ ଶିକ୍ଷା ନୀତି ୨୦୨୦

### ଭାଗ ୧ : ବିଦ୍ୟାଳୟ ଶିକ୍ଷା

ଏହି ନୀତିରେ ପରିକଳ୍ପନା କରାଯାଇଛି ଯେ, ବିଦ୍ୟାଳୟ ଶିକ୍ଷାରେ ବର୍ତ୍ତମାନର ୧୦+୨ ଢାଞ୍ଚାକୁ ପରିବର୍ତ୍ତନ କରାଯାଇ ୩-୧୮ ବର୍ଷ ମଧ୍ୟରେ ଏକ ନୂଆ **୫+୩+୩+୪ ଶୈକ୍ଷଣିକ ଓ ପାଠ୍ୟକ୍ରମ ଢାଞ୍ଚା** ଲାଗୁ କରାଯିବ, ଯାହାକୁ ତଳେ ଚିତ୍ର ମାଧ୍ୟମରେ ଦର୍ଶାଯାଇଛି ଏବଂ ୪ର୍ଥ ଅଧ୍ୟାୟରେ ବିଶଦ ଭାବେ ବର୍ଣ୍ଣନା କରାଯାଇଛି ।



**ବର୍ତ୍ତମାନର ୧୦+୨ ଢାଞ୍ଚାରେ ୩-୬ ବର୍ଷର ଶିଶୁମାନଙ୍କୁ ସାମିଲ କରାଯାଇ ନାହିଁ, କାରଣ ୬ ବର୍ଷ ବୟସରେ ପ୍ରଥ ଆରମ୍ଭ ହୋଇଥାଏ । ନୂଆ ୫+୩+୩+୪ ଢାଞ୍ଚାରେ ୩-୬ ବର୍ଷ ମଧ୍ୟର ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାର Childhood Care and Education: ECCE) ଏକ ସୁଦୃଢ ମୂଳଦୁଆ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଶିକ୍ଷା, ବିକାଶ ଓ କଲ୍ୟାଣକୁ ପ୍ରୋତ୍ସାହିତ କରିବ ।**

ଉତ୍ତର- ୧. ୧୦+୨+୩

୨. ୫+୩+୩+୪

୩. ବାଲବାଟିକା ପ୍ରାରମ୍ଭିକ / ମୌଳିକ ପର୍ଯ୍ୟାୟ ସହିତ ସମ୍ପର୍କିତ

୪. ବାଲବାଟିକାର ଅର୍ଥ ହେଉଛି ୫-୬ ବର୍ଷ ଶିଶୁଙ୍କ ପାଇଁ ବିଦ୍ୟାଳୟସ୍ତରରେ ଖେଳଭିତ୍ତିକ ଶିକ୍ଷଣ ଦ୍ୱାରା ସେମାନଙ୍କର ସାମଗ୍ରିକ ବିକାଶ କରାଇବା |

୫. ପିଲାମାନଙ୍କୁ ବିଦ୍ୟାଳୟ ଶିକ୍ଷା ପାଇଁ ପ୍ରସ୍ତୁତ ନିମନ୍ତେ ବାଲବାଟିକା ଗୁରୁତ୍ୱପୂର୍ଣ୍ଣ |

**ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା : ଶିକ୍ଷାର ମୂଳଦୁଆ**

ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (Early Child Care and Education - ECCE) ଏକ ସ୍ୱତନ୍ତ୍ର ପରିବେଶ ମଧ୍ୟରେ ଯତ୍ନ, ସ୍ୱାସ୍ଥ୍ୟ, ପୁଷ୍ଟି, ଖେଳ ଏବଂ ପ୍ରାରମ୍ଭିକ ଶିକ୍ଷାର ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରେ । ଇ.ସି.ସି.ଇର ଉଦ୍ଦେଶ୍ୟ ହେଉଛି ଶିଶୁର ପୂର୍ଣ୍ଣ ସାମର୍ଥ୍ୟରେ ବିକାଶକୁ ସୁଗମ କରି ପିଲାର ସର୍ବାଙ୍ଗୀନ ବିକାଶ ପାଇଁ ମୂଳଦୁଆ ପକାଇବା । ୩ ରୁ ୬ ବର୍ଷ ବୟସର ଅଙ୍ଗନୱାଡ଼ି ପିଲାଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରିବା ଓ ସେମାନଙ୍କୁ ପ୍ରଥମ ଶ୍ରେଣୀରୁ ଆନୁଷ୍ଠାନିକ ଶିକ୍ଷା ପାଇଁ ପ୍ରସ୍ତୁତ କରିବା ।

ଶିଶୁ ମସ୍ତିଷ୍କର ୮୫%ରୁ ଅଧିକ ବିକାଶ ୬ବର୍ଷ ପୂର୍ବରୁ ଘଟିଥାଏ । ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଲାଭ କରିବାର ସାମର୍ଥ୍ୟ ଦେଇଥାଏ । ଏହା ଫଳରେ ସୁନିଶ୍ଚିତ କରାଯାଇ ପାରିବ ଯେ ପ୍ରତ୍ୟେକ ଶିକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଯୋଗ ଦେବାକୁ ପ୍ରସ୍ତୁତ ଅଛନ୍ତି ।

ଆଦର୍ଶ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (ଇ.ସି.ସି.ଇ) କାର୍ଯ୍ୟକ୍ରମ, ନମନୀୟ, ବହୁମୁଖୀ, କ୍ରିଡ଼ାଭିତ୍ତିକ, ଶିକ୍ଷଣକାର୍ଯ୍ୟ ଆଧାରିତ ଶିକ୍ଷା | ଇ.ସି.ସି.ଇର ସାମଗ୍ରିକ ଲକ୍ଷ୍ୟ ହେଉଛି ଶାରୀରିକ ଓ ମାଂସପେଶୀୟ ବିକାଶ, ସାଂସ୍କୃତିକ ବିକାଶ ଏବଂ ଭାବ ବିନିମୟ, ପ୍ରାରମ୍ଭିକ ଭାଷା, ସାକ୍ଷରତା ଏବଂ ସଂଖ୍ୟାଜ୍ଞାନର ବିକାଶରେ ସର୍ବୋତ୍କୃଷ୍ଟ ଫଳାଫଳ ହାସଲ କରିବା ।

ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିବ, ଯେଉଁଥିରେ ୦-୩ବର୍ଷ, ୩-୮ବର୍ଷ ନିମନ୍ତେ ପୃଥକ ଉପଧାରା ରହିବ ।

ଆଦ୍ୟ-ଶୈଶବ ଓ ଯତ୍ନ ଓ ଶିକ୍ଷାକୁ ଉଲ୍ଲେଖନୀୟ, ବିସ୍ତାରିତ ତଥା ସୁଦୃଢ଼ ବ୍ୟବସ୍ଥା ମାଧ୍ୟମରେ ପ୍ରଦାନ କରାଯିବ । ଯେଉଁଥିରୁ ଏକାକୀ ଅବସ୍ଥିତ ଥିବା ଅଙ୍ଗନୱାଡ଼ି, ପ୍ରାଥମିକ ବିଦ୍ୟାଳୟ ସହିତ ସହ-ଅବସ୍ଥିତ ଅଙ୍ଗନୱାଡ଼ି, ପ୍ରାଥମିକ ବିଦ୍ୟାଳୟ ସହିତ ଅତି କମ୍‌ରେ ୫-୬ବର୍ଷ ବୟସକୁ ଅନ୍ତର୍ଭୁକ୍ତ କରୁଥିବା ପ୍ରାକ୍ ପ୍ରାଥମିକ ବିଦ୍ୟାଳୟ ଓ ଏକାକୀ ଅବସ୍ଥିତ ପ୍ରାକ୍ – ବିଦ୍ୟାଳୟମାନ ଅନ୍ତର୍ଭୁକ୍ତ ହେବେ । ଇ.ସି.ସି.ଇ ପ୍ରଶିକ୍ଷିତ ଶିକ୍ଷକମାନେ ନିଯୁକ୍ତ ହେବେ ।

ସାର୍ବଜନୀନ ଭାବେ ଇ.ସି.ସି.ଇ ଉପଲବ୍ଧ ପାଇଁ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା / ଶିକ୍ଷଣ ପରିବେଶ ରହିବ, ଯାହାଦ୍ୱାରା ଅଙ୍ଗନୱାଡ଼ି କେନ୍ଦ୍ରରୁ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର ହେବା ସହଜ ହେବ |

ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ, ପ୍ରତ୍ୟେକ ପିଲା ପ୍ରାକ୍-ବିଦ୍ୟାଳୟ ସ୍ତରରେ ଏକ ପ୍ରସ୍ତୁତି ଶ୍ରେଣୀ / ବାଲ୍‌ବାଟିକା / କ୍ରୀଡ଼ା ଶ୍ରେଣୀରେ ପ୍ରବେଶ କରିବେ, ଯେଉଁଠି ଜଣେ ଆଦ୍ୟ-ଶୈଶବ ପ୍ରଯତ୍ନ ଓ ଶିକ୍ଷାର ଶିକ୍ଷକ ଉପଲବ୍ଧ ଥିବେ□ ଏଠାକାର କାର୍ଯ୍ୟଗୁଡ଼ିକ କ୍ରୀଡ଼ା ଆଧାରିତ ହେବ, ଯେପରି ଜ୍ଞାନାତ୍ମକ, ଭାବାତ୍ମକ ଏବଂ କ୍ରିୟାତ୍ମକ ଦକ୍ଷତାର ବିକାଶ ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ ନିମନ୍ତେ ଶିଶୁକୁ ପ୍ରସ୍ତୁତ କରିହେବ । ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଓ ଅଙ୍ଗନବାଡ଼ିର ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ଅଭିବୃଦ୍ଧି ତଦାରଖ କାର୍ଯ୍ରକ୍ରମ ଏମାନଙ୍କ ନିମନ୍ତେ ଉପଲବ୍ଧ ହେବ ।

୧୦+୨ ଏବଂ ଅଧିକ ଯୋଗ୍ୟତା ଥିବା ଅଙ୍ଗନବାଡି କର୍ମୀ / ଶିକ୍ଷକଙ୍କୁ ଇ.ସି.ସି.ଇରେ ଏକ ୬ ମାସିଆ ପ୍ରମାଣ ପତ୍ର କାର୍ଯ୍ରକ୍ରମ ଦିଆଯିବ ଏବଂ ନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ଲୋକଙ୍କୁ ଏକ ବର୍ଷିଆ ଡିପ୍ଲୋମା କାର୍ଯ୍ୟକ୍ରମ ଦିଆଯିବ ।

ଆଦିବାସୀ ଅଞ୍ଚଳରେ ଥିବା ଆଶ୍ରମଶାଳାମାନଙ୍କରେ ଏକ ବିକଳ୍ପ ବିଦ୍ୟାଳୟରେ ସମସ୍ତ ପ୍ରକାରର କାମ ଇ.ସି.ସି.ଇ ପ୍ରବର୍ତ୍ତିତ ହେବ ।

ଆଦ୍ୟ-ଶୈଶବ ଯତ୍ନ ଓ ଶିକ୍ଷାର ପାଠ୍ୟକ୍ରମ ଓ ଶିକ୍ଷଣ କାର୍ଯ୍ୟକ୍ରମର ଦାୟିତ୍ୱ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ (ଏମ୍.ଏଚ୍.ଆର୍.ଡି), ମହିଳା ଓ ଶିଶୁ ବିକାଶ (ଡବ୍ଲୁ.ସି.ବି.) ମନ୍ତ୍ରଳୟ, ସ୍ୱାସ୍ଥ୍ୟ ଓ ପରିବାର (ଏଚ୍.ଡବ୍ଲୁ.ଡି) ମନ୍ତ୍ରାଳୟ ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା କରାଯିବ ।

ଆମ ରାଜ୍ୟ ସରକାରଙ୍କ ଅନୁମୋଦନ ଅନୁଯାୟୀ ୫-୬ ବୟସ ପିଲାମାନଙ୍କର ଶିକ୍ଷା ଦାୟିତ୍ୱ  ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ହାତକୁ ନେଇଛି |

ଆମ ରାଜ୍ୟରେ ବାଲବାଟିକା ଶ୍ରେଣୀକୁ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରାଯିବାର ପ୍ରସ୍ତାବ ରହିଛି | ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶ୍ରେଣୀରେ ପଢାଉଥିବା ଶିକ୍ଷକ ବାଲବାଟିକା ଶ୍ରେଣୀର ପରିଚାଳନା ଦାୟିତ୍ୱରେ ରହିବେ |ଶିକ୍ଷକ ବିଭିନ୍ନ ଆଞ୍ଚଳିକ ସାମଗ୍ରୀ ,ଗୀତ,ଗପ,ଢଗଢମାଳି ଇତ୍ୟାଦି ବ୍ୟବହାର କରି ଖେଳ ଆଧାରିତ ଶିକ୍ଷଣ କାର୍ଯ୍ୟ ପରିଚାଳନା କରିବେ |ବାଲବାଟିକା ଶ୍ରେଣୀ ପରିଚାଳନା କରିବାପାଇଁ ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ରଖାଯାଇଛି |

# ବାଲବାଟିକା ପିଲାଙ୍କୁ ଓ ପିଲାଙ୍କ ଶିକ୍ଷଣ ପ୍ରକ୍ରିୟାକୁ ବୁଝିବା

**ଦିବସ -ପ୍ରଥମ**

**ଅଧିବେଶନ-ତୃତୀୟ** **ସମୟ-୧ଘଣ୍ଟା ୩୦ ମିନିଟ୍**

**ପୃଷ୍ଠଭୂମି:-** ଆମ ରାଜ୍ୟ ସରକାରଙ୍କ ଅନୁମୋଦନ ଅନୁଯାୟୀ ୫ ରୁ ୬ ବର୍ଷ ପିଲାଙ୍କର ଶିକ୍ଷା ଦାୟିତ୍ୱ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ହାତକୁ ନେଇଛନ୍ତି |ଶିକ୍ଷାବର୍ଷ ୨୦୨୫-୨୬ ରୁ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ବାଲବାଟିକା ଶ୍ରେଣୀ କାର୍ଯ୍ୟକାରୀ କରାଯିବ | ସେଥିପାଇଁ ଶ୍ରେଣୀଗୃହ ପରିଚାଳନା ଓ ଶିକ୍ଷଣ-ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଶିକ୍ଷକ ବାଲବାଟିକା ପିଲାମାନଙ୍କୁ ଓ ସେମାନଙ୍କର ଶିକ୍ଷଣ ପ୍ରକ୍ରିୟାକୁ ବୁଝିବା ନିତାନ୍ତ ଆବଶ୍ୟକ |ଏହି ଅଧିବେଶନରେ ପିଲାଙ୍କର ସ୍ୱଭାବ ଓ ଶିକ୍ଷଣ ପ୍ରକ୍ରିୟା ବିଷୟରେ ଆଲୋଚନା କରାଯାଉଛି |

**ପ୍ରତ୍ୟାଶିତ ଫଳାଫଳ :-**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀ -

- ପିଲାମାନଙ୍କର ସ୍ୱଭାବକୁ ବୁଝାଇବେ |
- ବାଲବାଟିକା ପିଲାମାନଙ୍କର ଶାରୀରିକ, ସାମାଜିକ, ଆବେଗିକ, ବୌଦ୍ଧିକ, ଭାଷାଗତ ଓ  ସୃଜନଶୀଳତା ବିକାଶର ବିଭିନ୍ନ ଲକ୍ଷଣଗୁଡିକୁ ଚିହ୍ନଟ କରିବେ |
- ବାଲବାଟିକା ପିଲାମାନଙ୍କର ଶିଖିବାର ପ୍ରକ୍ରିୟାଗୁଡିକୁ ବର୍ଣ୍ଣନା କରିବେ |

**ସୋପାନ-୧** (ବ୍ୟକ୍ତିଗତ କାର୍ଯ୍ୟ) **ସମୟ-୩୦ ମିନିଟ୍**

ସାଧନକର୍ମୀ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରୁ ୪ ରୁ ୬ ଜଣଙ୍କୁ ଡାକିବେ |ପ୍ରତ୍ୟେକଙ୍କୁ ଗୋଟିଏ କାଗଜ ଚିଟ୍ ଉଠେଇବାକୁ କହିବେ | ସେମାନେ କାଗଜ ଚିଟ୍ ରେ ଲେଖାଥିବା କାର୍ଯ୍ୟକୁ ଅଭିନୟ କରି ଦେଖାଇବେ |ଅଭିନୟ ପରେ ସାଧନକର୍ମୀ ପ୍ରଶ୍ନ-୧ଓ ୨ ପଚାରିବେ |

**(ଚିତ୍ରଆଙ୍କିବା / ରଙ୍ଗଦେବା, ଦଉଡ଼ି ଡିଆଁ ଖେଳିବା, ବାଲିରେ ଘରକରିବା , କଣ୍ଢେଇ ସହ ଖେଳିବା, ବେଙ୍ଗ ପରି ଡେଇଁବା, ରୁଟି ବେଲିବା) – ଚିଟରେ ଉପରୋକ୍ତ କାର୍ଯ୍ୟର ନାମ ଲେଖାଯିବ|)**

ପ୍ରଶ୍ନ -୧ ଏହି କାର୍ଯ୍ୟଗୁଡିକ ସାଧାରଣତଃ କେଉଁ ବୟସର ପିଲା କରିଥାଆନ୍ତି ?

ପ୍ରଶ୍ନ ୨ – ଏହି କାର୍ଯ୍ୟ ଦ୍ୱାରା ପିଲାଙ୍କର କେଉଁ ସବୁ ସ୍ୱଭାବର ସୂଚନା ମିଳୁଛି ?

ଉପରୋକ୍ତ ପ୍ରଶ୍ନର ଆଲୋଚନା ପରେ ସାଧନ କର୍ମୀ ପିଲାମାନେ କରୁଥିବା କାମ ଗୁଡିକର ଏକ ସାରଣୀ ପ୍ରତ୍ୟେକ ଦଳକୁ ଦେବେ | ଅଂଶଗ୍ରହଣକାରୀ ଦଳରେ ଆଲୋଚନାକରି କାର୍ଯ୍ୟଗୁଡିକ କେଉଁ ଲକ୍ଷଣଗୁଡ଼ିକୁ ସୂଚାଉଛି ତାହା ଲେଖିବେ  |

ଦଳଗତ କାର୍ଯ୍ୟ ----------- ଉପସ୍ଥାପନା---------------ଆଲୋଚନା

සାରଣୀ

ସାରଣୀ

| ପିଲାମାନେ କରୁଥିବା କାମ | ପିଲାର ସ୍ୱଭାବ |
|---|---|
| ପିଲାମାନେ ବାପା ଓ ମା' ହୋଇ ଖେଳିଥାନ୍ତି | ଅନୁକରଣ ପ୍ରିୟ |
| କଣ୍ଢେଇ ବାହାଘର କରିଥା'ନ୍ତି | |
| ସଢେଇରେ ଭାତ, ଡାଲି ରାନ୍ଧି ଥା'ନ୍ତି | |
| TV ରେ କାର୍ଟୁନ ଦେଖିବାକୁ ଭଲ ପାନ୍ତି | |
| ପରି ରାଇଜର ଗପ ଶୁଣିବାକୁ ଭଲ ପାନ୍ତି | |
| କାନ୍ଥରେ ଗାରେଇ ଥାନ୍ତି | |
| ଜିନିଷକୁ ଭାଙ୍ଗନ୍ତି ଓ ଗଢ଼ନ୍ତି | |

**ସୋପାନ -୨**

**କାର୍ଯ୍ୟ -୧** (ଖୋଲା ଆଲୋଚନା) **ସମୟ- ୪୦ ମିନିଟ୍**

ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କ ସହିତ ନିମ୍ନଲିଖିତ ପ୍ରଶ୍ନ ଆଧାରରେ ଆଲୋଚନା କରିବେ | (ସାଧନକର୍ମୀ ଅଂଶଗ୍ରହଣକାରୀଙ୍କ ମତାମତକୁ black board /White Board ଲେଖିବେ)

**ପ୍ରଶ୍ନ -୧** ୫ ବର୍ଷରୁ ୬ ବର୍ଷ ବୟସର ପିଲାମାନେ କେଉଁ ସବୁ କାମ କରିବାକୁ ଭଲ ପାଆନ୍ତି ଓ କେଉଁ ସବୁ କାମକୁ ଭଲ ପାଆନ୍ତି ନାହିଁ ?

**ପ୍ରଶ୍ନ -୨** ପିଲାମାନଙ୍କୁ ଭଲ ଲାଗୁଥିବା କାମ ଗୁଡିକ ସେମାନଙ୍କର କେଉଁ ଦିଗର ବିକାଶ ସହ ସମ୍ପର୍କିତ ?

ପ୍ରଶ୍ନ -୩ ବାଲବାଟିକା ପିଲାଙ୍କୁ କେଉଁସବୁ ଦୃଷ୍ଟିରୁ ବୁଝିବା ଆବଶ୍ୟକ ?

ପ୍ରଶ୍ନ-୪ ପିଲାଙ୍କୁ ବୁଝିଲେ ଶିକ୍ଷକଙ୍କର କଣ ଲାଭ ହେବ ?

**କାର୍ଯ୍ୟ -୨ ଖୋଲା ଆଲୋଚନା** **ସମୟ-୧୫ ମିନିଟ୍**

**ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ୬ ଟି ଦଳରେ ଭାଗ କରି ତଥ୍ୟପର୍ଦ୍ଦ -୧ ଦେବେ ଓ ଦଳଗତ ଆଲୋଚନା ପରେ ଓ ନିମ୍ନୋକ୍ତ ପ୍ରଶ୍ନ ପଚାରିବେ |**

ପ୍ରଶ୍ନ ) NEP୨୦୨୦ରେ ପିଲାଙ୍କ ଶିକ୍ଷଣ ବିଷୟରେ କଣ କୁହାଯାଇଛି ?

**ସୋପାନ-୩ : ସଂକ୍ଷେପଣ (ସାମୂହିକ ଆଲୋଚନା)** **(୫ ମିନିଟ୍)**

ପ୍ରଶ୍ନ )ଏହି ଅଧିବେଶନ ରୁ ଆମେ କଣ ଜାଣିବାକୁ ପାଇଲେ ?

**---:ସାଧନକର୍ମୀଙ୍କ ପାଇଁ ସୂଚନା:-----**

## ବାଲବାଟିକା ପର୍ଯ୍ୟାୟରେ ପିଲାମାନଙ୍କର ସ୍ୱଭାବ-

- ଶିଶୁମାନେ ଆତ୍ମ-କେନ୍ଦ୍ରୀୟ, ସେମାନେ ସାଧାରଣତଃ ଅନ୍ୟମାନଙ୍କ ଦୃଷ୍ଟିକୋଣ ଦେଖିପାରନ୍ତି ନାହିଁ।
- ସେମାନେ ଖେଳ ଓ କାର୍ଯ୍ୟ କଳାପ ମାଧ୍ୟମରେ ଅଧିକ ଶିଖନ୍ତି।
- ସେମାନେ କୌତୁହଳୀ। ନୂଆ ଜିନିଷ ଜାଣିବା ପାଇଁ ଅତ୍ୟନ୍ତ ଆଗ୍ରହୀ ହୋଇଥାନ୍ତି।
- ପ୍ରଶଂସା ପାଇଲେ ଶିଖିବା ପାଇଁ ଅଧିକ ଆଗ୍ରହୀ ଦେଖାନ୍ତି।
- ସେମାନଙ୍କର ଏକାଗ୍ରତା ଖୁବ କମ୍ ସମୟ ପାଇଁ ରହେ।
- ସେମାନେ ଗତିଶୀଳ ଓ କ୍ରିୟାଶୀଳ, ଦୀର୍ଘ ସମୟ ନୀରବରେ ବସନ୍ତି ନାହିଁ।
- ସେମାନେ ଗପ ଶୁଣିବା ଓ କହିବା ପାଇଁ ଭଲ ପାଆନ୍ତି।
- ସେମାନେ ଆଦର, ସ୍ନେହ ଓ ଯତ୍ନ ଆବଶ୍ୟକ କରନ୍ତି।
- ସେମାନେ କୋମଳମତି ଓ ନମନୀୟ।
- ତାଙ୍କୁ ଭଲ ପାଉଥିବା ଲୋକମାନଙ୍କୁ ସେମାନେ ସହଜରେ ଜାଣିପାରନ୍ତି।
- ସେମାନେ ପରସ୍ପର ସହିତ ଖେଳିଲେ ବା କଥାବାର୍ତ୍ତା କଲେ ଆନନ୍ଦିତ ହୁଅନ୍ତି।
- ସେମାନେ ତାଙ୍କର ସ୍ୱାଧୀନତା ଓ ସ୍ୱତନ୍ତ୍ରତାକୁ ପସନ୍ଦ କରନ୍ତି।
- ବୟସ୍କ ବ୍ୟକ୍ତିଙ୍କ ହସ୍ତକ୍ଷେପକୁ ବା ପ୍ରତିରୋଧକୁ ସେମାନେ ଭଲ ପାଆନ୍ତି ନାହିଁ।
- କୌଣସି ପ୍ରକାରର ଦଣ୍ଡ ବା ସମାଲୋଚନାକୁ ଘୃଣା କରନ୍ତି।
- ସେମାନେ ଅନୁକରଣ ପ୍ରିୟ ଓ

**ଶାରୀରିକ ବିକାଶର ଲକ୍ଷଣ :**

- ଓଜନ ଓ ଉଚ୍ଚତା ବୃଦ୍ଧି (ହାରାହାରି ଉଚ୍ଚତା ୧୧୨)
- ଦୃଢ/ଶକ୍ତ ମାଂସପେଶୀ
- ପାହାଚ, ଗଛ, ସିଡ଼ି ଚଢିବାରେ ଆଗ୍ରହ/ଉଚ୍ଚ ଜାଗାକୁ ଚଢିବା ଓ ଓହ୍ଲେଇବା
- ପେନସିଲ /କଲମ/କାଠିକୁ କଲମ ପରି ଧରି ଅକ୍ଷର ଲେଖିବା/ କାଛ ରେ ଗାରେଇବା
- ଚିତ୍ରରେ ରଙ୍ଗ ଦିଏ
- ଡିଆଁ ଡେଇଁ କରିବା/ନାଚ କରିବାରେ ଆଗ୍ରହ

**ଶାରୀରିକ ବିକାଶ**-ପିଲାମାନଙ୍କୁ ତିନି ବର୍ଷ ହେବା ବେଳକୁ ସେମାନେ ନିଜର ଶାରୀରିକ ଗତିବିଧି ଉପରେ ନିୟନ୍ତ୍ରଣ କରିବା ଆରମ୍ଭ ହୋଇଯାଇଥାଏ |ସେମାନେ ଚାଲିବା କଥାବାର୍ତ୍ତା କରିବା, ନିଜେ ହାତରେ ଖାଇବା, ଛୋଟ ଛୋଟ ଜିନିଷକୁ ବାଛିବା ଇତ୍ୟାଦି କାମ କରିପାରିଥାନ୍ତି |

* ନିଜ ଆଖପାଖର ପରିବେଶ ସମ୍ପର୍କରେ ଅନୁସନ୍ଧାନ କରିବା ଅନ୍ୟ ପିଲା ଏବଂ ବୟସ୍କମାନଙ୍କ ସହିତ ମିଶିବା ଆରମ୍ଭ କରନ୍ତି |ଅନୁକରଣ କରନ୍ତି ଏବଂ ନିଜର ଆବଶ୍ୟକତା ପସନ୍ଦ ଓ ନାପସନ୍ଦ ଜଣାଇବା ପାଇଁ ଭାଷା ଏବଂ ଅଙ୍ଗଭଙ୍ଗୀ ବ୍ୟବହାର କରନ୍ତି |

**ସାମାଜିକ ବିକାଶର ଲକ୍ଷଣ:**

ସହଯୋଗିତା ଆତ୍ମ କେନ୍ଦ୍ରୀୟ

ଦଳୀୟ ମନୋବୃତ୍ତି ସମଷ୍ଟୀଭୁକ୍ତ ହେବା

ଅନୁକରଣ ପାଖ ପଡୋଶୀଙ୍କ ସହ ମିଶିବା

ଅନୁସନ୍ଧିସ୍ସା ଅନ୍ୟମାନଙ୍କ କାମ ଦେଖି ଶିଖିବା

ସମ୍ବେଦନଶୀଳତା ଛୋଟ ପିଲାଙ୍କୁ ଗେଲ କରିବା

**ଆବେଗିକ ବିକାଶର ଲକ୍ଷଣ :**

ଭୟ ଆନନ୍ଦ ଉତ୍କଣ୍ଠା କ୍ରୋଧ ସ୍ନେହ ଲଜ୍ଯା

ଈର୍ଷା ହିଂସା ବିରକ୍ତ ଦ୍ୱେଷ

**ବୌଦ୍ଧିକ ଓ ସୃଜନାତ୍ମକ ବିକାଶର ଲକ୍ଷଣ** :

ଅସମ୍ପୂର୍ଣ୍ଣ କାର୍ଯ୍ୟଟିକୁ ସଂପୂର୍ଣ୍ଣ କରିବ

ବିନ୍ଦୁ ଯୋଡିବା , ରଙ୍ଗ ଦେବା

୧ ରୁ ୧୦ ସଂଖ୍ୟା ଗଣନ କରିବା

ବର୍ଗୀକରଣ କରିବା

**ଭାଷାଗତ ବିକାଶର ଲକ୍ଷଣ** :

ଅନ୍ୟୁନ ୧୫୦୦ ଶବ୍ଦର ଅଧିକାରୀ ହେବ

ଚିତ୍ର ଦେଖି ଗପ କହିବା। ୩/୪ ଶବ୍ଦକୁ ନେଇ ବାକ୍ୟ ଗଢିବ

ଅସମ୍ପୂର୍ଣ ବାକ୍ୟକୁ ପୂରଣ କରିବ । ଅନ୍ୟମାନଙ୍କ କଥା ବୁଝିପାରେ ଓ ଅନ୍ୟମାନେ ବୁଝିବା ଭଳି କଥା କୁହେ।

ପ୍ରଶ୍ନ-(୫)

- ପିଲାମାନେ ଶିଖନ୍ତି -
- ନିରୀକ୍ଷଣ ଓ ମଡେଲ ତିଆରି କରି
- ଖେଳ ମାଧ୍ୟମରେ
- ନିଜେ ଅଭ୍ୟାସ କରିବାର ଅଭିଜ୍ଞତା ଦ୍ୱାରା
- ଅନୁସନ୍ଧାନ କରି
- ପରୀକ୍ଷଣ କରି
- ଅନୁକରଣ କରି

ପ୍ରତ୍ୟେକ ପିଲା ପାଖରେ ନିଜ ପରିବେଶରୁ ନୂଆ ନୂଆ କଥା  ଶିଖିବାର ସାମର୍ଥ୍ୟ ଥାଏ। ପିଲାମାନେ ବିଭିନ୍ନ କାର୍ଯ୍ୟକଳାପ ଓ ଖେଳ ମାଧ୍ୟମରେ ଶିଖନ୍ତି। ସେମାନେ ସ୍ଥୁଳବସ୍ତୁ, ନିଜସ୍ୱ ଜ୍ଞାନ ଓ ଅଭିଜ୍ଞତା ଅନୁଯାୟୀ ନିଜେ କାର୍ଯ୍ୟକରି, ଅନୁସନ୍ଧାନ ଓ ପରୀକ୍ଷଣ ମାଧ୍ୟମରେ ଶିଖନ୍ତି। ଯଦ୍ୱାରା କ୍ରମଶଃ ସେମାନଙ୍କର ଚେତନା ଓ ତର୍କ ଶକ୍ତିର ବିକାଶ ହୋଇଥାଏ□

ଚିନ୍ତା ଓ ଅନୁଚିନ୍ତାର ଏହି ନିରନ୍ତର ପ୍ରକ୍ରିୟା ମାଧ୍ୟମରେ ପିଲାମାନେ ଦୁନିଆ ବିଷୟରେ ଚିହ୍ନନ୍ତି, ବୁଝନ୍ତି ଓ ଜାଣନ୍ତି। ବାଳବାଟିକା ଗତିବିଧି ଆରମ୍ଭ କରିବା ପରେ ପିଲାମାନେ ଆଗ୍ରହୀ, ଉତ୍ସାହିତ ଏବଂ ଶିକ୍ଷଣ ପ୍ରକ୍ରିୟାରେ ନିୟୋଜିତ ହେବା ନିତ୍ୟାନ୍ତ ଗୁରୁତ୍ୱପୂର୍ଣ୍ଣ।

ପିଲାମାନେ ଶିଖନ୍ତି (୫ରୁ୬ ବର୍ଷ ବୟସର ପିଲାମାନେ)-

- ପିଲାମାନେ ଖେଳ ଆଧାରିତ ଶିକ୍ଷଣ ଅନୁଭୂତ ମାଧ୍ୟମରେ ଶିଖନ୍ତି।
- ପିଲାମାନେ ସହାୟକ ବାର୍ତ୍ତାଳାପ ମାଧ୍ୟମରେ ଶିଖନ୍ତି।
- ପିଲାମାନେ କାର୍ଯ୍ୟନିଘଣ୍ଟ ଏବଂ ପରିବର୍ତ୍ତନ ମାଧ୍ୟମରେ ଶିଖନ୍ତି।
- ଖେଳଣା ଭିତ୍ତିକ ଶିକ୍ଷାର ଲାଭ-ଏହା ଦ୍ୱାରା ପିଲାଙ୍କର ବିକାଶ ହୋଇଥାଏ-
- ମାଂସପେଶୀୟ ଦକ୍ଷତା

## ତଥ୍ୟ ଫର୍ଦ୍ଦ -୧

**ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ –** ମୌଳିକ ପର୍ଯ୍ୟାୟରେ ପାଠ୍ୟକ୍ରମ ଓ ଶିକ୍ଷାଦାନ ଶୈଳୀରେ ସଂସ୍କାର ଆଣିବାର ମୁଖ୍ୟ ଉଦେଶ୍ୟ ହେଉଛି ଶିକ୍ଷା ବ୍ୟବସ୍ଥାକୁ ପ୍ରଚଳିତ ଘୋଷା ପଦ୍ଧତି ସଂସ୍କୃତିରୁ ମୁକ୍ତ କରିବା |ମୁଖସ୍ଥ ନକରି ଶିଶୁମାନେ ପ୍ରକୃତରେ ପାଠକୁ କିପରି ବୁଝିବେ ଓ ଶିଖିବା ଦିଗରେ କିପରି ଆଗକୁ ବଢିବେ ,ତାହା ଉପରେ ବିଶେଷ ଦୃଷ୍ଟି ଦିଆଯିବ |

**ଅଭିଜ୍ଞତାଭିତ୍ତିକ ଶିକ୍ଷଣ-** ମୌଳିକ ପର୍ଯ୍ୟାୟରେ ଅଭିଜ୍ଞତାଭିତ୍ତିକ ଶିକ୍ଷଣ ବ୍ୟବହାର କରାଯିବ |କାର୍ଯ୍ୟ ଭିତ୍ତିକ ଶିକ୍ଷଣ ,କଳା ସମନ୍ୱିତ ଓ କ୍ରୀଡା ସମନ୍ୱିତ ଶିକ୍ଷା ,ଗଳ୍ପ ଆଧାରିତ ଶିକ୍ଷାଦାନ ଶୈଳୀକୁ ବ୍ୟବହାର କରାଯିବ |

**କଳା ସମନ୍ୱୟ** ହେଉଛି ଏକ ବହୁ ପାଠ୍ୟକ୍ରମ –ସଂଯୋଗୀ (cross curricular ) ଦୃଷ୍ଟିକୋଣ ଯେଉଁଥିରେ ବିଭିନ୍ନ ବିଷୟର ଧାରଣାକୁ ଶିଖିବା ପାଇଁ କଳା ଓ ସଂସ୍କୃତିର ବିଭିନ୍ନ ଆଧାରକୁ ବ୍ୟବହାର କରାଯାଇଥାଏ |ଅଭିଜ୍ଞତାଭିତ୍ତିକ ଶିକ୍ଷଣର ଏକ ଅଂଶ ରୂପେ କଳା-ସମନ୍ୱିତ ଶିକ୍ଷା କେବଳ ଆନନ୍ଦମୟ ଶ୍ରେଣୀଗୃହ ପରିବେଶ ସୃଷ୍ଟି କରେ ନାହିଁ ,ଏହା ମଧ୍ୟ ସମସ୍ତ ସ୍ତରର ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ଭାରତୀୟ କଳା ଓ ସଂସ୍କୃତିକୁ ସମନ୍ୱୟ କରି ଭାରତୀୟ ଭାବଧାରାକୁ ଶିଖାଏ |ଏହି କଳା-ସମନ୍ୱିତ ଆଭିମୁଖ୍ୟ ଶିକ୍ଷା ଓ ସଂସ୍କୃତି ମଧ୍ୟରେ ସଂଯୋଗକୁ ଦୃଢ କରିବ |

**କ୍ରୀଡା ସମନ୍ୱୟ** ସହଯୋଗ ,ଆତ୍ମ ଉଦ୍ୟମ ,ଆତ୍ମ ଅନୁଶାସନ ,ଦଳଗତ କାର୍ଯ୍ୟ ,ଦାୟିତ୍ୱ ,ନାଗରିକତା ଇତ୍ୟାଦି ଦକ୍ଷତା ବିକାଶରେ ସାହାଯ୍ୟ କରେ |

ବିଦ୍ୟାଳୟ ଶିକ୍ଷାର ପ୍ରତ୍ୟେକ ପର୍ଯ୍ୟାୟ ସେମିଷ୍ଟାର ବା ଅନ୍ୟ କୌଣସି ପ୍ରଣାଳୀ ଆଡକୁ ଅଗ୍ରସର ହେବା ପାଇଁ ଚିନ୍ତା କରିପାରନ୍ତି ,ଯଦ୍ୱାରା ପାଠ୍ୟକ୍ରମରେ ଛୋଟ ଛୋଟ ମଡ୍ୟୁଲ ବା ଦିନେ ଛାଡି ଦିନେ ପଢାଯାଉଥିବା ବିଷୟ ସାମିଲ କରାଯାଇପାରିବ |

**ବହୁ ଭାଷିତା ଓ ଭାଷାର ଶକ୍ତି**

ଛୋଟ ଶିଶୁମାନେ ନିଜ ଘର ଭାଷା /ମାତୃଭାଷାରେ ବିଷୟଗତ ଧାରଣାଗୁଡିକୁ ଅତି ଶୀଘ୍ର ଶିଖନ୍ତି ଓ ବୁଝନ୍ତି |ଘର ଭାଷା ,ସାଧାରଣତଃ ମାତୃଭାଷା ବା ସ୍ଥାନୀୟ କଥିତ ଭାଷା ସହିତ ସମାନ |ଯେଉଁଠାରେ ସମ୍ଭବ ଅତି କମ୍ ରେ ୫ ମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କୁ ତାଙ୍କ ଘର ଭାଷା /ମାତୃଭାଷା /ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷା ଦିଆଯିବ |୮ ମ ଶ୍ରେଣୀ ଓ ତା ପର ଶ୍ରେଣୀରେ ଏହି ଧାରାକୁ ଚାଲୁ ରଖିଲେ ଭଲ |ତା,ପରେ ଯେଉଁଠି ସମ୍ଭବ ,ଘର ଭାଷାକୁ ସରକାରୀ ଓ ଘରୋଇ ବିଦ୍ୟାଳୟରେ ଏକ ବିଷୟ ରୂପେ ପଢାଯିବ |ବିଭିନ୍ନ ଘର ଭାଷା /ମାତୃଭାଷାରେ ବିଜ୍ଞାନ ବିଷୟ ସହିତ ଅନ୍ୟ ବିଷୟରେ ଉଚ୍ଚ ମାନର ପଠ୍ୟପୁସ୍ତକ ଉପଲବ୍ଧ ହେବ |ଯେଉଁ ଶିକ୍ଷାର୍ଥୀଙ୍କର ଘର ଭାଷା ଶିକ୍ଷାଦାନରେ ବ୍ୟବହୃତ ଭାଷା ଠାରୁ ଭିନ୍ନ ତାଙ୍କ ପାଇଁ ଶିକ୍ଷକ ମାନେ ଦ୍ୱି-ଭାଷୀୟ ପଦ୍ଧତି ଓ ଦ୍ୱି-ଭାଷୀୟ ଶିକ୍ଷାଦାନ –ଶିକ୍ଷଣ ସାମଗ୍ରୀ ବ୍ୟବହାର କରିବେ |ସମସ୍ତ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ଭାଷା ଭଲ ଭାବରେ ଶିଖାଯିବ ;ଗୋଟିଏ ଭାଷାକୁ ଭଲ ଭାବରେ ଶିଖିବା ଏବଂ ଶିଖାଇବା ପାଇଁ ଏହା ଶିକ୍ଷାଦାନର ମାଧ୍ୟମ ହେବା ଆବଶ୍ୟକ ନୁହେଁ |

ଶିଶୁମାନେ ୨ ରୁ ୮ ବର୍ଷ ବୟସ ମଧ୍ୟରେ ଅତି ସହଜରେ ଭାଷା ଶିଖି ପାରନ୍ତି ଏବଂ ବହୁ ଭାଷୀୟ ଜ୍ଞାନ ବୌଦ୍ଧିକ ବିକାଶରେ ସାହାଯ୍ୟ କରେ |ତେଣୁ ଗୃହଭାଷା ଉପରେ ଅଧିକ ଗୁରୁତ୍ୱ ଦେଇ ଶିଶୁମାନଙ୍କୁ ମୌଳିକ ପର୍ଯ୍ୟାୟରୁ ଆରମ୍ଭ କରି ବିଭିନ୍ନ ଭାଷା ସହିତ ପରିଚିତ କରାଇବା ଆବଶ୍ୟକ |ମୌଳିକ ପର୍ଯ୍ୟାୟରେ ମାତୃଭାଷାରେ ପଠନ ଓ ଲିଖନ କୌଶଳ ଶିକ୍ଷା ଉପରେ ଧ୍ୟାନ ଦିଆଯିବ ଏବଂ ତୃତୀୟ ଶ୍ରେଣୀ ପରବର୍ତ୍ତୀ ସମୟରେ ଅନ୍ୟ ଭାଷାରେ ମଧ୍ୟ ପଠନ ଓ ଲିଖନ କୌଶଳ ଶିକ୍ଷା

ଦିଆଯିବ | ବିଶେଷ କରି ଭାରତୀୟ ସମ୍ବିଧାନର ୮ ମ ଅନୁସୂଚୀରେ ଦିଆଯାଇଥିବା ସମସ୍ତ ଭାଷା ଶିକ୍ଷା ଦେବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ଆଞ୍ଚଳିକ ଭାଷାରେ ବହୁ ସଂଖ୍ୟକ ଭାଷା ଶିକ୍ଷକଙ୍କୁ ବିନିଯୋଗ କରିବା ପାଇଁ ଉଦ୍ୟମ କରିବେ |

ମୌଳିକ ପର୍ଯ୍ୟାୟ (sign language )ର ଏକ ମାନକ ରୂପ ରହିବ ଏବଂ ଶ୍ରବଣ ବାଧିତ ଶିକ୍ଷାର୍ଥୀଙ୍କ ପାଇଁ ଜାତୀୟ ଓ ରାଜ୍ୟ ପାଠ୍ୟକ୍ରମ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ହେବ |ସ୍ଥାନୀୟ ସାଙ୍କେତିକ ଭାଷାକୁ ସମ୍ମାନ ଦିଆଯାଇ ,ଯେଉଁଠାରେ ସମ୍ଭବ ଓ ପ୍ରାସଙ୍ଗିକ ,ସେଠାରେ ଶିକ୍ଷା ଦିଆଯିବ |

ମୌଳିକ ପର୍ଯ୍ୟାୟରୁ ଆରମ୍ଭ କରି ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ଗଣିତ ଓ ଗଣନାଗତ ଚିନ୍ତାଧାରାର ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବ |

ଅତି କମ ବୟସରୁ ଶିଶୁମାନଙ୍କୁ "ଯାହା ଠିକ ତାହା କରିବା"ର ଗୁରୁତ୍ୱ ବିଷୟରେ ଶିକ୍ଷା ଦିଆଯିବ ଏବଂ ତାଙ୍କୁ ନୈତିକ ନିଷ୍ପତି ନେବାପାଇଁ ଏକ ଯୁକ୍ତିଯୁକ୍ତ ଢାଞ୍ଚା ଦିଆଯିବ |ପରବର୍ତ୍ତୀ ବୟସରେ ସେମାନେ କିପରି ଜୀବନ ପରିଚାଳନାରେ ନୈତିକ ମୂଲ୍ୟବୋଧକୁ ଗ୍ରହଣ କରିବେ ,ଏକାଧିକ ଦୃଷ୍ଟିକୋଣରୁ ଏକ ନୈତିକ ପ୍ରସଙ୍ଗ ବିଷୟରେ ଯୁକ୍ତି ବାଢି ପାରିବେ ,ଏବଂ ସମସ୍ତ କାର୍ଯ୍ୟରେ ନୈତିକତା ଅବଲମ୍ବନ କରିବେ ,ସେଥିପାଇଁ ତାଙ୍କୁ ପ୍ରସ୍ତୁତ କରାଯିବ |ଏହି ନୈତିକ ଯୁକ୍ତି ହାସଲ କରିବା ଫଳରେ ,ନିମ୍ନଲିଖିତ ପାରମ୍ପରିକ ଭାରତୀୟ ମୂଲ୍ୟବୋଧ ଓ ମୌଳିକ ମାନବିକ ତଥା ସାମ୍ବିଧାନିକ ମୂଲ୍ୟବୋଧ ସମସ୍ତ ଶିକ୍ଷାର୍ଥୀଙ୍କ ମଧ୍ୟରେ ବିକଶିତ ହେବ : ସେବା, ଅହିଂସା,ସ୍ୱଚ୍ଛତା,ସତ୍ୟ ,ନୈତିକ ଆଚରଣ ,ଲିଙ୍ଗ ପ୍ରତି ସମ୍ବେଦନଶୀଳତା ,ବୟସ୍କଙ୍କୁ ସମ୍ମାନ ,ସମସ୍ତ ବ୍ୟକ୍ତି ଓ ସେମାନଙ୍କର,କରୁଣା ,ଦେଶପ୍ରେମ ,ଗଣତନ୍ତ୍ରିକ ଦୃଷ୍ଟିକୋଣ ,ସତ୍ୟନିଷ୍ଠା ଇତ୍ୟାଦି |ଶିଶୁମାନଙ୍କୁ ପଞ୍ଚତନ୍ତ୍ର ,ଜାତକ ଓ ହିତୋପଦେଶର ମୂଳ କାହାଣୀ ,ଅନ୍ୟାନ୍ୟ ମଜାଳିଆ କାହାଣୀ ଓ ଭାରତୀୟ ପରମ୍ପରାର ପ୍ରେରଣାଦାୟୀ କାହାଣୀ ପଢିବା ପାଇଁ ସୁଯୋଗ ଦିଆଯିବ ଏବଂ ଶିଶୁମାନେ ସେଗୁଡ଼ିକର ବିଶ୍ୱ ସାହିତ୍ୟ ଉପରେ ପ୍ରଭାବ ବିଷୟରେ ଜାଣିବେ |

ମୌଳିକ ପର୍ଯ୍ୟାୟରୁ ଆରମ୍ଭ କରି ସମସ୍ତ ପାଠ୍ୟକ୍ରମ ଓ ଶିକ୍ଷାଦାନ ପ୍ରଣାଳୀକୁ ଭାରତୀୟ ଓ ସ୍ଥାନୀୟ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ପୁନର୍ଗଠିତ କରାଯିବ |ଭାରତୀୟ ସଂସ୍କୃତି ,ପରମ୍ପରା ,ଐତିହ୍ୟ,ପ୍ରଥା,ଭାଷା,ଦର୍ଶନ,ଭୂଗୋଳ,ପ୍ରାଚୀନ ସମ ସାମୟିକ ଜ୍ଞାନ ,ସାମାଜିକ ଓ ବୈଜ୍ଞାନିକ ଆବଶ୍ୟକତା ,ଶିକ୍ଷଣର ସ୍ୱଦେଶୀ ଓ ପାରମ୍ପରିକ ପଦ୍ଧତି ଇତ୍ୟାଦିର ପୃଷ୍ଠଭୂମିରେ ଏହି ପାଠ୍ୟକ୍ରମ ରଚନା କରାଯିବ ,ଯେପରି ଏହା ଶିକ୍ଷାର୍ଥୀଙ୍କ ପାଇଁ ସର୍ବାଧିକ ପ୍ରାସଙ୍ଗିକ ,ଆକର୍ଷଣୀୟ ଓ ପ୍ରଭାବଶାଳୀ ହେବ |ଯେତେଦୂର ସମ୍ଭବ ଭାରତୀୟ ଓ ସ୍ଥାନୀୟ ଭୌଗୋଳିକ ପରିପ୍ରେକ୍ଷୀରେ କାହାଣୀ ,କଳା ,ଖେଳ,ଉଦାହରଣ ସମସ୍ୟା ଇତ୍ୟାଦିକୁ ଚୟନ କରାଯିବ |ଶିକ୍ଷାକୁ ଏହି ଭଳି ଆଧାର ମିଳିଲେ ନୂତନ ଧାରଣା ଓ ସୃଜନଶୀଳତା ଭଲ ଭାବେ ବିକଶିତ ହୋଇ ପାରିବ |

# ଜାତୀୟ ପାଠ୍ୟକ୍ରମର ଆଧାର – ମୌଳିକ ସ୍ତର

ଦିବସ - ପ୍ରଥମ

ଚତୁର୍ଥ ଅଧିବେଶନ　　　　　　　　　　　　　　　　　　　　　　ସମୟ - ୧ ଘଣ୍ଟା ୩ ୦ ମିନିଟ

ପୃଷ୍ଠଭୂମି -

ଜାତୀୟ ଶିକ୍ଷାନୀତି -୨ ୦୨୦ର ସୁପାରିଶ ଅନୁଯାୟୀ ଜାତୀୟ ପାଠ୍ୟକ୍ରମ ଆଧାର - ମୌଳିକ ସ୍ତର (NCF -FS)-୨୦୨୨ ପ୍ରସ୍ତୁତ କରାଯାଇଛି | ଜାତୀୟ ପାଠ୍ୟକ୍ରମ ରୂପରେଖ ଆଧାରରେ ୩-୮ ବର୍ଷ ମଧ୍ୟରେ ଶିଶୁର ସାମଗ୍ରିକ ବିକାଶ ପାଇଁ ଶାରିରୀକ ବିକାଶ , ସାମାଜିକ – ଭାବାତ୍ମକ ଓ ନୈତିକ ବିକାଶ , ଜ୍ଞାନାତ୍ମକ,ଭାଷା ଓ ସାକ୍ଷରତା, ସୌନ୍ଦର୍ଯ୍ୟ - ବୋଧ ଏବଂ ସାଂସ୍କୃତିକ ବିକାଶ ଆଦି ପାଞ୍ଚଟି ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି ,ଏହା ସହିତ ୧୩ ଟି ପାଠ୍ୟକ୍ରମ ଲକ୍ଷ୍ୟକୁ ଗୁରୁତ୍ୱ ଦିଆଯାଇଛି | ପ୍ରତ୍ୟେକ ପାଠ୍ୟକ୍ରମ ଲକ୍ଷ୍ୟକୁ କେତେକ ଦକ୍ଷତାରେ ବିଭକ୍ତ ହୋଇଛି | ପ୍ରତ୍ୟେକ ଦକ୍ଷତା ଅନ୍ତର୍ଗତ କେତେକ ଶିକ୍ଷଣ ଫଳାଫଳ ରହିଛି | ଏହି NCF-FS ର ପାଠ୍ୟକ୍ରମ ଲକ୍ଷ୍ୟ . ଦକ୍ଷତା ଓ ଶିକ୍ଷଣ ଫଳାଫଳ ପରସ୍ପର ସହ ସମ୍ପର୍କିତ ତାହା ଏଠାରେ ଆଲୋଚନା କରାଯାଇଛି |

**ପ୍ରତ୍ୟାଶିତ ଫଳାଫଳ -**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ

- ଜାତୀୟ ପାଠ୍ୟକ୍ରମ ରୂପରେଖ -ମୌଳିକ ପର୍ଯ୍ୟାୟ (NCF -FS) ରେ ଦିଆଯାଇଥିବା ପାଠ୍ୟକ୍ରମ ଲକ୍ଷ୍ୟ, ଦକ୍ଷତା ଏବଂ ଦକ୍ଷତା ହାସଲ ପାଇଁ ଶିକ୍ଷଣ ଫଳାଫଳ ମଧ୍ୟରେ ସଂଯୋଗ ସ୍ଥାପନ କରିବେ|
- ପଞ୍ଚକୋଷ ବିକାଶ ସହ ସାମଗ୍ରିକ ବିକାଶକୁ ବୁଝାଇବେ |

**ସୋପାନ -୧ (ସକ୍ରିୟାତ୍ମକ କାର୍ଯ୍ୟ)　　　　　　　　　　　　　　　　　　(୧୦ ମିନିଟ୍)**

- ସାଧନକର୍ମୀ ଅଂଶଗ୍ରହଣକାରୀ ମାନଙ୍କୁ ଗୋଲାକାରରେ ବସାଇବେ ଓ ପରିସ୍ଥିତି ଫର୍ଦ୍ଦ ଶୁଣାଇ ଖୋଲା ଆଲୋଚନା କରିବେ ।

**ପରିସ୍ଥିତି ଫର୍ଦ୍ଦ -୧**

**<u>ସାବାସ୍ ଟିକୁନ୍</u>**

ସେଦିନ ଥାଏ ଶନିବାର ସବୁଦିନପରି ଖାଇବା ଛୁଟିପରେ ପିଲାମାନେ ଖେଳପଡ଼ିଆରେ ଖେଳୁଥାନ୍ତି |ଟିକୁନ ଓ ସିପୁ ସେଦିନ ଖେଳିବାକୁ ନଯାଇ ବାରଣ୍ଡାରେ ବସି କେତେଗୁଡିଏ ଗୋଡି,କାଠି,ମାଳି,ପତ୍ର ଧରି ବିଭିନ୍ନ ଆକାରରେ ଚିତ୍ର କରୁଥାନ୍ତି ଓ ତାକୁ ରଙ୍ଗ ଓ ସାନ ବଡ ଆଧାରରେ ସଜାଇ ରଖୁଥାନ୍ତି |ହଠାତ ଜୋରରେ ଶବ୍ଦ ହେଲା |ଟିକୁନ ଓ ସିପୁ ଦୁହେଁ ଦୌଡ଼ିଯାଇ ଦେଖିଲେ , ତାଙ୍କ ସାଙ୍ଗ ମିକି ତଳେ ପଡି ମୁଣ୍ଡ ମାଡ଼ ହୋଇଯାଇଛି ଓ ଖୁବ ଜୋରରେ ରକ୍ତ ବାହାରୁଛି | ସିପୁ ରକ୍ତ ଦେଖି ଡରିଗଲା ଟିକୁନ କିନ୍ତୁ ନଡରି ମିକିକୁ ସଙ୍ଗେ ସଙ୍ଗେ ତଳୁ ଉଠାଇ ଆଣି ଆଉଁସି ଦେଲା |ପାଣି ପିଇ ବାକୁ ଦେଲା ଶୀଘ୍ର ଯାଇ ଦିଦିଙ୍କୁ ଡାକି ଆଣିଲା | ଦିଦି ମିକିକୁ ପ୍ରାଥମିକ ଚିକିତ୍ସା କଲେ ଓ ତାକୁ ପାଖରେ ଥିବା ଡାକ୍ତରଖାନା କୁ ନେଇଗଲେ |ଟିକୁନର ଏହି ଉପସ୍ଥିତ ବୁଦ୍ଧି ଓ ସାହାଯ୍ୟ କାରୀ ମନୋଭାବ ହେତୁ ଦିଦି ତାକୁ ଖୁବ୍ ପ୍ରଶଂସା କଲେ ଓ ସାବାସି ଦେଲେ |

**ପ୍ରଶ୍ନ**

୧ - ଚିକୁନକୁ ଦିଦି  କାହିଁକି ପ୍ରଶଂସା କଲେ?

୨- ଏହି ପରିସ୍ଥିତିରେ ଚିକୁନ କେଉଁ ସବୁ ଦକ୍ଷତା ହାସଲ କରିଥିବାର ସୂଚନା ମିଳୁଛି ?

୩- ସେହି  ଦକ୍ଷତାଗୁଡ଼ିକ ଶିଶୁ ବିକାଶର କେଉଁ ସବୁ ଦିଗକୁ ସୂଚାଉଛି ?

**ସୋପାନ-୨ (ଦଳଗତ କାର୍ଯ୍ୟ)** **(୩୦ ମିନିଟ୍)**

- ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ୫ଟି ଦଳରେ ବିଭକ୍ତ କରିବେ ଏବଂ ପ୍ରତ୍ୟେକ ଦଳକୁ ତଥ୍ୟଫର୍ଦ୍ଦ -୧ **(ପଞ୍ଚକୋଷର ବିକାଶ ଓ ଏହାର ପ୍ରାସଙ୍ଗିକତା)** ଦିଆଯିବ |
- ଦଳ ୧ (ଅନୁମେୟ କୋଷ), ଦଳ ୨ (ପ୍ରାଣମୟ କୋଷ), ଦଳ ୩ (ମନୋମୟ କୋଷ), ଦଳ ୪ (ବିଜ୍ଞାନମୟ  କୋଷ) ଓ ଦଳ ୫କୁ (ଆନନ୍ଦମୟ  କୋଷ)  | (ପ୍ରତ୍ୟେକ ଦଳ ସମ୍ପୂର୍ଣ୍ଣ ତଥ୍ୟଫର୍ଦ୍ଦଟିକୁ ପଢ଼ିବେ ଓ ସେମାନେ ଗୋଟିଏ ଲେଖାଏଁ କୋଷକୁ ନେଇ ଉପସ୍ଥାପନା କରିବେ |

  ସାଧନକର୍ମୀ ନିମ୍ନଲିଖିତ ପ୍ରଶ୍ନ ଆଧାରରେ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା କରିବେ :

  ପ୍ରଶ୍ନ ୧ -  ପଞ୍ଚକୋଷ ବିକାଶ ସାମଗ୍ରିକ ବିକାଶ ସହିତ କିପରି ସମ୍ପର୍କିତ ?

  ଦଳଗତକାର୍ଯ୍ୟ -------------ଆଲୋଚନା--------------ଉପସ୍ଥାପନା-------------------

**ସୋପାନ ୩ –  (ଦଳଗତ ଆଲୋଚନା)** **(୩୦ ମିନିଟ୍)**

- ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ୬ଟି ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ୨ଟି ତଥ୍ୟଫର୍ଦ୍ଦ ଦେବେ| ତଥ୍ୟ ଫର୍ଦ୍ଦ 2 ( NCF-FS ର ୫ଟି ଦିଗ ଆଧାରିତ ପାଠ୍ୟକ୍ରମ ଲକ୍ଷ୍ୟ) ଓ ତଥ୍ୟଫର୍ଦ୍ଦ- 3 (ଲକ୍ଷ୍ୟ   ଅନ୍ତର୍ଗତ ଦକ୍ଷତା )
- ତଥ୍ୟଫର୍ଦ୍ଦ ଦ୍ୱୟକୁ ସମ୍ପର୍କିତ କରି ପଢ଼ିବେ ଓ ଦଳଗତ ଭାବରେ ଆଲୋଚନା କରିବେ|
- ପ୍ରତ୍ୟେକ ଦଳ ଦୁଇଟି ଲେଖାଏଁ ପାଠ୍ୟକ୍ରମ ଲକ୍ଷ୍ୟ ଅନ୍ତର୍ଗତ ଦକ୍ଷତା ଗୁଡ଼ିକୁ ଉପସ୍ଥାପନ କରିବେ|

ଦଳ -୧ –CG-1 ଓ 2 ,     ଦଳ-2  CG -3 ଓ 4 ,       ଦଳ-3 –CG -5 ଓ 6

ଦଳ-୪ – CG-7ଓ 8 ,        ଦଳ-୫  CG-9 ଓ 10 ,       ଦଳ-୬ – CG-11 ,12 ଓ 13

- ପ୍ରତ୍ୟେକ ଦଳ ଉପସ୍ଥାପନ କଲାବେଳେ ଅନ୍ୟ ଦଳ ଶୁଣିବେ ଏବଂ ଆବଶ୍ୟକ ହେଲେ ନିଜର ମତ ରଖିବେ|

**ଆଲୋଚ୍ୟ ପ୍ରଶ୍ନ**

Q୧-NCF-FS ରେ କେତୋଟି ପାଠ୍ୟକ୍ରମ ଲକ୍ଷ୍ୟ ସ୍ଥିର ହୋଇଛି |

Q୨- NCF-FS ରେ ପାଠ୍ୟକ୍ରମ ଲକ୍ଷ୍ୟ ଗୁଡ଼ିକ କେତୋଟି ମୁଖ୍ୟ ଦିଗକୁ ଆଧାର କରି ସ୍ଥିର କରାଯାଇଛି ଓ କ'ଣ କ'ଣ?

Q୩-ପ୍ରତ୍ୟେକ ପାଠ୍ୟକ୍ରମ ଲକ୍ଷ୍ୟ ଅନ୍ତର୍ଗତ କେତୋଟି ଦକ୍ଷତା ରହିଛି?

Q୪  - NCF-FS  ରେ ଦିଆଯାଇଥିବା ପାଠ୍ୟକ୍ରମ ଲକ୍ଷ୍ୟ ଓ ଦକ୍ଷତା କିପରି ସମ୍ପର୍କିତ ?

**ଦଳଗତ ଆଲୋଚନା - ଉପସ୍ଥାପନା - ସଂକ୍ଷେପଣ**

ଏହି ଅଧିବେଶନରୁ ଆମେ କଣ ଶିଖିଲେ?

**ଅଧିବେଶନର ମୁଖ୍ୟ ବାର୍ତ୍ତା**

ଜାତୀୟ ପାଠ୍ୟକ୍ରମ ରୂପରେଖ-ମୌଳିକ ସ୍ତର(NCF-FS) ଶିଶୁର ସାମଗ୍ରିକ ବିକାଶ ନିମନ୍ତେ ମୁଖ୍ୟ ୫ ଟି ଦିଗ ଉପରେ ଗୁରୁତ୍ବ ଆରୋପ କରିଛି। ୧- ଶାରୀରିକ ବିକାଶ ୨- ସାମାଜିକ ଭାବାତ୍ମକ ଓ ନୈତିକ ବିକାଶ ୩- ଜ୍ଞାନାତ୍ମକ ବିକାଶ ୪- ଭାଷା ଓ ସାକ୍ଷରତା ୫- ସୌନ୍ଦର୍ଯ୍ୟବୋଧ ଏବଂ ସାଂସ୍କୃତିକ ବିକାଶ | ପାଠ୍ୟକ୍ରମ ଲକ୍ଷ୍ୟ ଦକ୍ଷତା ଭିତ୍ତିକ ଏବଂ ଯେକୌଣସି ଦକ୍ଷତା ହାସଲ ପାଇଁ ଏକ ରୁ ଅଧିକ ଶିକ୍ଷଣ ଫଳାଫଳ ନିରୂପଣ କରାଯାଇପାରେ |


## ସାଧନକର୍ମୀମାନଙ୍କ ପାଇଁ ସୂଚନା

### ତଥ୍ୟଫର୍ଦ୍ଦ -୧_ (NCF-FS ର ପାଠ୍ୟକ୍ରମ ଲକ୍ଷ୍ୟ- ଦକ୍ଷତା- ଶିକ୍ଷଣ ଫଳାଫଳ)

ମୌଳିକ ସ୍ତର ନିମନ୍ତେ ଜାତୀୟ ପାଠ୍ୟକ୍ରମ ରୂପରେଖା (୨୦୨୨) ପଞ୍ଚକୋଷ ବିକାଶ (ପଞ୍ଚମୁଖୀ ବିକାଶ) ଉପରେ ଗୁରୁତ୍ବାରୋପ କରିଛି । ଭାରତୀୟ ସାଂସ୍କୃତିକ ଦୃଶ୍ୟପଟରେ ପିଲାଙ୍କ ଜୀବନରେ ପ୍ରାରମ୍ଭିକ ବର୍ଷଗୁଡ଼ିକୁ ଗୁରୁତ୍ଵ ଦିଆଯାଇଛି ।

**ପଞ୍ଚକୋଷ ବିକାଶ ଓ ଏହାର ପ୍ରାସଙ୍ଗିକତା**

ଭାରତ ସାଂସ୍କୃତିକ ଦୃଶ୍ୟପଟରେ ପିଲାଙ୍କ ଜୀବନର ପ୍ରାରମ୍ଭିକ ବର୍ଷଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଭାରତୀୟ ଶିକ୍ଷାର ଦୃଷ୍ଟିକୋଣ ଅତ୍ୟନ୍ତ ବ୍ୟାପକ ଏବଂ ଗଭୀର ଓ ସର୍ବବ୍ୟାପୀ; ଏହା ଏହି ଧାରଣା ଉପରେ ଆଧାରିତ ଯେ ଶିକ୍ଷା ଜଣେ ବ୍ୟକ୍ତିର ଉଭୟ ଆଭ୍ୟନ୍ତରୀଣ ଏବଂ ବାହ୍ୟ ବିକାଶକୁ ତ୍ୱରାନ୍ୱିତ କରିବା ଆବଶ୍ୟକ; ଅର୍ଥାତ୍ ବାହ୍ୟ ଜଗତର ବିକାଶ ଆଭ୍ୟନ୍ତରୀଣ ଜଗତର ବିକାଶ ସହିତ ସମାନ ହେବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ 'ଆଭ୍ୟନ୍ତରୀଣ' ଓ 'ବାହ୍ୟ' ଶବ୍ଦ ଦୁଇଟି ଯଥାକ୍ରମେ 'ଆଭ୍ୟନ୍ତରୀଣ ଓ ସୂକ୍ଷ୍ମ ଆତ୍ମା' ଏବଂ 'ବାହ୍ୟ ଆତ୍ମା'କୁ ବୁଝାଏ ।



ପଞ୍ଚକୋଷ ବିକାଶ

ଭୌତିକ ବିଜ୍ଞାନ, ବିଶେଷକରି ପଦାର୍ଥ ବିଜ୍ଞାନ ଏବଂ ଜୀବନ ବିଜ୍ଞାନର ଉନ୍ନତିରୁ ସୂଚନା ମିଳେ ଯେ ଜୀବନ ଯାହା ଦେଖାଯାଏ, ତା'ଠାରୁ ଅଧିକ ସୂକ୍ଷ୍ମ ଏବଂ ଜଟିଳ । ସମସ୍ତ ଜୀବଜଗତ ହେଉଛି ଚେତନା ଏବଂ ଶକ୍ତିର ବିଭିନ୍ନ ସ୍ତରର ଏକ ନିରନ୍ତରତା । ଚେତନା ମନୁଷ୍ୟ ଭାବରେ ଏହାର ପୂର୍ଣ୍ଣ ଅଭିବ୍ୟକ୍ତି ପାଇଥାଏ ।

ମନୁଷ୍ୟର ମଧ୍ୟ ଚେତନାର ପାଞ୍ଚଟି ଭିନ୍ନ ଭିନ୍ନ ସ୍ତର ଅଛି ଯାହା ମାଧ୍ୟମରେ 'ଆତ୍ମା' (ଶୁଦ୍ଧ ଚେତନା) ନିଜକୁ ପ୍ରକାଶ କରିଥାଏ । ସେଗୁଡ଼ିକ ହେଲା: (i) ଅନ୍ନମୟ କୋଷ (ଭୌତିକ ସ୍ତର), (ii) ପ୍ରାଣମୟ କୋଷ (ଗୁରୁତ୍ୱର୍ଣ୍ଣ ସ୍ତର), (iii) ମନୋମୟ କୋଷ (ଭାବନାତ୍ମକ, ସାମାଜିକ ଓ ନୈତିକ ସ୍ତରରେ ଚିନ୍ତା କରିବା), (iii) ବିଜ୍ଞାନମୟ କୋଷ (ବିଶ୍ଳେଷଣାତ୍ମକ ସ୍ତରରେ ଚିନ୍ତା କରିବା) ଏବଂ (iv) ଆନନ୍ଦମୟ କୋଷ (ସୁଖ/କରୁଣା/ଆନନ୍ଦର ସ୍ତର) ।

ଏହା ସହିତ ଶାରୀରିକ ଭାବରେ ଶରୀର ପାଞ୍ଚଟି ସ୍ଥୂଳତତ୍ତ୍ୱ ଦ୍ୱାରା ଗଠିତ ହୋଇଥାଏ । ପଞ୍ଚମଭୂତ ଯଥା- ଆକାଶ, ବାୟୁ, ଅଗ୍ନି, ଜଳ ଏବଂ ପୃଥିବୀ । ଏହା ହେଉଛି 'ସୂକ୍ଷ୍ମ ରୁ ସ୍ଥୂଳ' □ ଅର୍ଥାତ୍ ପିଲାଟି ଏହି ପଞ୍ଚକୋଷ ବା ପାଞ୍ଚଟି ସ୍ତର ଏବଂ ପାଞ୍ଚମହାଭୁତର ଏକ ଜୀବନ୍ତ ପ୍ରତିମା । ଆସନ୍ତୁ ଏହି ପାଞ୍ଚଟି କୋଷ ବିଷୟରେ ବିସ୍ତୃତ ଭାବରେ ଜାଣିବା ।

i) **ଅନ୍ନମୟ କୋଷ** - ଅର୍ଥାତ୍ ସେହି ସ୍ତର ବା କୋଷ, ଯାହା ଖାଦ୍ୟ ଉପରେ ନିର୍ଭରଶୀଳ (ଅନ୍ନ), ଏହା ହେଉଛି ଆମର ସ୍ଥୂଳ ଶରୀର, ସମସ୍ତ ଅବୟବ ଏବଂ ଆଭ୍ୟନ୍ତରୀଣ ଅଙ୍ଗ । ସ୍ଥୂଳ ଶରୀର ଖାଦ୍ୟ ଦ୍ୱାରା ପୋଷିତ ହୋଇଥାଏ । ତେଣୁ, ଖାଦ୍ୟ ଏବଂ ପୋଷଣ ସମ୍ବନ୍ଧୀୟ ଶିକ୍ଷା ଏହି ଦିଗ ସହିତ ଜଡ଼ିତ । ଏଥିରେ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଏବଂ ବ୍ୟାୟାମ ସମେତ ସମସ୍ତ ସ୍ୱାସ୍ଥ୍ୟକର ଅଭ୍ୟାସ ଏବଂ ଦିନଚର୍ଯ୍ୟା ମଧ୍ୟ ଅନ୍ତର୍ଭୁକ୍ତ ।

> **ଅନ୍ନମୟ କୋଷ:**
> ଶିଶୁର ଶାରୀରିକ ବିକାଶ ଉପରେ ଧ୍ୟାନ ଦିଏ

ii) **ପ୍ରାଣମୟ କୋଷ -** ସ୍ଥୂଳ ଶରୀରର (ଅନ୍ନମୟ କୋଷାର) ଏକ ଅଧିକ ସୂକ୍ଷ୍ମ ଦିଗ ଏହାର କାର୍ଯ୍ୟ ଦୃଷ୍ଟିରୁ ଏହାକୁ ଅପରିହାର୍ଯ୍ୟ ବା ଶକ୍ତି ସ୍ତର କୁହାଯାଏ । ପ୍ରାଣ ହଜମ ଠାରୁ ଆରମ୍ଭ କରି ହରମୋନ କ୍ଷରଣ ପର୍ଯ୍ୟନ୍ତ ସମସ୍ତ ଶାରୀରିକ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିଥାଏ । ଏହା ଏକ ଶକ୍ତିଶାଳୀ ସ୍ତର ଯହା ମାନବ ଶରୀରର ସମସ୍ତ ପ୍ରଣାଳୀ ଯଥା ଖାଦ୍ୟ ହଜମ, ନିଦ୍ରା, ଉତ୍ସାହ, ପ୍ରାଣଶକ୍ତି, ଶକ୍ତି, ଉତ୍ସାହ ଏବଂ ପ୍ରଜନନକୁ ପରିଚାଳିତ କରେ । ପ୍ରାଣ ଶ୍ୱାସକ୍ରିୟା ମାଧ୍ୟମରେ କାର୍ଯ୍ୟ କରେ । ସନ୍ତୁଳିତ ଏବଂ ଗଭୀର ଶ୍ୱାସକ୍ରିୟା ପ୍ରାଣମୟ କୋଷକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏପରି ସନ୍ତୁଳନ ଏବଂ ପ୍ରାଣ ପିଲାମାନଙ୍କୁ ଅଧିକ ଶକ୍ତିସମ୍ପନ୍ନ ଓ ଉତ୍ସାହୀ ଏବଂ ପ୍ରାଣମୟ କୋଷକୁ ପରିପୁଷ୍ଟ କରିବାରେ ସାହାଯ୍ୟ କରେ ।

> **ପ୍ରାଣମୟ କୋଷ:**
> ଶରୀରର ବିଭିନ୍ନ ପ୍ରଣାଳୀ ସୁରୁଖୁରୁରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକୀୟ ଶକ୍ତି ଯୋଗାଇଥାଏ

iii) **ମନୋମୟ କୋଷ -** ପ୍ରାଣମୟ କୋଷ ଠାରୁ ଅଧିକ ସୂକ୍ଷ୍ମ ସ୍ତର ହେଉଛି ମନୋମୟ କୋଷ ବା ଚୈତନ୍ୟର ସ୍ତର। ଏଥିରେ ସାମାଜିକ ଏବଂ ନୈତିକ ଚିନ୍ତାଧାରା ସହିତ ସମସ୍ତ ଭାବାତ୍ମକ ଚିନ୍ତାଧାରା ଅନ୍ତର୍ଭୁକ୍ତ । ଏହି ଦିଗଟି ଅତ୍ୟନ୍ତ ଚଞ୍ଚଳ ଏବଂ ସହଜରେ ପରିବର୍ତ୍ତନଶୀଳ । ପ୍ରାଣଠାରୁ ଅଧିକ ସୂକ୍ଷ୍ମ ହୋଇଥିବାରୁ ଏହା ପ୍ରାଣକୁ ନିୟନ୍ତ୍ରଣ କରିବାରେ ସକ୍ଷମ । ଆମର ମନୋଭାବନା ଆମ ଶ୍ୱାସକ୍ରିୟା ଉପରେ ଗଭୀର ପ୍ରଭାବ ପକାଇଥାଏ । ତେଣୁ ଆମ ଦୈନନ୍ଦିନ ଜୀବନରେ ଏହାକୁ ଆମେ ସହଜରେ ଅନୁଭବ କରୁ । ଆମ ଚିନ୍ତାଧାରା ଏବଂ ଚିନ୍ତାକୁ କିରି ପରିଚାଳନା କରାଯାଇପାରିବ ତାହା ଶିଖିବା ଯେ କୌଣସି ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱର୍ପୂର୍ଣ୍ଣ ଅଂଶ ହେବା ଉଚିତ । ମନ ବହୁତ ଭଲ ସେବକ ବୋଲି କୁହାଯାଏ । କିନ୍ତୁ ଏହା ବହୁତ ଖରାପ ମାଲିକ । ନିଜ ମନକୁ ନିଜର ସେବକ କହିବାକୁ ହେଲେ ତାକୁ ପ୍ରଶିକ୍ଷଣ ଦେଇ ସଠିକ୍ (ଉପଯୁକ୍ତ) ଦିଗକୁ ମୋଡ଼ିବା ଦରକାର । ସଚେତନତା, ସ୍ଥିର ବସିରହିବା, ନିଜ ନିଶ୍ୱାସକୁ ନିରୀକ୍ଷଣ କରିବା, ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ଧ୍ୟାନ ଦେବା, ନୀରବତା, ଏକାଗ୍ରତା ଇତ୍ୟାଦି ମାଧ୍ୟମରେ ମନୋମୟ କୋଷକୁ କିରି ବିକଶିତ କରିବା, ତାହା ଅଭ୍ୟାସ କରିବା ଦରକାର ।

> **ମନୋମୟ କୋଷ:**
> ଅନୁଭବ କ୍ଷେତ୍ରକୁ ନିୟନ୍ତ୍ରଣ କରେ ଏବଂ ସମ୍ପର୍କର ବୁଝାମଣାକୁ ପ୍ରୋତ୍ସାହିତ କରେ

iv) **ବିଜ୍ଞାନମୟ କୋଷ -** ସ୍ଥୂଳ ଶରୀର ସହିତ, ସଂଯୋଗ କରେ ଅତ୍ୟାବଶ୍ୟକୀୟ ଶକ୍ତି ଏବଂ ଚେତନା (ମନ) ସାଙ୍ଗକୁ ମନୁଷ୍ୟକୁ ଏକ ଅଧିକ ସୂକ୍ଷ୍ମ ଶକ୍ତି ମଧ୍ୟ ମିଳିଛି ଯାହାକୁ ବୁଦ୍ଧି ବା ବିଶ୍ଳେଷଣାତ୍ମକ ଚିନ୍ତନ କୁହାଯାଏ । ଏହା ବ୍ୟକ୍ତିକୁ ଜଟିଳ ଜିନିଷଗୁଡ଼ିକୁ ବୁଝିବା ଏବଂ ଗ୍ରହଣ କରିବାରେ ସାହାଯ୍ୟ କରେ । ବୁଦ୍ଧି ଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ବୁଦ୍ଧିର ବିକାଶ ହେଉଛି ଶିକ୍ଷାର ଅନ୍ୟତମ ଉଦ୍ଦେଶ୍ୟ। ଜ୍ଞାନ କେନ୍ଦ୍ରୀତ ସମାଜର ପୁନର୍ନିର୍ମାଣ ପାଇଁ ବିଜ୍ଞାନମୟ କୋଷର ବିକାଶ ଉପରେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ । ବିବେକର ମହାନ ଶକ୍ତି, ସର୍ବବ୍ୟାପୀ ଜ୍ଞାନ ଏବଂ ପ୍ରକୃତିର ମହାନ ରହସ୍ୟ ଖୋଲିବାର କ୍ଷମତା ଏହି ବିଜ୍ଞାନମୟ କୋଷର ଅନ୍ତର୍ଭୁକ୍ତ । ଏଗୁଡ଼ିକ ମାନବଜାତିର ଏଭଳି ସମ୍ପତ୍ତି, ଯାହାକୁ ଶିକ୍ଷା ମାଧ୍ୟମରେ ଉନ୍ମୋଚନ କରାଯିବା ଆବଶ୍ୟକ।

> **ବିଜ୍ଞାନମୟ କୋଷ:**
> ବୁଦ୍ଧିର ବିକାଶ, ନିଷ୍ପତ୍ତି ନେବା ଏବଂ ପାର୍ଥକ୍ୟ କରିବାର ଦକ୍ଷତାକୁ ସହଜ କରିଥାଏ

ବିଶ୍ଳେଷଣାତ୍ମକ, ସମାଲୋଚନାତ୍ମକ ଏବଂ ସୃଜନଶୀଳ ଚିନ୍ତନ ମଧ୍ୟ ଏହି କ୍ଷେତ୍ରର ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଭାଷାର ଭାଷା ବିଜ୍ଞାନ ଗତ ଦିଗ, ସଂଖ୍ୟାଜ୍ଞାନ ଏବଂ ଗାଣିତିକ ଓ ତର୍କ-ବିତର୍କ ପ୍ରକ୍ରିୟା ମଧ୍ୟ ଏହି ବିଜ୍ଞାନମୟ କୋଷର ଅନ୍ତର୍ଭୁକ୍ତ । ଏହାକୁ ବିକଶିତ କରିବା ପାଇଁ ଶିକ୍ଷାରେ ତର୍କ ପ୍ରକ୍ରିୟା ଆଧାରିତ କାର୍ଯ୍ୟକଳାପକୁ ସାମିଲ କରିବା ଆବଶ୍ୟକ ।

v) **ଆନନ୍ଦମୟ କୋଷ -** ଆନନ୍ଦ କହିଲେ ନିଃସର୍ତ୍ତ ସୁଖ ବା ସନ୍ତୋଷର ସ୍ଥିତି ଅର୍ଥାତ୍ ନିର୍ମଳ ଆନନ୍ଦକୁ ବୁଝାଏ । ଏହା ହେଉଛି ଆମ ଅସ୍ତିତ୍ୱ ବା ଚେତନାର ସବୁଠାରୁ ଆଭ୍ୟନ୍ତରୀଣ ଓ ମୌଳିକ ଉପାଦାନ । ଆନନ୍ଦମୟ କୋଷ ନବଜାତ ଶିଶୁର ଏକ ସହଜ ସହଜାତ ସମ୍ପତ୍ତି । ଏହା ଚେତନାର ମୂଳ ରୂପ । ଏକ ଶିଶୁ ନିଃସର୍ତ୍ତ ଭାବେ ସୁଖୀ ହୋଇଥାଏ । ଆମ ବ୍ୟକ୍ତିତ୍ୱର ସବୁଠାରୁ ଆଭ୍ୟନ୍ତରୀଣ ଓ ମୌଳିକ ଉପାଦାନ ହୋଇଥିବାରୁ ଏହାକୁ ସ୍ପର୍ଶ କରୁଥିବା ସବୁକଥା ସ୍ଥାୟୀ ହୋଇଥାଏ । ତେଣୁ ଶିକ୍ଷାକୁ ସ୍ଥାୟୀ ଏବଂ ଦୀର୍ଘସ୍ଥାୟୀ କରିବାକୁ ହେଲେ ଏହା ଆନନ୍ଦ-କେନ୍ଦ୍ରୀତ ଏବଂ ଆନନ୍ଦଦାୟକ ହେବା ଆବଶ୍ୟକ । ଏହି କୋଷର ବିକାଶ ଏକ ନିରନ୍ତର ପ୍ରକ୍ରିୟା ଯାହା ଶିଶୁର ଚେତନାକୁ ଆନନ୍ଦମୟ କୋଷଆଡ଼କୁ ଅଗ୍ରସର କରେ ।

**ଆନନ୍ଦମୟ କୋଷ:**
ଆମକୁ ଆଧ୍ୟାତ୍ମିକ ଜଗତ ସହିତ ସଂଯୁକ୍ତ କରେ ।




ତଥ୍ୟଫର୍ଦ୍ଦ-୨

### ପାଠ୍ୟକ୍ରମ ଲକ୍ଷ୍ୟ(Curricular Goals)

| | |
|---|---|
| CG-1 | ପିଲାମାନେ ସୁସ୍ଥ ଏବଂ ସୁରକ୍ଷିତ /ନିରାପଦ ରହିବା ପାଇଁ ଅଭ୍ୟାସର ବିକାଶ କରିବେ । |
| CG-2 | ପିଲାମାନେ ସଂବେଦନଶୀଳ ଧାରଣାରେ ତୀକ୍ଷ୍ଣତା ବିକାଶ କରିବେ। |
| CG-3 | ପିଲାମାନେ ସୁସ୍ଥ ଏବଂ ନମନୀୟ ଶରୀର ବିକାଶ କରିବେ । |
| CG-4 | ପିଲାମାନେ ଭାବାବେଗ ବୁଦ୍ଧିମତାର ବିକାଶ କରନ୍ତି ଯଥା, ନିଜ ଭାବନା କୁ ବୁଝିବା ଏବଂ ପରିଚାଳନା କରିବାର କ୍ଷମତା ଏବଂ ସାମାଜିକ ନିୟମ କୁ ସକାରାତ୍ମକ ଭାବରେ ପ୍ରତିକ୍ରିୟା ପ୍ରକାଶ କରିବେ । |
| CG-5 | ପିଲାମାନେ ଉତ୍ପାଦନକାରୀ କାର୍ଯ୍ୟ ଏବଂ ସେବା ପ୍ରତି ଏକ ସକାରାତ୍ମକ ମନୋଭାବ ବିକାଶ କରିବେ । |
| CG-6 | ପିଲାମାନେ ପ୍ରାକୃତିକ ପରିବେଶ ପାଇଁ ଏକ ସକାରାତ୍ମକ ମନୋଭାବ ବିକାଶ କରିବେ । |
| CG-7 | ପିଲାମାନେ ପର୍ଯ୍ୟବେକ୍ଷଣ ଓ ଯୁକ୍ତିଯୁକ୍ତ ଚିନ୍ତାଧାରା ମାଧ୍ୟମରେ ଆଖପାଖର ଦୁନିଆକୁ ବୁଝିବେ । |
| CG-8 | ପିଲାମାନେ ଗାଣିତିକ ଅବବୋଧ ଏବଂ ଦକ୍ଷତା ବିକାଶ କରିବେ ଯାହାଦ୍ୱାରା ସେମାନେ ପରିମାଣ,ଆକୃତି ଓ ବିଭିନ୍ନ ପ୍ରକାର ମାପନର ବ୍ୟବହାର ପୂର୍ବକ ଆଖପାଖର ଦୁନିଆକୁ ବୁଝିବେ । |
| CG-9 | ପିଲାମାନେ ଦ୍ୱି-ଭାଷିକ ଦୈନନ୍ଦିନ କ୍ରିୟା କଳାପ ପାଇଁ ଫଳପ୍ରଦ ଭାବ ବିନିମୟ କୌଶଳ ବିକାଶ କରିବେ । |
| CG-10 | ପିଲାମାନେ ମାତୃ ଭାଷା (ଭାଷା-୧)ରେ ପ୍ରବାହ/ସୁଗମ ପଠନ ଓ ଲିଖନ କୌଶଳର ବିକାଶ କରିବେ । |
| CG-11 | ପିଲାମାନେ ମାତୃଭାଷା ଭିନ୍ନ ଅନ୍ୟ ଭାଷା (ଭାଷା-୨)ରେ ପଢିବା ଓ ଲେଖିବା ଆରମ୍ଭ କରିବେ । |
| CG-12 | ପିଲାମାନେ ଦୃଶ୍ୟ ଏବଂ ପ୍ରଦର୍ଶନ କଳାରେ ଦକ୍ଷତା ଏବଂ ସମ୍ବେଦନଶୀଳତା ବିକାଶ କରିବେ ଏବଂ କଳା ମାଧ୍ୟମରେ ସେମାନଙ୍କର ଭାବନା କୁ ଅର୍ଥପୂର୍ଣ୍ଣ ଏବଂ ଆନନ୍ଦଦାୟକ ଉପାୟରେ ଅଭିବ୍ୟକ୍ତି କରିବେ । |
| CG-13 | ପିଲାମାନେ ଶିକ୍ଷାର ଅଭ୍ୟାସ ବିକାଶ କରିବେ ଯାହା ସେମାନଙ୍କୁ ବିଦ୍ୟାଳୟ ,ଶ୍ରେଣୀଗୃହ ପରି ଆନୁଷ୍ଠାନିକ ଶିକ୍ଷଣ ପରିବେଶରେ ସକ୍ରିୟ ଭାବରେ ଜଡିତ ହେବାକୁ ଅନୁମତି ଦିଏ। |

## ଦକ୍ଷତା

| | |
|---|---|
| C1.1 | ପୁଷ୍ଟିକର ଖାଦ୍ଯ ବିଷୟରେ ବୁଝିବେ ଓ ପୁଷ୍ଟିକର ଖାଦ୍ଯ ପ୍ରତି ଆଗ୍ରହ ପ୍ରକାଶ କରିବେ ଏବଂ ଖାଦ୍ଯର ଅପବ୍ଯବହାର କରିବେ ନାହିଁ । |
| C1.2 | ମୌଳିକ ସ୍ୱ-ଯତ୍ନ ଓ ସ୍ୱଚ୍ଛତା ର abhyas କରିବେ । |
| C1.3 | ବିଦ୍ୟାଳୟ /ଶ୍ରେଣୀଗୃହ କୁ ସ୍ୱଚ୍ଛ ଓ ସଂଗଠିତ କରିବେ। |
| C1.4 | ସାମଗ୍ରୀ ଏବଂ ସରଳ ଉପକରଣ ଗୁଡିକର ନିରାପଦ ବ୍ୟବହାର କରିବେ। |
| C1.5 | ଚଳନ ଜନିତ କାର୍ଯ୍ୟ ଯଥା ଚାଲିବା,ଦୌଡିବା ଏବଂ ସାଇକେଲ ଚଳାଇବା ଆଦି କାର୍ଯ୍ୟ କଲାବେଳେ ସଚେତନତା ଅବଲମ୍ବନ କରିବେ ଏବଂ ସେହି କାର୍ଯ୍ୟ ଗୁଡିକୁ ଠିକ ଭାବରେ କରିବେ। |
| C1.6 | ଅସୁରକ୍ଷିତ ପରିସ୍ଥିତି କୁ ବୁଝିବେ ଏବଂ ସାହାଯ୍ୟ ମାଗିବେ। |
| C2.1 | ବିଭିନ୍ନ ପ୍ରକାରର ଆକୃତି ,ରଙ୍ଗ ଏବଂ ରଙ୍ଗର ଛାୟାଙ୍କନ ମଧ୍ୟ ରେ ପାର୍ଥକ୍ୟ ଦର୍ଶାଇବେ । |
| C2.2 | ସଂକେତ ଏବଂ ଉପସ୍ଥାପନା ପାଇଁ ଦୃଶ୍ୟ ସ୍ମୃତି (Visual Memory) ଶକ୍ତିବିକାଶ କରିବେ। |
| C2.3 | ତୀବ୍ରତା, ପରିମାଣ ଓ ଗତି ଅନୁଯାୟୀ ଧ୍ୱନି ଓ ଏହାର ପ୍ରକାର ପ୍ରକାରଭେଦ(Sound Pattern) କୁ ଚିହ୍ନେଇବେ । |
| C2.4 | ବିଭିନ୍ନ ପ୍ରକାରର ଗନ୍ଧ ଓ ସ୍ୱାଦ ଗୁଡିକୁ ଅଲଗା କରିବେ। |
| C2.5 | ସ୍ପର୍ଶ ଅନୁଭବ(Sense of touch) ଗୁଡିକୁ ପୃଥକୀକରଣ କରିବା ଦକ୍ଷତା ର ବିକାଶ କରିବେ। |
| C2.6 | ନିଜ ଅନୁଭୂତିର ସାମଗ୍ରିକ ସଚେତନତା ପାଇଁ ସମ୍ବେଦନଶୀଳ ଦୃଷ୍ଟିକୋଣ ( Sensorial Perceptions) ଗୁଡିକୁ ଏକତ୍ର କରିବେ। |
| C3.1 | ବିଭିନ୍ନ ପ୍ରକାରର କାର୍ଯ୍ୟରେ ସମ୍ବେଦନଶୀଳ ଧାରଣା ଏବଂ ଶାରୀରିକ ଅଙ୍ଗଚାଳନା ମଧ୍ୟରେ ସମନ୍ୱୟ ଦେଖାଇବେ। |
| C3.2 | ବିଭିନ୍ନ ଶାରୀରିକ କାର୍ଯ୍ୟ ରେ ସନ୍ତୁଳନ,ସମନ୍ୱୟ ଏବଂ ନମନୀୟତା ଦେଖାଇବେ । |
| C3.3 | ନିଜ ହାତ, ଅଙ୍ଗୁଠିରେ କାମ କରିବାରେ ସଠିକତା ଏବଂ ନିୟନ୍ତ୍ରଣ ଦେଖାଇବେ। |
| C3.4 | ବହନ କରିବା ,ଚାଲିବା ଏବଂ ଦୌଡିବା ରେ ଶକ୍ତି ଓ ସାମର୍ଥ୍ୟ ଦେଖାଇବେ। |
| C4.1 | ଏକ ପରିବାର ଏବଂ ସମ୍ପ୍ରଦାୟର ବ୍ୟକ୍ତି ଭାବରେ ନିଜକୁ ଚିହ୍ନିବା ଆରମ୍ଭ କରିବେ । |
| C4.2 | ବିଭିନ୍ନ ଭାବନା କୁ ଚିହ୍ନି ଥାଏ ଏବଂ ସେଗୁଡିକୁ ସଠିକ ଭାବରେ ନିୟନ୍ତ୍ରଣ କରିବା ପାଇଁ ସୁଚିନ୍ତିତ ପ୍ରୟାସ କରିବେ । |

| | |
|---|---|
| C4.3 | ଅନ୍ୟ ପିଲା ଏବଂ  ବୟସ୍କ ଙ୍କ ସହ ଅନାୟାସ ରେ କଥାବାର୍ତା କରିବେ । |
| C4.4 | ଅନ୍ୟ ପିଲାଙ୍କ ସହ ସହଜ ରେ ଯୋଗାଯୋଗ କରିବେ । |
| C4.5 | ଶ୍ରେଣୀ ଗୃହରେ ଏବଂ ବିଦ୍ୟାଳୟରେ ସାମାଜିକ ନିୟମ କୁ ସକାରାତ୍ମକ ଭାବରେ ବୁଝିବେ ଏବଂ ପ୍ରତିକ୍ରିୟା କରିବେ। |
| C4.6 | ଆବଶ୍ୟକ ସ୍ଥଳେ ଅନ୍ୟ ମାନଙ୍କୁ ଦୟା ଏବଂ ସହାୟତା ଦେଖାଇବେ(ପଶୁ ଏବଂ ଉଦ୍ଭିଦକୁ ମଧ୍ୟ ) |
| C4.7 | ଅନ୍ୟ ପିଲାମାନଙ୍କର ବିଭିନ୍ନ ଚିନ୍ତାଧାରା,ପସନ୍ଦ ଏବଂଭାବପ୍ରବଣତା ବୁଝିବେ ଏବଂ ସକାରତ୍ମକ ଭାବରେ ପ୍ରତିକ୍ରିୟା କରିବେ। |
| C5.1 | ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ବୟସ-ଉପଯୁକ୍ତ ଶାରୀରିକ କାର୍ଯ୍ୟରେ ମନୋବୃତ୍ତି  ଏବଂ ଅଂଶଗ୍ରହଣ ପ୍ରଦର୍ଶନ କରିବେ। |
| C6.1 | ସମସ୍ତ ଜୀବ ପାଇଁ ଯତ୍ନଶୀଳ ହେବେ ଏବଂ ସେମାନଙ୍କ ସହ ଆନନ୍ଦରେ  ଜଡିତ ହେବେ । |
| C7.1 | ବିଭିନ୍ନ ବର୍ଗ ର ବସ୍ତୁ ଏବଂ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କ କୁ ନିରୀକ୍ଷଣ କରିବେ ଏବଂ ବୁଝିବେ। |
| C7.2 | ସରଳ ଅନୁକଳ୍ପନା ଗଠନ କରି ପ୍ରକୃତିର କାରଣ ଏବଂ ପ୍ରଭାବ ସମ୍ପର୍କ କୁ ନିରୀକ୍ଷଣ କରିବେ ଏବଂ ବୁଝିବେ । ସେମାନଙ୍କର ବ୍ୟାଖ୍ୟା କୁ ଉପସ୍ଥାପନ କରିବେ। |
| C7.3 | ଦୈନନ୍ଦିନ ଜୀବନ ର ସମସ୍ଯା ଏବଂ ଶିକ୍ଷଣ ପାଇଁ ଉପଯୁକ୍ତ ସାଧନୀ ଏବଂ ପ୍ରଯୁକ୍ତି ବିଦ୍ୟା ର ବ୍ୟବହାର କରିବେ । |
| C8.1 | ଏକାଧିକ ଗୁଣାବଳୀ କୁ ଆଧାର କରି ବସ୍ତୁ ଗୁଡିକୁ ଭାଗ ଏବଂ ଉପ ଭାଗରେ ସଜାଡିବେ। |
| C8.2 | ଆକୃତି ଏବଂ ସଂଖ୍ୟା ଗୁଡିକ ମାଧ୍ୟମରେ ସରଳ ସଂରଚନା ଚିହ୍ନଟ କୁ କରିବେ ଏବଂ ପ୍ରୟଗୋ କରିବେ । |
| C8.3 | ୧୦ -୧୦ କରି ,୨୦-୨୦ କରି ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଆଗୁଆ ଏବଂ ପଛୁଆଗଣିବେ। |
| C8.4 | ୯୯ ପର୍ଯ୍ୟନ୍ତ ସଂଖ୍ୟା କୁ ଉର୍ଦ୍ଧକ୍ରମରେ ଏବଂ ଅଧକ୍ରମରେ ସଜାଇବେ। |
| C8.5 | ଦଶମିକ ସ୍ଥାନ ର ବ୍ୟବହାର କରି ୯୯ ପର୍ଯ୍ୟନ୍ତ ସଂଖ୍ୟା ର ପରିମାଣ କୁ ଚିହ୍ନାଇବେ ଓ ବ୍ୟବହାର କରିବେ । |
| C8.6 | ନମନୀୟ ଯୋଡିବା ଓ ଭାଙ୍ଗିବା ପଦ୍ଧତି ବ୍ୟବହାର କରି ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ର ଯୋଗ ଓ ବିୟୋଗ କରିବେ। |
| C8.7 | ଗୁଣନ କୁ ବାରମ୍ବାର ଯୋଗ ଓ ହରଣ କୁ  ସମାନ ବଣ୍ଟନ ବୋଲି ଚିହ୍ନଟ କରିବେ। |
| C8.8 | ମୌଳିକ ଜ୍ୟାମିତିକ ଆକୃତି ଓ ପର୍ଯ୍ୟବେକ୍ଷଣ ଯୋଗ୍ୟ ଗୁଣ ଗୁଡିକୁ ଚିହ୍ନାଇବେ। |
| C8.9 | ନିକଟ ପରିବେଶ ରେ ଥିବା ବସ୍ତୁ ଗୁଡିକରେ ଦୈର୍ଘ୍ୟ,ଓଜନ ଓ ପରିମାଣ ର ସରଳ  ମାପ କରିବେ । |
| C8.10 | ସମୟ କୁ  ମିନିଟ ,ଘଣ୍ଟା,ଦିନ ଏବଂ ମାସ ରେ ସରଳ ମାପ କରିବେ। |
| C8.11 | ୧୦୦ ପର୍ଯ୍ୟନ୍ତ ଟଙ୍କା କୁ ବ୍ୟବହାର କରି ସରଳ କାରବାର କରିବେ। |
| C8.12 | ପରିମାଣ ,ଆକୃତି ଏବଂ ମାପ ସହିତ ଜଡିତ ଧାରଣା ଓ ପ୍ରକ୍ରିୟା ଗୁଡିକ ବୁଝିବା ଏବଂ ପ୍ରକାଶ କରିବା ପାଇଁ ପର୍ଯ୍ୟାପ୍ତ ଓ ଉପଯୁକ୍ତ ଶବ୍ଦଜ୍ଞାନ ବିକାଶ କରିବେ। |
| C8.13 | ପରିମାଣ ,ଆକୃତି ,ମାପ ଓ ସ୍ଥାନ ସମ୍ପର୍କିତ ସରଳ ଗାଣିତିକ ସମସ୍ୟାର ଗଠନ ଓ ସମାଧାନ କରିବେ। |
| C9.1 | ସରଳ  ଗୀତ, ରାଇମ୍ ଓ କବିତା କୁ ଶୁଣିବେ  ଓ ରସ ଓ ଭାବ କୁ ଗ୍ରହଣ କରିବେ । |
| C9.2 | ନିଜସ୍ୱ ସରଳ କବିତା ଓ ଗୀତ ପ୍ରସ୍ତୁତ  କରିବେ। |

| | |
|---|---|
| C9.3 | ଫଳପ୍ରଦ ଓ ଅର୍ଥପୂର୍ଣ୍ଣ ଭାବେ ବାର୍ତ୍ତାଳାପ କରବେ। |
| C9.4 | ଏକ ଜଟିଳ କାର୍ଯ୍ୟ ପାଇଁ ମୌଖିକ ନିର୍ଦ୍ଦେଶାବଳୀ କୁ ବୁଝିବେ ଓ ଅନ୍ୟ ମାନଙ୍କୁ ସ୍ପଷ୍ଟ ମୌଖିକ ନିର୍ଦ୍ଦେଶ ଦେବେ। |
| C9.5 | ବର୍ଣ୍ଣିତ ତଥା ପଠିତ ଗଳ୍ପ ଗୁଡିକୁ ବୁଝିବେ ଓ ଗଳ୍ପ ର ଚରିତ୍ର, ଗଳ୍ପ ର ଧାରା ଓ ଲେଖକ କଣ କହିବାକୁ ଚାହୁଁଛନ୍ତି ତାହା ଚିହ୍ନଟ କରିବେ। |
| C9.6 | ସ୍ପଷ୍ଟ କଥାବସ୍ତୁ (plot) ଏବଂ ଚରିତ୍ର କୁ ନେଇ କ୍ଷୁଦ୍ର ଗଳ୍ପ ସୃଷ୍ଟି କରିବେ। |
| C9.7 | ଦୈନନ୍ଦିନ କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ଶବ୍ଦ ଜାଣିବେ ଓ ବ୍ୟବହାର କରିବେ ଏବଂ ଦିଆଯାଇଥିବା ଶବ୍ଦ କୋଷ ବ୍ୟବହାର କରି ନୂତନ ଶବ୍ଦର ଅର୍ଥ ଅନୁମାନ କରିବେ । |
| C10.1 | ଧ୍ୱନିସଚେତନତା ବିକାଶ କରିବେ ଓ ଶବ୍ଦଭିତରେ ଥିବା ଧ୍ୱନିକୁ ଭାଙ୍ଗିବେ ଓ ଯୋଡିବେ। |
| C10.2 | ବହି ର ମୌଳିକ ଢାଞ୍ଚା କୁ ବୁଝିବେ ,ବହି ରେ ମୁଦ୍ରିତ ହୋଇଥିବା ଶବ୍ଦ କୁ କେଉଁ ଦିଗରୁ ପଢାଯିବା ଓ ସେଥିରେ ଥିବା ବିରାମ ଚିହ୍ନ କୁ ଚିହ୍ନାଇବେ। |
| C10.3 | ବର୍ଣ୍ଣମାଳା ଭିତରେ ଥିବା ସମସ୍ତ ଅକ୍ଷର ର ସଂକେତକୁ ଜାଣିବେ ଓ ସେହି ଆଧାରରେ ପଢିବା ଓ ଲେଖିବାର କୌଶଳ କୁ ବୁଝିବେ । |
| C10.4 | ଗଳ୍ପ ଓ ପାଠ କୁ ସଠିକ ଗତି ,ଉପଯୁକ୍ତ ସ୍ୱର ଓ ବିରାମ ଦେଇ ପଢିବେ। |
| C10.5 | କାହାଣୀକୁ ପଢିବେ ଓ ତା'ର ଅର୍ଥ କୁ ବୁଝିବେ –ସେଥିରେ ଥିବା ଚରିତ୍ର କୁ ଚିହ୍ନଟ କରିବେ,କାହାଣୀର ମୁଖ୍ୟ ସନ୍ଦେଶ କୁ ବୁଝିବେ ଓ ଲେଖକ କ'ଣ କହିବାକୁ ଚାହୁଁଛନ୍ତି ସେ ବିଷୟରେ ଜାଣିବେ। |
| C10.6 | କ୍ଷୁଦ୍ର କବିତା କୁ ପଢିବେ,କବିତାରେ ଥିବା ଶବ୍ଦ ଓ ଭାବନାର ଆଧାର ରେ ତାହାକୁ ପ୍ରଶଂସା କରିବେ। |
| C10.7 | କ୍ଷୁଦ୍ର ସମ୍ବାଦ ,ନିର୍ଦ୍ଦେଶ ,ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ବିଜ୍ଞାପିତ ସାମଗ୍ରୀ କୁ ପଢିବେ ଓ ତାର ଅର୍ଥ ବୁଝିବେ। |
| C10.8 | ନିଜେ ବୁଝିଥିବା କଥା ଓ ଅନୁଭୂତିକୁ ଅନୁଚ୍ଛେଦ ମାଧ୍ୟମରେ ଲେଖି କରି ପ୍ରକାଶ କରିବେ। |
| C10.9 | ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ ଗୁଡିକ ବାଛିବା ଓ ପଢିବା ପାଇଁ ଆଗ୍ରହ ପ୍ରକାଶ କରିବେ। |
| C11.1 | ଧ୍ୱନି ସଚେତନତା ବିକାଶ କରିବେ ଓ ଶବ୍ଦଭିତରେ ଥିବା ଧ୍ୱନିକୁ ଭାଙ୍ଗିବେ ଓ ଯୋଡିବେ। |
| C11.2 | ଦତ୍ତ ଅନୁଚ୍ଛେଦ ରେ ବାରମ୍ବାର ବ୍ୟବହାର ହେଇଥିବା ଅକ୍ଷର କୁ ଚିହ୍ନଟ କରିବେ ଓ ସେହି ଜ୍ଞାନ ଆଧାରରେ ସରଳ ଶବ୍ଦ ଏବଂ ବାକ୍ୟକୁ ଲେଖିବେ । |
| C12.1 | ବିଭିନ୍ନ ଆକାର ର ଦ୍ୱି-ମାତ୍ରିକ ଓ ତ୍ରି-ମାତ୍ରିକ ଚିତ୍ରକଳା(artwork) ସୃଷ୍ଟି କରିବାକୁ ବିଭିନ୍ନ ସାମଗ୍ରୀ ଏବଂ ଉପକରଣ ର ଅନୁସନ୍ଧାନ କରିବେ ଓ ସେଗୁଡିକ ସହ ଖେଳିବେ। |
| C12.2 | ନିଜ ସ୍ୱର ,ଶରୀର ଓ ବିଭିନ୍ନ ବସ୍ତୁଗୁଡିକୁ ଖୋଜିବ ଏବଂ ସେଗୁଡିକୁ ଉପଯୋଗ କରି ସଙ୍ଗୀତ,ଅଭିନୟ ,ନୃତ୍ୟ ଏବଂ ଗତିବିଧି ସୃଷ୍ଟି କରିବେ। |
| C12.3 | ସେମାନଙ୍କ କଳା ମାଧ୍ୟମରେ ବିଭିନ୍ନ ଧାରଣା ଏବଂ ଭାବନା କୁ ପ୍ରକାଶ କାଇବାକୁ କଳ୍ପନାତ୍ମକ ଭାବେ କାର୍ଯ୍ୟ କରିବେ ଓ ନୂତନ ଉଦ୍ଭବାନ କରିବେ। |
| C12.4 | ମିଳିତ ଭାବେ କଳାତ୍ମକ କାର୍ଯ୍ୟ କରିବେ। |
| C12.5 | ବିଭିନ୍ନ ପ୍ରକାର କଳା,ଆଞ୍ଚଳିକ ସଂସ୍କୃତି ଏବଂଐତିହ ଉପରେ ଆହରଣ କରୁଥିବା ଅନୁଭୂତିକୁ ଅନ୍ୟ ମାନଙ୍କୁ ଜଣାଇବେ ଏବଂ ପ୍ରଶଂସା କରିବେ। |
| C13.1 | ଧ୍ୟାନ ଓ ଉଦ୍ଦେଶ୍ୟ ମୂଳକ କାର୍ଯ୍ୟ: |

| | |
|---|---|
| | ଯୋଜନା ପ୍ରସ୍ତୁତି ପାଇଁ ଦକ୍ଷତା ହାସଲ କରିବେ,ଧ୍ୟାନ ଦେବେ ଓ ମୁଖ୍ୟ ଉଦ୍ଦେଶ୍ୟ କୁ ପୂରଣ କରିବା ପାଇଁ କାର୍ଯ୍ୟ କରିବେ । |
| **C13.2** | ସ୍ମରଣ ଶକ୍ତି ଓ ମାନସିକ ନମନୀୟତା: ନମନୀୟ ମାନସିକତା ଏବଂ ଆତ୍ମ ନିୟନ୍ତ୍ରଣର ବିକାଶ କରିବେ। |
| **C13.3** | ପର୍ଯ୍ୟବେକ୍ଷଣ ,ଭ୍ରମଣ,କୌତୁହଳ ,ଅନ୍ୱେଷଣ:<br>ବସ୍ତୁଗୁଡ଼ିକୁ ଗଭୀର ଭାବେ ନିରୀକ୍ଷଣ କରିବେ ,ଇନ୍ଦ୍ରିୟ ଗୁଡ଼ିକୁ ବ୍ୟବହାର କରି ନୂଆ କଥା ଶିଖିବେ ,ବସ୍ତୁ କୁ ନେଇ ପରୀକ୍ଷଣ କରିବେ ଓ ପ୍ରଶ୍ନ ପଚାରିବେ। |
| **C13.4** | ଶ୍ରେଣୀଗୃହ ନିୟମ :<br>ଅନୁଷ୍ଠାନ ର ନିୟମ ଗୁଡ଼ିକୁ ବୁଝିବା ସହ , ଗ୍ରହଣ କରିବେ ଓ ଅନୁସରଣ କରିବେ। |

# ଶାରୀରିକ ବିକାଶ

**ଦିବସ-ଦ୍ୱିତୀୟ**

**ଅଧିବେଶନ-ପ୍ରଥମ** **ସମୟ-୯୦ମିନିଟ୍**

| |
|---|
| **ପୃଷ୍ଠଭୂମି:-**ପ୍ରାରମ୍ଭିକ ବର୍ଷ ଗୁଡିକର ଶିଶୁର ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ ।ଜାତୀୟ ପାଠ୍ୟକ୍ରମ ଆଧାର -ମୌଳିକ ସ୍ତର(NCF-FS)୩ ରୁ ୮ ବର୍ଷ ମଧ୍ୟରେ ଶିଶୁର ସାମଗ୍ରିକ ବିକାଶ ପାଇଁ ଶାରୀରିକ ବିକାଶ,ସାମାଜିକ-ଭାବାତ୍ମକ ଓ ନୈତିକ ବିକାଶ,ଜ୍ଞାନାତ୍ମକ ବିକାଶ,ଭାଷା ଓ ସାକ୍ଷରତା ,ସୌନ୍ଦର୍ଯ୍ୟବୋଧ ଏବଂ ସାଂସ୍କୃତିକ ବିକାଶ ଆଦି ପାଞ୍ଚଟି ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି । ବାଲବାଟିକା ସ୍ତରରେ (୫-୬)ବର୍ଷ ସମୟରେ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ,ସୁସ୍ଥତା,ନିରାପତ୍ତା ସହିତ ବିଭିନ୍ନ ଇନ୍ଦ୍ରିୟାନୁଭୂତିରୁ ଶିଖିବାର ଦକ୍ଷତା,ନିଜକୁ ସୁସ୍ଥ ରଖିଲେ ଓ ନିଜର ଶରୀରକୁ ସହଜରେ ପରିଚାଳନା କରିବା ଆଦି ଦକ୍ଷତାର ବିକାଶ ହେଲେ ଶିଶୁର ଶାରୀରିକ ଦିଗର ବିକାଶ ହୋଇପାରିବ । ଶ୍ରେଣୀ ଗୃହରେ ଶିକ୍ଷକ ବିଭିନ୍ନ ପ୍ରକାର କାର୍ଯ୍ୟ ମାଧ୍ୟମରେ ଶିଶୁର ଶାରୀରିକ ଦକ୍ଷତାର ବିକାଶ କରାଇପାରିବେ ।ଏହି ଅଧିବେଶନରେ ଆମେ ଶାରୀରିକ ବିକାଶ ଦିଗର ପାଠ୍ୟକ୍ରମ ଲକ୍ଷ୍ୟ,ଦକ୍ଷତା ଓ ତା'ର ଶିକ୍ଷଣ ଫଳାଫଳ ଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଛି ଓ ତତ୍ ସହିତ ଶିକ୍ଷଣ ଫଳାଫଳକୁ ହାସଲ କରିବାପାଇଁ ବହୁଶ୍ରେଣୀ ପରିଚାଳନାର ଏକ ନମୁନା ଶିକ୍ଷଣ କାର୍ଯ୍ୟ ପ୍ରଦର୍ଶନ କରାଯାଇଛି । |

**ପ୍ରତ୍ୟାଶିତ ଫଳାଫଳ:-**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ-

୧-ଜାତୀୟ ପାଠ୍ୟକ୍ରମ ଆଧାର-ପ୍ରାରମ୍ଭିକ ପର୍ଯ୍ୟାୟ (ଶାରୀରିକ ଓ ଅଙ୍ଗଚଳନା ବିକାଶ)ଅନ୍ତର୍ଭୁକ୍ତ ପାଠ୍ୟକ୍ରମ ଲକ୍ଷ୍ୟ,ଦକ୍ଷତା ଓ ଶିକ୍ଷଣ ଫଳାଫଳ ଗୁଡିକୁ ଚିହ୍ନଟ କରିବେ ।

୨-ଶିକ୍ଷଣ ଫଳାଫଳ ଆଧାରିତ ଶ୍ରେଣୀ ପରିଚାଳନା କରିବାର କୌଶଳ କହିବେ ।

ଏହି ଖେଳଟି ସରିବା ପରେ ସାଧନକର୍ମୀ ନିମ୍ନଲିଖିତ ପ୍ରଶ୍ନ ଗୁଡିକ ଆଲୋଚନା କରିବେ ।

**ପ୍ରକ୍ରିୟା**

**ସୋପାନ-୧**

**ସକ୍ରିୟାତ୍ମକ କାର୍ଯ୍ୟ-** **ସମୟ-୧୦ ମିନିଟ୍**

ସାଧନକର୍ମୀ ଅଂଶଗ୍ରହଣକାରୀ ମାନଙ୍କୁ 'U'ଆକାରରେ ଠିଆ କରାଇବେ ନିମ୍ନ ଖେଳଟିକୁ କରାଇବେ ।

ଆସ ଖେଳିବା(ଡିଆଁ ଖେଳ)

ସାଧନକର୍ମୀ ପ୍ରଶିକ୍ଷଣ କକ୍ଷରେ ପ୍ରଥମେ ଗୋଟିଏ ପଶୁର ନାମ କହିବେ ଅଂଶଗ୍ରହଣକାରୀ ମାନେ ଜଣେ ପରେ ଜଣେ ଗୋଟିଏ ଲେଖାଏଁ ପଶୁର ନାମ କହିବାକୁ ସୂଚନା ଦେବେ ।ସାଧନକର୍ମୀ କହିଥିବା ପଶୁର ନାମଠାରୁ ବଡ ପଶୁର ନାମ କହିଲେ ଗୋଟିଏ ପାଦ ଆଗକୁ ଡେଇଁବେ ଓ ଛୋଟ ପଶୁର ନାମ କହିଲେ ଗୋଟିଏ ପାଦ ପଛକୁ ଡେଇଁବେ ।

ଉଦାହରଣ→ଠେକୁଆ←ବାଘ→ହାତୀ ।

(ପଛକୁ) (ଆଗକୁ )

ଏହି ପରି ଖେଳଟି କିଛି ସମୟ ଚାଲିବ | ଖେଳଟି ସରିବା ପରେ ସାଧନକର୍ମୀ ନିମ୍ନଲିଖିତ ପ୍ରଶ୍ନ ଗୁଡିକ ଆଲୋଚନା କରିବେ |

ପ୍ରଶ୍ନ-୧- ଏହି ଖେଳଟିରୁ ଆମେ କ'ଣ ଶିଖିଲେ ?

ପ୍ରଶ୍ନ-୨-ଏହି ଖେଳଟି ଶିଶୁର କେଉଁ ଦିଗର ବିକାଶକୁ ସୁଚାଏ ?

ପ୍ରଶ୍ନ-୩ବିଦ୍ୟାଳୟରେ ଶିଶୁର ଶାରୀରିକ ବିକାଶ ନିମନ୍ତେ କେଉଁ ସବୁ କାର୍ଯ୍ୟ କରାଯାଉଛି ?

**ସୋପାନ-୨**

**କାର୍ଯ୍ୟ-୧ (ଦଳଗତ ଆଲୋଚନା)** **ସମୟ-୨୫ମିନିଟ୍**

ସାଧନକର୍ମୀ ପ୍ରଥମେ ଅଂଶଗ୍ରହଣକାରୀ ମାନଙ୍କୁ ୬ ଟି ଦଳରେ ଭାଗ କରିବେ |ପ୍ରତ୍ୟେକ ଦଳକୁ ମୌଳିକ ପର୍ଯ୍ୟାୟରେ ଶାରୀରିକ ବିକାଶ ଅନ୍ତର୍ଗତ ପାଠ୍ୟକ୍ରମ ଲକ୍ଷ୍ୟ-ଦକ୍ଷତା-ଶିକ୍ଷଣ ଫଳାଫଳ ଆଧାରିତ ତଥ୍ୟଫର୍ଦ୍ଦ-୧ ପଢିବାକୁ ଦେବେ | ଅଂଶଗ୍ରହଣକାରୀ ମାନେ ଦଳ ମଧ୍ୟରେ ତଥ୍ୟଫର୍ଦ୍ଦଟିକୁ ପଢି ନିମ୍ନ ପ୍ରଶ୍ନର ଉତ୍ତର କହିବେ |ପ୍ରତ୍ୟେକ ଦୁଇଟି ଦଳ ଗୋଟିଏ ପାଠ୍ୟକ୍ରମ ଲକ୍ଷ୍ୟ ,ଲକ୍ଷ୍ୟ ଆଧାରିତ ଦକ୍ଷତା ଓ ଶିକ୍ଷଣ ଫଳାଫଳର ଉପସ୍ଥାପନା କରିବେ |

ପ୍ରଶ୍ନ -୧ – ଏହି ତଥ୍ୟଫର୍ଦ୍ଦ ରେ କେଉଁ ବିକାଶର ଦିଗ ବିଷୟରେ କୁହାଯାଇଛି ?

ପ୍ରଶ୍ନ-୨ -ଏହି ତଥ୍ୟଫର୍ଦ୍ଦରେ ଆପଣ କେଉଁସବୁ ସୂଚନା ପାଉଛନ୍ତି ?

ପ୍ରଶ୍ନ-୩ -ପ୍ରାରମ୍ଭିକ ପର୍ଯ୍ୟାୟରେ ଶାରୀରିକ ବିକାଶ ଅନ୍ତର୍ଗତ ପାଠ୍ୟକ୍ରମ ଲକ୍ଷ୍ୟ ଗୁଡିକ କ'ଣ ?

ପ୍ରଶ୍ନ-୪ -ପାଠ୍ୟକ୍ରମ ଲକ୍ଷ୍ୟକୁ ଆଧାର କରି ଶିଶୁର କେଉଁ ଦକ୍ଷତାର ବିକାଶ ହେବା ଆବଶ୍ୟକ ?

ପ୍ରଶ୍ନ -୫ – ପ୍ରତ୍ୟେକ ଦକ୍ଷତା ଅନ୍ତର୍ଗତ ଶିକ୍ଷଣ ଫଳାଫଳ ଗୁଡିକ କଣ କଣ ?

ସାଧନକର୍ମୀ ସମସ୍ତ ଅଂଶଗ୍ରହଣକାରୀଙ୍କର ଉତ୍ତର କୁ ଏକତ୍ର କରି ପ୍ରଥମ ଅଧିବେଶନର ଶିକ୍ଷଣ କାର୍ଯ୍ୟ ସମାପ୍ତ କରିବେ |

**କାର୍ଯ୍ୟ-୨** **ସମୟ-୨୫ ମିନିଟ୍**

- ସାଧନକର୍ମୀ ଅଂଶଗ୍ରହଣକାରୀ ମାନଙ୍କୁ ଦଳ ମଧ୍ୟରେ ପ୍ରଥମେମୁହାଁମୁହିଁ କରି ବସାଇବେ |
- ପ୍ରତ୍ୟେକ ଦଳକୁ ତଥ୍ୟଫର୍ଦ୍ଦ-୧ ଦେବେ □
- ନିମ୍ନ ରେ ଦିଆଯାଇଥିବା ପ୍ରଶ୍ନ ଭଳି ଦଳ ମଧ୍ୟରେ ପ୍ରସ୍ତୁତ କରି ଆଲୋଚନା କରିବେ □
- ସମସ୍ତ ଅଂଶଗ୍ରହଣକାରୀ ମାନଙ୍କ ଭାଗୀଦାରିତାକୁ ନିଶ୍ଚିତ କରାଇବେ□

(ଦଳ ୧ ଓ ଦଳ ୬) (ଦଳ ୨ :ଦଳ ୪) (ଦଳ ୩ : ଦଳ ୫)

ପ୍ରଶ୍ନ-୧-ପାଠ୍ୟକ୍ରମ ଦକ୍ଷତା ୧ ମଧ୍ୟରେ କେଉଁ ସବୁ ଶିକ୍ଷଣ ଫଳାଫଳ ଅନ୍ତର୍ଭୁକ୍ତ ?

- ପ୍ରଶ୍ନ-୨-ଶିକ୍ଷଣ ଫଳାଫଳ (ମିଠା, ଲୁଣିଆ, ତିକ୍ତ, ଖଟା ଏବଂ ଗରମ ସସଲାର ସ୍ୱାଦକୁ ଚିହ୍ନଟ କରେ ।)

କେଉଁ ପାଠ୍ୟକ୍ରମ ଦକ୍ଷତାରେ ଅନ୍ତର୍ଭୁକ୍ତ ?

**<u>ସୋପାନ-୩</u> (ନମୁନା ପ୍ରଦର୍ଶନ)** **ସମୟ-୩୦ ମିନିଟ୍**

**<u>କାର୍ଯ୍ୟ-୧ :</u> (ଅଭିନୟ ସଙ୍ଗୀତ)**

ସାଧନକର୍ମୀ ଅଂଶଗ୍ରହଣକାରୀ ମାନଙ୍କୁ ଗୋଲାକାରରେ ଠିଆ କରାଇବେ ଓ (ସକାଳୁ ଉଠି ମୁଁ ଘଷିବି ଦାନ୍ତ) ଗୀତଟିକୁ ଅଭିନୟ ମାଧମରେ କରି ଦେଖାଇବେ | ଅଂଶଗ୍ରହଣକାରୀମାନେ ସାଧନକର୍ମୀଙ୍କୁ ଅନୁସରଣ କରି ଅଭିନୟ କରିବେ | ଉକ୍ତ କାର୍ଯ୍ୟଟି କରିସାରିଲା ପରେ ସାଧନକର୍ମୀ ନିମ୍ନ ପ୍ରଶ୍ନ ଗୁଡିକ ପଚାରିବେ |

**<u>ପ୍ରଶ୍ନ –</u>**

୧-ଉକ୍ତ କାର୍ଯ୍ୟଟିକୁ ଆମେ କେଉଁ ସୋପାନ ଦେଇ କଲେ?

୨-ଏହି କାର୍ଯ୍ୟ ଦ୍ୱାରା ଶିଶୁର କେଉଁ ସବୁ ଦକ୍ଷତା ଗୁଡିକ ବିକାଶ ହେବାର ସୁଯୋଗ ହେଉଛି ?

୩-ଉକ୍ତ କାର୍ଯ୍ୟ ମାଧମରେ ଶିଶୁର ଅନ୍ୟ କେଉଁ ସବୁ ଦିଗର ବିକାଶ ହୋଇପାରିବ |

୪-ଏହି କାର୍ଯ୍ୟ ଦ୍ୱାରା ଆମେ କେଉଁ ସବୁ ଶିକ୍ଷଣ ଫଳାଫଳ ହାସଲ କରିପାରିବା |

୫-ଶ୍ରେଣୀଗୃହରେଏହି ଶିକ୍ଷଣ ଫଳାଫଳ  ହାସଲ ପାଇଁ ଆମେ ଅନ୍ୟ କେଉଁ ସବୁ କାର୍ଯ୍ୟ କରିପାରିବା?

**ଏହି ଅଧିବେଶନର ଆଲୋଚନାରୁ ଆମେ କଣ ଶିଖିଲେ?**

**ସଂକ୍ଷେପଣ –**
ପ୍ରାରମ୍ଭିକ ପର୍ଯ୍ୟାୟରେ ଶିଶୁର ଶାରୀରିକ ବିକାଶର ଦିଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ |    ବାଲ୍ ବାଟିକା ସ୍ତରରେ )୫-୬(ବର୍ଷ ବୟସ ମଧ୍ୟରେ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା, ନିରାପତ୍ତା ସହିତ ବିଭିନ୍ନ ଇନ୍ଦ୍ରୟାନୁଭୂତିରୁ ଶିଖିବାର ଦକ୍ଷତା ଓ ନିଜର ଶରୀରକୁ ସହଜରେ ପରିଚାଳନା କରିବା ଆଦି ଦକ୍ଷତାର ବିକାଶ କରାଯିବା ନିତ୍ୟାନ୍ତ ଆବଶ୍ୟକ |ଶିକ୍ଷକ ଶ୍ରେଣୀଗୃହରେ ବିଭିନ୍ନ ପ୍ରକାରର ଗୀତ, ଗପ, ନାଚ, ଖେଳ, ଅଭିନୟ ଆଦି ଦ୍ୱାରା ଶିଶୁର ଶାରୀରିକ ବିକାଶ ଦିଗର ବିଭିନ୍ନ ଦକ୍ଷତାକୁ ଓ ଶିକ୍ଷଣ ଫଳାଫଳ ହାସଲ ନିମନ୍ତେ ଶିକ୍ଷଣ କାର୍ଯ୍ୟର ପରିଚାଳନା କରି ପାରିବେ |

**ସାମଗ୍ରୀ -:** (ପ୍ରାରମ୍ଭିକ ପର୍ଯ୍ୟାୟରେ ଶାରୀରିକ ବିକାଶର ପାଠ୍ୟକ୍ରମ ଲକ୍ଷ୍ୟ -ଦକ୍ଷତା -ଶିକ୍ଷଣ ଫଳାଫଳ ର ତଥ୍ୟଫର୍ଦ୍ଦ) |

**<u>ସାଧନକର୍ମୀଙ୍କ ସୂଚନା -୧</u>**

**<u>ସୋପାନ -୩</u> (ନମୁନା ପ୍ରଦର୍ଶନ)** **<u>ଅଭିନୟ ସଙ୍ଗୀତ</u>**

ସକାଳୁ ଉଠି ମୁଁ ଘସିବି ଦାନ୍ତ, ଖାଇବା ଆଗରୁ ଧୋଇବି ହାତ

ଆସନ ଉପରେ ଖୁସିରେ ବସି ,ଯାହାଦେବେ ମା ଖାଇବି ବସି,

ଖାଇବା ଦରବ ଫିଙ୍ଗିବି ନାହିଁ, ବେଶୀ ଥିବା ଯାହା ଦେବି ଫେରାଇ,

ଖାଦ୍ୟରେ ବସାଇ ନଦେବା ମାଛି, ଲୁଗା ସଫା ମୁହିଁ କରିବି କାଚି,

ବଢାଇବି ନାହିଁ ନଖ ମୋହର, ନଖର ମଇଳା ରୋଗର ଘର |

ମୁହଁରେ ନ ଦେବି ଅସନା ପାଣି, ପାଣିକୁ ସିଝାଇ ପିଇବି ଛାଣି |

ବ୍ୟାୟାମ କରିବି ସଞ୍ଜ ସକାଳେ, ଖେଳିବି ବୁଲିବି ସାଥୀଙ୍କ ମେଳେ,

ଯେତେବେଳେ ଯେଉଁ କାମ ମୋହରି, ସାରିବି ନିତି ମୁଁ ହେଳା ନ କରି |

**ପାଠ୍ୟକ୍ରମ ଲକ୍ଷ୍ୟ** **ଦକ୍ଷତା** **ଶିକ୍ଷଣ ଫଳାଫଳ**

| | | |
|---|---|---|
| 1.1<br>**ନିଜକୁ ସୁସ୍ଥ ଓ ନିରାପଦ ରଖିବା ପାଇଁ ଉପଯୁକ୍ତ ଅଭ୍ୟାସ ର ବିକାଶ କରିବେ ।** | C-1.1<br>ପୃଷ୍ଟିକର ଖାଦ୍ୟ ବିଷୟରେ ବୁଝିବେ ଓ ପୃଷ୍ଟିକର ଖାଦ୍ୟ ପ୍ରତି ଆଗ୍ରହ ପ୍ରକାଶ କରିବେ ଏବଂ ଖାଦ୍ୟର ଅପବ୍ୟବହାର କରିବେ ନାହିଁ | | ଦିଆଯାଇଥିବା ଉପଯୁକ୍ତ ଖାଦ୍ୟର ଅଂଶ ନଷ୍ଟ ନକରି ଯେତିକି ଆବଶ୍ୟକ ଖାଇବେ| |
| | **C1.2**<br>**ମୌଳିକ ସ୍ୱ-ଯତ୍ନ ଏବଂ ସ୍ୱଚ୍ଛତାର ଅଭ୍ୟାସ କରିବେ |** | • ସର୍ବଦା ଖାଇବା କିମ୍ବା ଶୌଚାଳୟ ବ୍ୟବହାର ପୂର୍ବରୁ ଏବଂ ପରେ ହାତ ଧୋଇବେ ଏବଂ ଶୁଖାଇବେ |. |

**ଏହି ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ସାଧନକର୍ମୀ ବହୁଶ୍ରେଣୀ ପରିସ୍ଥିତି ରେ (ବାଲ୍ ବାଟିକା,ଶ୍ରେଣୀ -୧ମ ,ଶ୍ରେଣୀ -୨ୟ ) ନିମନ୍ତେ ନିମ୍ନ କାର୍ଯ୍ୟ ଆଧାରରେ ଶ୍ରେଣୀ ପରିଚାଳନା କରିବେ |**

- ଶିକ୍ଷକ ପ୍ରଥମେ ଗୀତଟିକୁ ବଡ ବଡ ଅକ୍ଷରରେ ଲେଖି ପଏଣ୍ଟର୍ ମାଧ୍ୟମରେ ପିଲାମାନଙ୍କୁ ଦେଖାଇବେ |
- ତତ୍ ପରେ ଗୀତଟିକୁ ବଡ ପାଟିରେ ଗାଇବେ ଓ ଅଭିନୟ କରି ଦେଖାଇବେ |
- ଶିକ୍ଷକ ଅଭିନୟ ମାଧ୍ୟମରେ ଗୀତଟିକୁ ଗାଇବା ସମୟରେ ପିଲାମାନେ ଶିକ୍ଷକଙ୍କୁ ଅନୁସରଣ କରି ଗାଇବେ |
- **ବି. ଦ୍ର (ଭିନ୍ନକ୍ଷମ ପିଲାମାନଙ୍କୁ ଜାମା ପିନ୍ଧିବା, ଦାନ୍ତ ଘଷିବା, ଇତ୍ୟାଦି .ଅଭିନୟ କରିବେ , ଛୁଆଁଇ ଦେଖାଇବେ,ସ୍ୱରର ଉତ୍ଥାନ ପତନ କରି ଗୀତଟିକୁ ବାରମ୍ବାର ଗାଇବେ ଆବଶ୍ୟକ ସ୍ଥଳେ ଚିତ୍ର ମାଧ୍ୟମରେ ଦେଖାଇବେ | )**

| ବାଲ୍ ବାଟିକା | ଶ୍ରେଣୀ-୧ମ | ଶ୍ରେଣୀ-୨ୟ |
|---|---|---|
| • ଶିକ୍ଷକ ଯେଉଁ ପଦଟିକୁ ଗାଇ ଅଭିନୟ କରି ଦେଖାଇବେ ପିଲାମାନେ ସେହି ପଦଟିକୁ ଅଭିନୟ ସହ ଗାଇବେ |<br>• ଆମେ କିପରି ଦାନ୍ତ ଘସୁଛେ ,ମୁଣ୍ଡ କୁଣ୍ଡାଉଛେ ,ଗାଧୋଉଛେ,ଲୁଗା ସଫା କରୁଛେ ଇତ୍ୟାଦି | • ପିଲାମାନେଦଳ ମଧ୍ୟରେ ଗୋଟିଏ ଦଳ ପ୍ରଥମ ପଦ ଗାଇବା ସମୟରେ ଅନ୍ୟ ଦଳ ଦ୍ୱିତୀୟ ପଦଟିକୁ ଗାଇବେ |<br>• ଆମେ ପ୍ରତିଦିନ କେଉଁ ସବୁ କାମ କରିବା ଆବଶ୍ୟକ | • ପ୍ରଥମ ଦଳ ପଦଟିକୁ ଅଭିନୟ କରି ଦେଖାଇବା ବେଳେ ଦ୍ବିତୀଯ ଦଳ ପଦଟିକୁ ଚିହ୍ନଟ କରି ଗାଇବେ |<br>• ଦାନ୍ତ ନ ଘଷିଲେ ଆମର କି ଅସୁବିଧା ହେବ ଏବଂ ଆମେ ନିଜକୁ କିପରି ସୁସ୍ଥ |

| | | |
|---|---|---|
| ପିଲାମାନେ ଅଭିନୟ କରି ଦେଖାଇବେ \| ମୁଣ୍ଡ କୁଣ୍ଡାଇବା ,ଗାଧୋଇବା ଆଦି ଚିତ୍ର ଦେଖି ମଧ ଚିହ୍ନଟ କରିବେ \| | ତାହା ପିଲାମାନେ ତାଲିକା କରି କହିବେ \|<br>• ଶିକ୍ଷକଙ୍କ ବିଭିନ୍ନ ପ୍ରଶ୍ନର ମୌଖିକ ଉତ୍ତର ଦେଇପାରିବେ \| | ରଖିବା ତାହାର ବିଭିନ୍ନ ଉପାୟ ଆଦି  ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇପାରିବେ  \|<br>• ପିଲାମାନେ ବିଭିନ୍ନ ପ୍ରଶ୍ନର ଉତ୍ତର ମୌଖିକ ତଥା ଲିଖିତ ଭାବରେ ଦେଇପାରିବେ \| |

তଥ୍ୟফର୍ଦ୍ଧ-୨

| ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ |
|---|---|---|
| **ନିଜକୁ ସୁସ୍ଥ ଓ ନିରାପଦ ରଖିବା ପାଇଁ ଉପଯୁକ୍ତ ଅଭ୍ୟାସ ର ବିକାଶ କରିବା।** | C-1.1<br>ପୁଷ୍ଟିକର ଖାଦ୍ୟ ପାଇଁ ରୁଚି ଓ ବୁଝାମଣା ପ୍ରଦର୍ଶନ କରେ ଏବଂ ଖାଦ୍ୟ ନଷ୍ଟ କରେ ନାହିଁ | • ସ୍ୱାଧୀନ ଭାବରେ ବିଭିନ୍ନ ପ୍ରକାର ଖାଦ୍ୟ ଖାଆନ୍ତି ।<br>• ବିଭିନ୍ନ ଖାଦ୍ୟ ଶ୍ରେଣୀରୁ ଖାଦ୍ୟ ଚିହ୍ନଟ କରେ ଏବଂ ବିଭିନ୍ନ ଖାଦ୍ୟର ଉପଯୋଗିତା/କୁପ୍ରଭାବ ବ୍ୟାଖ୍ୟା କରେ \| କେତେକ ଉତ୍ତମ ପୁଷ୍ଟିକର ଖାଦ୍ୟର ଗୁଣାବଳୀ କହେ \| ଯଥା- ଅଣ୍ଡା,ଡାଲି,କ୍ଷୀର,ଶାଗ<br>• କେତେକ ପୁଷ୍ଟିକର ଜଳଖିଆ ପ୍ରସ୍ତୁତ କରିବାରେ ଅଂଶ ଗ୍ରହଣ କରେ (ଯଥା ସିଝା ଚଣା, ଅଙ୍କୁରିତ ସାଲାଡ଼, ଇତ୍ୟାଦି )<br>• ଉପଯୁକ୍ତ ଭାବରେ ପରିବେଷଣ କରାଯାଇ ଥିବା ଖାଦ୍ୟ ନଷ୍ଟ ନକରି ଖାଏ \| |
| | **C1.2**<br>**ମୌଳିକ ସ୍ୱ-ଯତ୍ନ ଏବଂ ସ୍ୱଚ୍ଛତା ଅଭ୍ୟାସ** | • ଖାଇବା କିମ୍ବା ଶୌଚାଳୟ ବ୍ୟବହାର ପୁର୍ବରୁ ଏବଂ ପରେ ସର୍ବଦା ହାତ ଧୁଏ ଏବଂ ପୋଛେ \|<br>• ବୟସ୍କଙ୍କ ତତ୍ୱାବଧାନରେ ମରାମତି କରିବାକୁ ଛୁଞ୍ଚି ଏବଂ ସୂତା ବ୍ୟବହାର ଆରମ୍ଭ କରେ \|<br>• ନିଜର ଜିନିଷପତ୍ର ( ପାନିଆ,ବ୍ରସ ) ଯତ୍ନରେ ରଖେ |
| | **C-1.3**<br>**ବିଦ୍ୟାଳୟ/ଶ୍ରେଣୀଗୃହକୁ ସ୍ୱଚ୍ଛ ଏବଂ ସଂଗଠିତ ରଖେ \|** | • ନିଜର ଜିନିଷପତ୍ର ଯତ୍ନରେ ରଖେ<br>• ନିଜର ପ୍ଲେଟ ଏବଂ ବାସନ କୁସନ ଧୁଏ ।<br>• ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ସର୍ବଦା ଡଷ୍ଟବିନ ବ୍ୟବହାର କରେ । |
| | **C-1.4**<br>**ସାମଗ୍ରୀ ଏବଂ ସରଳ ଉପକରଣରେ ନିରାପଦ ବ୍ୟବହାର ଅଭ୍ୟାସ** | • ବୟସ୍କଙ୍କ ତଦାରଖରେ ସତର୍କତା ସହିତ କତୁରୀ, ଛୁରୀ ବ୍ୟବହାର କରେ । |
| | **C-1.5**<br>ବିଭିନ୍ନ କାର୍ଯ୍ୟ (ଚାଲିବା,ଦୌଡ଼ିବା,ସାଇକେଲ ଚାଳନା) ରେ ସୁରକ୍ଷା ବିଷୟରେ ସଚେତନତା ପ୍ରଦର୍ଶନ କରେ ଏବଂ ଉପଯୁକ୍ତଭାବରେ କାର୍ଯ୍ୟ କରେ। | • ସଡ଼କ ସୁରକ୍ଷା ନିୟମ (ବାମ ପାର୍ଶ୍ୱରେ ଚାଲିବା, ରାସ୍ତା ଅତିକ୍ରମ କରିବା ଇତ୍ୟାଦି ) ସ୍ବାଧୀନ ଭାବରେ ଅନୁସରଣ କରେ।<br>• ଟ୍ରାଫିକ ପ୍ରତୀକ (ସିଗନାଲ ଲାଇଟ, ପ୍ରତୀକ ଜେବ୍ରାକ୍ରସିଂ, ୟୁଟର୍ନ ବ୍ରିଜ /ରେଳ ବ୍ରିଜ ଇତ୍ୟାଦି ) ଚିହ୍ନଟ କରେ। |

| | | |
|---|---|---|
| | **C-1.6**<br>**ଅସୁରକ୍ଷିତ ପରିସ୍ଥିତି କୁ ବୁଝିବା ଏବଂ ସାହାଯ୍ୟ ମାଗିବା।** | • ସୁରକ୍ଷିତ ଏବଂ ଅସୁରକ୍ଷିତ ସ୍ପର୍ଶ ମଧ୍ୟରେ ପାର୍ଥ୍ୟକ୍ୟ ବୁଝିଥାଏ ।<br>• ଅପରିଚିତ ବ୍ୟକ୍ତିଙ୍କ ଠାରୁ ଦୂରତା ବଜାୟ ରଖେ।<br>• ବିଶ୍ୱସ୍ତ ବୟସ୍କମାନଙ୍କୁ ସହ ଅସୁରକ୍ଷିତ ପରିସ୍ଥିତି ବିଷୟରେ ଜଣାଏ ।<br>• କୌଣସି ଆଘାତ ହୋଇଥିଲେ (ଆଣ୍ଠୁ ଛିଣ୍ଡିଯାଇଥିଲେ, ପୋଡାଜଳା ବା ବୈଦୁତିକ ଆଘାତ ପାଇଲେ) ବୟସ୍କ ମାନଙ୍କଠାରୁ ସାହାଯ୍ୟ ଲୋଡିଥାଏ।<br>• ଜରୁରୀକାଳୀନ ପରିସ୍ଥିତିରେ ଗୋଷ୍ଠୀରୁ ସାହାଯ୍ୟ କରୁଥିବା ଲୋକଙ୍କୁ ଚିଂହ୍ନଟ କରେ (ଡାକ୍ତର,, ଅଗ୍ନିଶମ କର୍ମଚାରୀ ଇତ୍ୟାଦି।) |
| **ପାଠ୍ୟକ୍ରମ ଲକ୍ଷ୍ୟ** | **ଦକ୍ଷତା** | **ଶିକ୍ଷଣ ଫଳାଫଳ** |
| **ଇନ୍ଦ୍ରିୟାନୁଭୂତିରୁ ଶିଖିବା ଦକ୍ଷତା ର ବିକାଶ କରିବେ।** | **C-2. 1.**<br>**ଆକୃତି, ରଙ୍ଗ ଏବଂ ସେମାନଙ୍କର ଛାୟା ମଧ୍ୟରେ ପାର୍ଥକ୍ୟ** | • ଦୁଇଟି ରଙ୍ଗ ମିଶ୍ରଣର ଫଳାଫଳର ପୂର୍ବାନୁମାନ କରିବାକୁ ଚେଷ୍ଟା କରେ (ଯଥା ନୀଳ ଏବଂ ହଳଦିଆ ମିଶିଲେ ସବୁଜ କିମ୍ବା ନାଲି ଓ ଧଳା ମିଶିଲେ ଗୋଲାପି ରଙ୍ଗ ହୋଇଯାଏ।<br>• ରଙ୍ଗ ଏବଂ ଆକୃତିର ଦୃଶ୍ୟମାନ ବୈଶିଷ୍ଟ୍ୟର ଆଧାର କରି ବସ୍ତୁ ସମୂହକୁ ଦଳଭୁକ୍ତ କରେ (ଯଥା - ସମସ୍ତ ଲାଲ ତ୍ରିଭୁଜ ,ସମସ୍ତ ବଡ଼ ସବୁଜ ପତ୍ର ) |
| | **C-2.2**<br>**ପ୍ରତୀକ ଏବଂ ଉପସ୍ଥାପନା ପାଇଁ ଭିଜୁଆଲ ମେମୋରୀ ବିକଶିତ କରେ।** | • ସ୍ମୃତିରୁ ଦୃଶ୍ୟମାନ ସଂକେତ ଗୁଡ଼ିକୁ ମନେ ପକାଏ ଏବଂ ମେଳ କରେ ( ଯଥା କାର୍ଡ଼ ବ୍ୟବହାର କରି ମେମୋରୀ ଖେଳ ) |
| | **C-2.3**<br>**ଧ୍ୱନିଗୁଡ଼ିକ ସ୍ୱର, ଭଲ୍ୟୁମ, ଏବଂ ଧ୍ୱନି ସରଂଚନା ତାର ପିଚ, ଭଲ୍ୟୁମ ଏବଂ ଗତି ଅନୁସାରେ ପୃଥକ କରିଥାଏ ।** | • ପିଚ (ମଧ୍ୟମସ୍ୱର) ସ୍ୱରରେ ମଧ୍ୟମ ପରିସରକୁ ଚିହ୍ନିବାରେ ସକ୍ଷମ ହୁଏ \|<br>• ଭଲ୍ୟୁମ ଏବଂ ବେଗ ମାତ୍ରାରେ ମଧ୍ୟମ ସୀମାକୁ ଚିହ୍ନିଥାଏ । |
| | **C-2-4**<br>**ଭିନ୍ନ ଭିନ୍ନ ଗନ୍ଧ ଓ ସ୍ୱାଦ** | • ବିପଦକୁ ସୂଚିତ କରୁଥିବା ଗନ୍ଧକୁ ଚିହ୍ନଟ କରେ (ଧୁଆଁ, ପଚାଅଣ୍ଡା ) |

| | | |
|---|---|---|
| | **C-2.5**<br>**ସ୍ୱର୍ସ ଆଖିରେ ଭେଦଭାବ ସୃଷ୍ଟିକରେ** | • ୩ ରୁ ୫ ଟି ବସ୍ତୁ କୁ ଆଧାର କରି କଠିନ ଓ ନରମ, ଗରମ ଓ ଥଣ୍ଡା, ଖଦଡ଼ା ଓ ଚିକଣ ସବୁଠାରୁ ଅଧିକ ଚିକଣ କଠିନ,କଠିନତର, କଠିନତମ ଭଳି ବସ୍ତୁକୁ ବର୍ଗୀକରଣ କରେ । |
| | **C-2-6**<br>**ଅନୁଭୂତି ଗୁଡ଼ିକର ଏକ ସାମଗ୍ରିକ ସଚେତନତା ପାଇବା ପାଇଁ ସମ୍ବେଦନଶୀଳ ଧା ରଣା ଗୁଡ଼ିକୁ ଏକତ୍ର କରିବା ଆରମ୍ଭ କରେ ।** | • ଉପଯୁକ୍ତ ବେଗରେ ନିଶ୍ୱାସ ଛାଡ଼େ ଓ ପ୍ରଶ୍ୱାସ ନିଏ \|<br>• ଅଳ୍ପସମୟ ପାଇଁ ସ୍ଥିର ହୋଇ ବସି ନିଜର ଶ୍ୱାସକ୍ରିୟାକୁ ଧ୍ୟାନ ଦେଇଥାଏ \| |

| **ପାଠ୍ୟକ୍ରମ ଲକ୍ଷ୍ୟ** | **ଦକ୍ଷତା** | **ଶିକ୍ଷଣ ଫଳାଫଳ** |
|---|---|---|
| **ନିଜକୁ ଫିଟ୍ ରଖିବେ ଓ ନିଜ ଶରୀରକୁ ସହଜରେ ପରିଚାଳନା କରିପାରିବେ।** | **C-3. 1**<br>**ବିଭିନ୍ନ କର୍ଯ୍ୟ କଳାପରେ ଇନ୍ଦ୍ରିୟଗତ ଧାରଣା ଏବଂ ଶରୀର ଗତି ବିଧି ମଧ୍ୟରେ ସମନ୍ୱୟ ପ୍ରଦର୍ଶନ କରେ** | • ବିଭିନ୍ନ ଆକାରର ବଲ ବ୍ୟବହାର କରି ଧରିବା ,ଫିଙ୍ଗିବା ଏବଂ କିକ ମାରିବାରେ ଉନ୍ନତି କରେ\| |
| | **C-3.2**<br>**ବିଭିନ୍ନ ଶାରୀରିକ କାର୍ଯ୍ୟକଳାପ ରେ ସନ୍ତୁଳନ, ସମନ୍ୱୟ ଏବଂ ନମନୀୟତା ପ୍ରଦର୍ଶନ କରେ ।** | • ଦୁଇଗୋଡ଼ ଏକାଠି କରି ୧୦-୧୫ ପାଦ ଡିଏଁ (Hops)।<br>• ମୁଣ୍ଡ ଓ ହାତରେ ଜିନିଷ ରଖି ଭାରସାମ୍ୟ ରକ୍ଷା କରେ \| (ମୁଣ୍ଡରେ ଏକ ବହି ଧରି ଚାଲିବା) ।<br>• ଭଲ ଶାରୀରିକ ସନ୍ତୁଳନ ପ୍ରଦର୍ଶନ କରେ ( ଯଥା ବିନା ସାହାଯ୍ୟରେ ସାଇକେଲ ଚଲାଇ ଥାଏ । |
| | **C-3.3**<br>**ନିଜ ହାତ ଏବଂ ଆଙ୍ଗୁଳି ଦ୍ୱାରା କାର୍ଯ୍ୟ କରିବା ସମୟରେ ସଠିକତା ନିୟନ୍ତ୍ରଣ ପ୍ରଦର୍ଶନ କରିଥାଏ ।** | .<br>• ବିଭିନ୍ନ କାର୍ଯ୍ୟ କରିବା ପାଇଁ, ସୂକ୍ଷ୍ମ ମାଂସପେଶୀର ସମନ୍ୱିତ ଚଳନକୁ ବ୍ୟବହାର କରେ, ଯାହାକି କିଛି ସହାୟତା ସହିତ ଅଧିକ ସଠିକତା ଆବଶ୍ୟକ କରେ। (ଯଥା ପେନସିଲ ସାହାଯ୍ୟରେ ଚିତ୍ରାଙ୍କନ, ସିଧା କିମ୍ବା ବକ୍ର ରେଖା ଉପରେ କାଟିବା, ଛୋଟ ମାଳି ଗୁନ୍ଥିବା ସ୍ୱଷ୍ଟ ଅକ୍ଷରର ଲିଖନ, ସୂତା ଦ୍ୱାରା ଫୁଲ ଗୁନ୍ଥିବା, ଆବଦ୍ଧ କ୍ଷେତ୍ର ମଧ୍ୟରେ ରଙ୍ଗ ଦେବା) |

| | | |
|---|---|---|
| | **C-3.4**<br>**ଜିନିଷ ବୋହିବା , ଚାଲିବା ଏବଂ ଦୌଡିବାରେ ଶକ୍ତି ଏବଂ ସହନଶୀଳତା ପ୍ରଦର୍ଶନ କରେ।** | • ଶରୀର ଚାଳନାକୁ ସୁସଂଗତ ଭାବରେ ସମନ୍ୱିତ କରି ସହଜରେ ଚାଲିଥାଏ ଏବଂ ଦୌଡିଥାଏ \|<br>• .ମୁଣ୍ଡ ଉପରେ ହାତ ରଖି (ତାଡ଼ାସନ ) ଭଳି ୧୦ ମିଟର ପର୍ଯ୍ୟନ୍ତ ପାଦ ଆଙ୍ଗୁଳିରେ ଚାଲି ଥାଏ।<br>• ନିର୍ଦ୍ଧିଷ୍ଟ ଉଚ୍ଚତାରୁ (୩ ଫୁଟ) ସହଜରେ ଡିଏଁ<br>• ବିଭିନ୍ନ ଖେଳ ପରିସ୍ଥିତିରେ ଶକ୍ତି ଆବଶ୍ୟକ କରୁଥିବା କାର୍ଯ୍ୟ ଆରାମରେ କରିଥାଏ ।(ଦୌଡ଼ିଟଣା ଟଗ ଅଫ ୱାର ) |

## ଶାରୀରିକ ବିକାଶ –ଅଂଶଗ୍ରହଣକାରୀଙ୍କ ଦ୍ବାରା ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା

**ଦିବସ-୨ୟ** **ସମୟ -୧ଘଣ୍ଟା ୩୦ ମିନିଟ୍**

**ଅଧିବେଶନ -ଦ୍ବିତୀୟ**

**ପୃଷ୍ଠଭୂମି :-** ମୌଳିକ ପର୍ଯ୍ୟାୟରେ ବାଲବାଟିକା (୫-୬)ବର୍ଷ ବୟସର ଶିଶୁମାନଙ୍କର ଶାରୀରିକ ବିକାଶର ଅଭିବୃଦ୍ଧି ନିମନ୍ତେ ବିଦ୍ୟାଳୟ ସ୍ତରରେ ଖେଳ, ବ୍ୟାୟମ୍, ଯୋଗ ଅଭ୍ୟାସ, ସୁସ୍ଥ ପରିମଳ ଅଭ୍ୟାସ ଆଦି ଅନେକ କାର୍ଯ୍ୟ କରାଯାଉଛି |ଏହି ଅଧିବେଶନରେ ଆମେ ଖେଳ, ଗୀତ, ଗପ, ନାଚ ଆଦି ବିଭିନ୍ନ କାର୍ଯ୍ୟ ମାଧମରେ କିପରି ଶିକ୍ଷଣ ଫଳାଫଳ ଗୁଡିକ ହାସଲ କରିପାରିବା |ସେ ସମ୍ପର୍କରେ ଆଲୋଚନା କରିବା |

**ପ୍ରତ୍ୟାଶିତ ଫଳାଫଳ -**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣ କାରୀ ମାନେ -:

- ମୌଳିକ ପର୍ଯ୍ୟାୟରେ ଶିଶୁର ଶାରୀରିକ ବିକାଶ ଦିଗର ପାଠ୍ୟକ୍ରମ ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳକୁ ଆଧାର କରି ବିଭିନ୍ନ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବେ |

**ସୋପାନ -୧**

**କାର୍ଯ୍ୟ**

**"ଆସ କରି ଶିଖିବା"**

ସାଧନକର୍ମୀ ପ୍ରଥମେ ଅଂଶଗ୍ରହଣ କାରୀ ମାନଙ୍କୁ ନେଇ ୬/୭ଟି ଦଳଗଠନ କରିବେ |

• ପ୍ରତି ଦଳକୁ ପରସ୍ପର ମଧରେ ଆଲୋଚନା କରି ଶାରୀରିକ ବିକାଶ ଦିଗର ଦକ୍ଷତାର ଅଭିବୃଦ୍ଧି ନିମନ୍ତେ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେବେ |

•ପ୍ରତ୍ୟେକ ଦଳ ଅଲଗା ଅଲଗା ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରିବେ |

•ସାଧନକର୍ମୀ ପ୍ରତ୍ୟେକ ଦଳର କାମକୁ ଦେଖିବେ ବା ନିରୀକ୍ଷଣ କରିବେ |କାମଟି ସରିବା ପରେ ଦଳଗତ ଭାବରେ ଉପସ୍ଥାପନ କରିବାପାଇଁ ସୂଚନା ଦେବେ |(ଉପସ୍ଥାପନ ପାଇଁ ୧୦ ମିନିଟ୍ ସମୟ ଦିଆଯିବ (|

•ଆବଶ୍ୟକ ସ୍ଥଳେ ସାଧନକର୍ମୀ ଅଂଶଗ୍ରହଣକାରୀ ମାନଙ୍କୁ କିଛି ସାମଗ୍ରୀ ଯୋଗାଇ ଦେବେ |

ପ୍ରତ୍ୟେକ ଦଳର ଉପସ୍ଥାପନା ପରେ ସାଧନକର୍ମୀ ନିମ୍ନ ପ୍ରଶ୍ନ ଗୁଡିକ ଆଧାରରେ ଆଲୋଚନା କରିବେ |

**ପ୍ରଶ୍ନ –**

୧-ଆପଣମାନେ କରିଥିବା କାର୍ଯ୍ୟ ଗୁଡିକ ବିକାଶର କେଉଁ ଦିଗକୁ ସୂଚାଉଛି?

୨-ଏହା ଦ୍ଵାରା ପିଲାର କେଉଁସବୁ ଦକ୍ଷତାର ବିକାଶ ହେଉଛି?

୩-ଏହି କାର୍ଯ୍ୟଗୁଡିକ କେଉଁ ସୋପାନ ଦେଇ କଲେ?

୪-ଉକ୍ତ କାର୍ଯ୍ୟଗୁଡିକ କେଉଁ ସବୁ ଶିକ୍ଷଣ ଫଳାଫଳ ହାସଲ କରାଯାଇପାରିବ?

୫-ଶ୍ରେଣୀ ପରିଚାଳନା ସମୟରେ ଆପଣମାନେ ଅନ୍ୟ କେଉଁ କେଉଁ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରୁଛନ୍ତି ?

୬-ଶ୍ରେଣୀରେ ଥିବା ବିଭିନ୍ନ ବର୍ଗର ଶିକ୍ଷାର୍ଥୀ ମାନଙ୍କୁ )ଅନ୍ତର୍ନିବେଶୀ (ପରିସ୍ଥିତିରେ ଆମେ କେଉଁ ପ୍ରକାର ଶିକ୍ଷଣ କାର୍ଯ୍ୟ କରିପାରିବା ?

**ଉକ୍ତ ପ୍ରଶ୍ନୋତ୍ତର ଆଲୋଚନା ପରେ ସାଧନକର୍ମୀ ଉକ୍ତ ଅଧିବେଶନକୁ ସଂକ୍ଷେପଣ କରିବେ |**

**ଏହି ଅଧିବେଶନରୁ ଆମେ କ'ଣ ଶିଖିଲେ?**

| |
|---|
| ସଂକ୍ଷେପଣ :<br>ଶିଶୁର ଶାରୀରିକ ବିକାଶ ଦିଗର ଦକ୍ଷତା ହାସଲ ନିମନ୍ତେ ଶ୍ରେଣୀ ଗୃହରେ ଖେଳ, ଗୀତ, ଗପ, ନାଚ, ଅଭିନୟ, ମାଟି କାମ, କାଗଜ କାମ ଆଦି କାର୍ଯ୍ୟ କରିପାରିବ \| |

# ସାମାଜିକ, ଆବେଗିକ ଏବଂ ନୈତିକ ବିକାଶ

**ଦ୍ୱିତୀୟ ଦିବସ** **ସମୟ - 1 ଘଣ୍ଟା 30 ମିନିଟ**

**ତୃତୀୟ ଅଧିବେଶନ**

**ପୃଷ୍ଠଭୂମି:**

ସାମାଜିକ, ଆବେଗିକ ଓ ନୈତିକ ବିକାଶ ହେଉଛି ଶିକ୍ଷାର ଏକ ମୌଳିକ ଭିତ୍ତି, ଯାହାର ଉଲ୍ଲେଖ ଜାତୀୟ ପାଠ୍ୟକ୍ରମ ଆଧାର-ମୌଳିକ ପର୍ଯ୍ୟାୟରେ ବର୍ଣ୍ଣନା କରାଯାଇଛି । ଏହି କ୍ଷେତ୍ରଟି ଶିଶୁମାନଙ୍କର ଆବେଗକୁ ବୁଝିବା ଏବଂ ନିୟନ୍ତ୍ରଣ କରିବାର ଦକ୍ଷତା, ସାଥୀ ଓ ବୟସ୍କମାନଙ୍କ ସହିତ ସକାରାତ୍ମକ ଓ ଫଳପ୍ରଦ ଭାବ ବିନିମୟ  କରିବା ଓ ସହଯୋଗ କରିବା ପାଇଁ ଆବଶ୍ୟକୀୟ ମୌଳିକ କୌଶଳ ବିକାଶରେ ସାହାଯ୍ୟ କରେ। ଏହି ବୟସର ପିଲାମାନଙ୍କ ପାଇଁ ସାମାଜିକ-ଆବେଗିକ ବିକାଶ ତାଙ୍କର ଆତ୍ମଜ୍ଞାନକୁ ସୁଧାରିବା ଉପରେ କେବଳ ଗୁରୁତ୍ୱ ଦେଇ ନ ଥାଏ, ବରଂ ସମନ୍ୱିତ ଶିକ୍ଷା ପରିବେଶରେ ଭାଗ ନେବାର ଦକ୍ଷତାର ବିକାଶ କରିଥାଏ। ଏହି ପର୍ଯ୍ୟାୟରେ, ପିଲାମାନେ ଔପଚାରିକ ଓ ଅନୌପଚାରିକ ପରିବେଶରୁ ଶିଖିବାର ସୁଯୋଗ ପାଇଥାଆନ୍ତି । ବାଲବାଟିକା ପାଠ୍ୟକ୍ରମରେ ଖେଳଭିତ୍ତିକ ଅଭିଜ୍ଞତାଭିତ୍ତିକ ଶିକ୍ଷଣକୁ ଗୁରୁତ୍ୱ ଦିଆଯାଇଥାଏ ।  ଏହା ସୁରକ୍ଷିତ ପରିବେଶ ସୃଷ୍ଟି କରେ, ଯେଉଁଠାରେ ପିଲାମାନେ ନିଜମନକୁ ସ୍ୱତନ୍ତ୍ର ଭାବରେ ଅଭିବ୍ୟକ୍ତ କରିବା ପାଇଁ ସୁରକ୍ଷିତ ଓ ସମର୍ଥ ହୋଇଥାନ୍ତି ।

**ପ୍ରତ୍ୟାଶିତ ଫଳାଫଳ**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ :-

- ଜାତୀୟ ପାଠ୍ୟକ୍ରମ ଆଧାର ମୌଳିକ ପର୍ଯ୍ୟାୟର ସାମାଜିକ-ଆବେଗିକ ଏବଂ ନୈତିକ ବିକାଶ ଅନ୍ତର୍ଗତ ପାଠ୍ୟକ୍ରମ ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳଗୁଡ଼ିକୁ ଚିହ୍ନଟ କରିବେ ।
- ଶିକ୍ଷଣ ଫଳାଫଳ ଆଧାରିତ ଶ୍ରେଣୀ ପରିଚାଳନା କରିବାର କୌଶଳ କହିବେ ।

**ସୋପାନ ୧: (ଭିଡ଼ିଓ ପ୍ରଦର୍ଶନ ଓ ଆଲୋଚନା)** **(ସମୟ – ୧୫ ମିନିଟ୍)**

**ଆବଶ୍ୟକ ଶିକ୍ଷଣ ସାମଗ୍ରୀ: ଭିଡ଼ିଓ (ଲିଙ୍କ - )-**

https://www.youtube.com/watch?v=Pde0FKYthEY

**ସାଧନକର୍ମୀ ଭିଡ଼ିଓ ଦେଖାଇ ନିମ୍ନଲିଖିତ ପ୍ରଶ୍ନ ପଚାରିବେ ଓ ଆଲୋଚନା କରିବେ ।**

**ପ୍ରଶ୍ନ ୧ – ଭିଡ଼ିଓରେ କ'ଣ ସବୁ ଦେଖିଲେ ?**
**ପ୍ରଶ୍ନ ୨ - ଶିକ୍ଷକ ପିଲାମାନଙ୍କୁ ତାଙ୍କ ନିଜର ଆବେଗକୁ ବୁଝିବା ଏବଂ ପରିପ୍ରକାଶ କରିବାରେ କିପରି ସାହାଯ୍ୟ କରୁଥିଲେ?**
**ପ୍ରଶ୍ନ ୩ – ପିଲାମାନଙ୍କ ମଧ୍ୟରେ ଦଳଗତ ଆଲୋଚନା ଏବଂ ସହଯୋଗ ଭାବନା କିପରି ସୃଷ୍ଟି କରାଯାଇଥିଲା?**
**ପ୍ରଶ୍ନ ୪ – ଅନ୍ୟର ଭାବନାକୁ ବୁଝିବା / ସମାନୁଭୂତି  (Empathy) ଓ  ନୈତିକ ମୂଲ୍ୟବୋଧ ଆଧାରରେ ନିର୍ଣ୍ଣୟ ନେବା ପାଇଁ କେଉଁ କାର୍ଯ୍ୟନୀତି ବ୍ୟବହାର କରାଯାଇଥିଲା ?**

**ସୋପାନ ୨: ଦଳଗତ କାର୍ଯ୍ୟ** **ସମୟ - ୨୦ ମିନିଟ**

- ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ନେଇ ୬ ଟି ଦଳ ଗଠନ କରିବେ ।
- ପ୍ରତିଦଳରେ ୬-୭ ଜଣ ଅଂଶଗ୍ରହଣକାରୀ ରହିବେ ।
- ପ୍ରତ୍ୟେକ ଦଳକୁ ତଥ୍ୟ ଫର୍ଦ୍ଦ -୧ ଦେବେ ।
- ଅଂଶଗ୍ରହଣକାରୀମାନେ ଦଳରେ ଆଲୋଚନା କରି ପାଠ୍ୟକ୍ରମ ଲକ୍ଷ୍ୟ ଅନ୍ତର୍ଗତ ଦକ୍ଷତା ଓ ଶିକ୍ଷଣ ଫଳାଫଳ ଗୁଡ଼ିକୁ ଚିହ୍ନଟ କରିବେ ଓ ପ୍ରଶ୍ନ ୧ ରୁ ୫ ର ଉତ୍ତରକୁ ଡ୍ରଇଂ ସିଟ ରେ ଲିପିବଦ୍ଧ କରିବେ (ପ୍ରତ୍ୟେକ ଦୁଇଟି ଦଳ ଗୋଟିଏ ପାଠ୍ୟକ୍ରମ ଲକ୍ଷ୍ୟ ଆଧାରିତ ଦକ୍ଷତା ଓ ଶିକ୍ଷଣ ଫଳାଫଳ ଉପରେ ଆଲୋଚନା କରିବେ )

**ପ୍ରଶ୍ନ -** ୧ - ଏହି ତଥ୍ୟ ଫର୍ଦ୍ଦରେ କେଉଁ ଦିଗର ବିକାଶ ବିଷୟରେ ବର୍ଣ୍ଣନା କରାଯାଇଛି ?

୨ - ଏହି ତଥ୍ୟ ଫର୍ଦ୍ଦରୁ କେଉଁ ସବୁ ସୂଚନା ପାଉଛନ୍ତି ? (ଅଂଶଗ୍ରହଣକାରୀମାନେ ଲେଖିବେ )

୩ – ସାମାଜିକ, ଆବେଗିକ ଓ ନୈତିକ ବିକାଶ ଅନ୍ତର୍ଗତ ପାଠ୍ୟକ୍ରମର ଲକ୍ଷ୍ୟ ଗୁଡିକ କ'ଣ ?

୪ - ପାଠ୍ୟକ୍ରମ ଲକ୍ଷ୍ୟ ଅନ୍ତର୍ଗତ କେଉଁ ସବୁ ଦକ୍ଷତା ରହିଛି ?

୫ - ପ୍ରତ୍ଯେକ ଦକ୍ଷତା ଅନ୍ତର୍ଗତ ଶିକ୍ଷଣ ଫଳାଫଳ ଗୁଡିକ କ'ଣ ?

- ଦଳଗତ ଉପସ୍ଥାପନା – ଆଲୋଚନା- ସଂକ୍ଷେପଣ

**ସୋପାନ -୩** **ସମୟ -୧୫ ମିନିଟ**

- ସାଧନକର୍ମୀ ଅଂଶଗ୍ରହଣକାରୀ ଦଳମାନଙ୍କୁ ମୁହାମୁହିଁ ହୋଇ ବସିବା ପାଇଁ କହିବେ ।
- ପ୍ରତ୍ଯେକ ଦଳକୁ ତଥ୍ୟ ଫର୍ଦ୍ଦ -୧ ଦେବେ।
- ସାଧନକର୍ମୀଙ୍କ ସୂଚନା ଅନୁଯାୟୀ ଗୋଟିଏ ଦଳ ଦକ୍ଷତା ଗୁଡିକୁ ପଚାରିବେ , ଅନ୍ୟ ଦଳ ଦକ୍ଷତା ଭିତ୍ତିକ ଶିକ୍ଷଣ ଫଳାଫଳ ଗୁଡିକୁ କହିବେ । ଏହିପରି ଅଦଳ ବଦଳ ହୋଇ ପ୍ରଶ୍ନଗୁଡିକୁ ଆଲୋଚନା କରିବେ ।
- ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କର ଅଂଶଗ୍ରହଣକୁ ନିଶ୍ଚିତ କରାଇବେ ।

**ସୋପାନ ୪: ସାମୂହିକ କାର୍ଯ୍ୟ** **(ସମୟ – ୨୦ ମିନିଟ୍)**

<u>**ପରିସ୍ଥିତି :-**</u>

- ଶ୍ରେଣୀର ସମସ୍ତ ପିଲାଙ୍କୁ ଗୋଲାକାରରେ ବସାଇବେ ଓ ଗପଟିଏ କହିବେ ।

"ସନ୍ଦୀପ ର ବୟସ ୫ ବର୍ଷ । ଘରେ ତାର ବାପା , ମାଆ , ଜେଜେବାପା , ଜେଜେ ମାଆ ,ବଡ ଭାଇ ,ସାନ ଭଉଣୀ ଅଛନ୍ତି । ସନ୍ଦୀପ କୁ ଘରେ ସମସ୍ତେ ବବ୍ଲୁ ବୋଲି ଡାକନ୍ତି । ବବ୍ଲୁର ବାପା ପୋଲିସ ବିଭାଗରେ କାର୍ଯ୍ୟ କରନ୍ତି । ମାଆ ଘରେ ସମସ୍ତଙ୍କ କଥା ବୁଝନ୍ତି । ବବ୍ଲୁ ର ଜନ୍ମଦିନ ଆସିଲା । ଘରକୁ ମାମୁ ଘରୁ ସମସ୍ତେ ଆସିଲେ। ମାମୁ ବବ୍ଲୁ ପାଇଁ ଉପହାରରେ ଗଛଟିଏ ଆଣିଥିଲେ। ବବ୍ଲୁ ତାର ଜେଜେବାପାଙ୍କ ସାହାଯ୍ୟ ନେଇ ଗଛଟିକୁ କୁଣ୍ଡରେ ଲଗେଇଲା। ସେହି ଦିନ ଠାରୁ ସେ ପ୍ରତିଦିନ ଗଛରେ ପାଣିଦିଏ ଓ ଗଛର ଯତ୍ନ ନିଏ। "

ଶିକ୍ଷକ ଗପଟି  କହି ସାରିବାପରେ ସମସ୍ତ ଶ୍ରେଣୀର  ପିଲାମାନଙ୍କୁ ଅଲଗା ଅଲଗା ଦଳରେ ବସାଇବେ ଓ ଶ୍ରେଣିଭିତ୍ତିକ ଶିକ୍ଷଣ କାର୍ଯ୍ୟ କରାଇବେ ।  ଶିକ୍ଷକ ଶ୍ରେଣୀ ଅନୁଯାୟୀ ଶିକ୍ଷଣ ସାମଗ୍ରୀ ଦେବେ ।

| **ବାଲ ବାଟିକା ଶ୍ରେଣୀ** | **ପ୍ରଥମ ଶ୍ରେଣୀ** | **ଦ୍ଵିତୀୟ  ଶ୍ରେଣୀ** |
|---|---|---|
| ବାଲବାଟିକା ଶ୍ରେଣୀର ପିଲାମାନଙ୍କୁ ଦଳରେ ବସାଇ ରେଖା ଚିତ୍ର ଚାର୍ଟ ଦେବେ ଓ ସେଥିରେ ରଙ୍ଗ ଦେବା ପାଇଁ କହିବେ \|<br><br>(ପିଲାଟିଏ ଗଛରେ ପାଣିଦେଉଥିବାର ଚିତ୍ର ) | ପ୍ରଥମଶ୍ରେଣୀ ର ପିଲାମାନଙ୍କୁ ପରିବାର ସମ୍ବନ୍ଧୀୟ କିଛି ପ୍ରଶ୍ନ ପଚାରିବେ । ଯେପରି :<br><br>୧.ସନ୍ଦୀପ କୁ ଘରେ କ'ଣ ଡାକନ୍ତି ?<br><br>୨.ସନ୍ଦୀପ ଘରେ କିଏ କିଏ ଅଛନ୍ତି ? ଇତ୍ୟାଦି .<br><br>୩. ସନ୍ଦୀପ କୁ ମାମୁଁ ତା ଜନ୍ମ ଦିନରେ କ'ଣ ଉପହାର ଦେଇଥିଲେ ? | ଦ୍ଵିତୀୟଶ୍ରେଣୀର ପିଲାମାନଙ୍କୁ ଦଳରେ ପରିବାର ସମ୍ପର୍କିତ ପ୍ରଶ୍ନ କାର୍ଡ ଦେଇ ଉତ୍ତର ଲେଖିବାକୁ କହିବେ ।<br><br>ଉଦାହରଣ :-<br><br>(ଶିକ୍ଷଣ ସାମଗ୍ରୀ – ପ୍ରଶ୍ନ ପାତ୍ର )<br><br>୧. ତୁମ ମାମୁଁ , ମାଆଙ୍କର କ'ଣ ହେବେ ?<br><br>୨.ତୁମ ମାଇଁ ତୁମ ଅଜାଙ୍କର କ'ଣ ହେବେ ?<br><br>୩. ତୁମ ମାମୁଁ ଙ୍କର ତୁମେ କ'ଣ ହୁଅ ?<br><br>ଏହିପରି ପ୍ରଶ୍ନ ପ୍ରସ୍ତୁତ କରି ଦଳଗତ କାର୍ଯ୍ୟ ଦେବେ। |

- ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ଦିଆଯାଇଥିବା ଶିକ୍ଷଣକାର୍ଯ୍ୟରେ କେଉଁ  ଦକ୍ଷତା ଓ ଶିକ୍ଷଣ ଫଳାଫଳ ଥିଲା ପଚାରିବେ । ( ସାଧନ କର୍ମୀ ପ୍ରଶ୍ନର  ଉତ୍ତର ପାଇଁ ସାଧନ କର୍ମୀଙ୍କ ସୂଚନା ଫର୍ଦ୍ଦ ଦେଖନ୍ତୁ  | )

ପ୍ରଶ୍ନ-୧- କେଉଁ ସବୁ ଶିକ୍ଷଣକାର୍ଯ୍ୟ କଲେ ?

ପ୍ରଶ୍ନ-୨- ଶିକ୍ଷଣ କାର୍ଯ୍ୟଗୁଡିକରେ କେଉଁ ପର୍ଯ୍ୟାୟକୁ ଅଧିକ ଗୁରୁତ୍ଵ ଦିଆଯାଇଛି  ?

ପ୍ରଶ୍ନ-୩-ଏହି ଶିକ୍ଷଣକାର୍ଯ୍ୟକୁ  ଶ୍ରେଣୀ ପରିଚାଳନାରେ ଅଧିକ ଫଳପ୍ରଦ କରିବା ପାଇଁ ଆମେ ଆଉ କ'ଣ ସବୁ ଶିକ୍ଷଣ କାର୍ଯ୍ୟ କରି ପାରିବା

# ସାଧନକର୍ମୀ ଙ୍କ ପାଇଁ ସୂଚନା

## ତଥ୍ୟ ଫର୍ଦ୍ଦ - ୧

| କ୍ଷେତ୍ର | ପାଠ୍ୟକ୍ରମୀୟ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ |
|---|---|---|---|
| ସାମାଜିକ-ଭାବନାତ୍ମକ ଏବଂ ନୈତିକ ବିକାଶ | C.G- 4. ନିଜର ଆବେଗକୁ ବୁଝିବା ଓ ପରିଚାଳନା କରିପାରିବା ଦକ୍ଷତା ସହିତ ସାମାଜିକ ରୀତିନୀତିକୁ ଗ୍ରହଣ କରିବା ଶିଖିବେ | C-4.1. ଏକ ପରିବାର ଏବଂ ସମ୍ପ୍ରଦାୟର ବ୍ୟକ୍ତି ଭାବରେ ନିଜକୁ ଚିହ୍ନିବା ଆରମ୍ଭ କରନ୍ତି ।<br><br>C-4.2. ବିଭିନ୍ନ ଆବେଗକୁ ଚିହ୍ନଟ କରେ ଏବଂ ସେଗୁଡିକୁ ସଠିକ ଭାବରେ ନିୟନ୍ତ୍ରଣ କରିବା ପାଇଁ ସୁଚିନ୍ତିତ ପ୍ରୟାସ କରିବେ । | L.O. 4.1.1. ପରିବାର, ପଡ଼ୋଶୀ, ବିଦ୍ୟାଳୟ, ସହର ଏବଂ ଯେଉଁଠାରେ ଭିନ୍ନ-ଭିନ୍ନ ଲୋକ ଭିନ୍ନ-ଭିନ୍ନ ଭୂମିକା ନିର୍ବାହ କରନ୍ତି , ସେହିଠାରେ ନିଜକୁ ଏକ ସଦସ୍ୟ ଭାବେ ନିଜର ପରିଚୟ ଦେବେ \|<br><br>L.O. 4.1.2. ବ୍ୟକ୍ତିଗତ ପରିଚୟ ସୂଚନା ଯେପରିକି ବାସସ୍ଥାନର ଠିକଣା, ପରିବାର ସଦସ୍ୟମାନଙ୍କର ବିବରଣୀ ଓ ବିଦ୍ୟାଳୟ ଇତ୍ୟାଦି ବିଷୟରେ ତଥ୍ୟ ପ୍ରଦାନ କରିଥାଏ \|<br><br>L.O. 4.2.1 ସେମାନଙ୍କର ଆବେଗଗୁଡିକୁ ଏବଂ ସେଗୁଡ଼ିକର କାରଣକୁ ବର୍ଣ୍ଣନା କରନ୍ତି (ଯେପରିକି, "ସେ ରାଗୀ ହୋଇଯାଇଛି କାରଣ ତାର ମୋର ବ୍ଲକ ଟାଓର ଭାଙ୍ଗିଦେଇଛି)।<br><br>ସେମାନଙ୍କର ଆବେଗ/ଅନୁଭୂତିକୁ ସାଙ୍ଗସାଥି ଓ ପରିଚିତ ବୟସ୍କଙ୍କ ସହିତ ଆଦାନ ପ୍ରଦାନ କରିଥାଏ \| |

| | | | |
|---|---|---|---|
| | | C-4.3. ଅନ୍ୟ ପିଲା ଏବଂ ବୟସ୍କ ଙ୍କ ସହ ଅନାୟାସରେ କଥାବାର୍ତ୍ତା କରନ୍ତି। | L.O. 4.2.2. ଯେତେବେଳେ ସେମାନେ ବିରକ୍ତ/ରାଗୀ ଯାଇଥାନ୍ତି, ସେମାନେ ଶାନ୍ତ ହେବାକୁ ନିଜକୁ ସହାୟତା କରିବା ପାଇଁ କାର୍ଯ୍ୟ ପରିବର୍ତ୍ତନ ନିମନ୍ତେ ରାଜିହୋଇଥାନ୍ତି ।<br><br>L.O. 4.3.1. ଅଳ୍ପପରିଚିତ ବୟସ୍କମାନଙ୍କ ସହିତ ସହଜ ଭାବରେ କଥାବର୍ତ୍ତା କରିବା ଆରମ୍ଭ କରନ୍ତି।<br><br>L.O. 4.3.2 ଅନ୍ୟ ଶିଶୁମାନଙ୍କ ସହିତ ଖେଳିବା ଓ କାମ କରିବା ପାଇଁ ବିଭିନ୍ନ ଯୋଜନା କରନ୍ତି (ଯେପରିକି, ସେମାନଙ୍କୁ ଖେଳରେ ଯୋଗ ଦେବାକୁ ଆମନ୍ତ୍ରଣ କରିବା, ପାରସ୍ପରିକ ନିୟମଗୁଡ଼ିକୁ ଗ୍ରହଣ କରିବା, ଚର୍ଚ୍ଚା ମାଧ୍ୟମରେ ସମସ୍ୟାର ସମାଧାନ କରିବା)।<br>L.O. 4.3.3. ଅଧିକାଂଶ ସମୟରେ ସାଙ୍ଗମାନଙ୍କ ସହିତ ଖେଳିବା ପାଇଁ ବୟସ୍କମାନଙ୍କ ଠାରୁ ଜାଣିଶୁଣି ଅଲଗା ହୋଇଯାନ୍ତି \|<br><br>L.O. 4.3.4. ଅତିକମରେ ଗୋଟିଏ ଶିଶୁ ସହିତ ଘନିଷ୍ଠ ମିତ୍ରତା ସୃଷ୍ଟି କରନ୍ତି ଏବଂ ତାହାକୁ ବଜାଇ ରଖନ୍ତି \|<br><br>• ପରିଚିତ ବୟସ୍କମାନଙ୍କ |

| | | | |
|---|---|---|---|
| | | | ଠାରୁ ସାହାଯ୍ୟ ପାଇଁ ଅନୁରୋଧ କରନ୍ତି।<br><br>**L.O. 4.4.1.** ଅନ୍ୟ ଶିଶୁମାନଙ୍କ ସହିତ ଖେଳ ଆରମ୍ଭ କରନ୍ତି ଏବଂ ଯୋଜନା କରନ୍ତି (ଯେପରିକି, କେଉଁ ଖେଳ ଖେଳିବେ, କିପରି ଖେଳିବେ, ଓ କେବେ ଖେଳିବେ)। |
| | | **C-4.4.** ଅନ୍ୟ ପିଲାଙ୍କ ସହ ସହଜ ରେ ଯୋଗାଯୋଗ କରନ୍ତି \| | **L.O. 4.5.1.** ଦୈନିକ କାର୍ଯ୍ୟରେ ସ୍ୱାଧୀନତା ଦେଖାନ୍ତି \|<br><br>• ନିଜ କାମ ସମ୍ପୂର୍ଣ୍ଣ କରିବାର ଦାୟିତ୍ୱ ନେଇଥାନ୍ତି। |
| | | **C-4.5.** ଶ୍ରେଣୀ ଗୃହରେ ଏବଂ ବିଦ୍ୟାଳୟରେ ସାମାଜିକ ନିୟମ କୁ ସକାରାତ୍ମକ ଭାବରେ ବୁଝିବେ ଏବଂ ଗ୍ରହଣ କରିବେ । | • ଅସୁବିଧା ଅନୁଭବ କରିବା ସମୟରେ ସେମାନେ ପ୍ରକାଶ କରନ୍ତି ଏବଂ ସାହାଯ୍ୟ ଚାହିଁଥାନ୍ତି।<br><br>**L.O. 4.5.2.** ବୟସ୍କମାନଙ୍କ ନମନେପକାଇଲେ ମଧ୍ୟ ବିଦ୍ୟାଳୟରେ ସରଳ ନିୟମଗୁଡ଼ିକୁ ଅନୁସରଣ କରନ୍ତି। |

| | | | |
|---|---|---|---|
| | | **C-4.6.** ଆବଶ୍ୟକ ସ୍ଥଳେ ଅନ୍ୟ ମାନଙ୍କୁ ଦୟା ଏବଂ ସହାୟତା ଦେଖାଇବେ(ପଶୁ ଏବଂ ଉଦ୍ଭିଦକୁ ମଧ୍ଯ )<br><br>**C-4.7.** ଅନ୍ୟ ପିଲାମାନଙ୍କର ବିଭିନ୍ନ ଚିନ୍ତାଧାରା,ପସନ୍ଦ ଏବଂଭାବପ୍ରବଣତା ବୁଝିବେ ଏବଂ ସକାରତ୍ମକ ଭାବରେ ପ୍ରତିକ୍ରିୟା କରିବେ । | **L.O. 4.6.1.** ସାମଗ୍ରୀଗୁଡ଼ିକୁ ସତର୍କତାର ସହିତ ବ୍ୟବହାର କରନ୍ତି।<br><br>**L.O. 4.7.1.** ଶିଶୁମାନଙ୍କ ମଧ୍ୟରେ ସାମ୍ୟ ଏବଂ ପାର୍ଥକ୍ୟ ଧିରେ ଧିରେ ଧ୍ୟାନ କରିବା ଆରମ୍ଭ କରନ୍ତି (ଯେପରିକି, ଉଚ୍ଚତା, ଲିଙ୍ଗ, ଚର୍ମର ରଙ୍ଗ, କଥାବର୍ତ୍ତା କରିବାର ଶୈଳୀ, ଖାଦ୍ୟ ପସନ୍ଦ)। |
| | **C.G.5.** ସେବା ମନୋବୃତ୍ତି ଓ ଫଳପ୍ରଦ କାର୍ଯ୍ୟ କରିବା ପାଇଁ ସକାରାତ୍ମକ ମନୋବୃତ୍ତିର ବିକାଶ କରିବେ | **C- 5.1.** ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ବୟସ-ଉପଯୋଗୀ ଶାରୀରିକ କାର୍ଯ୍ୟରେ ନିୟୋଜିତ ଏବଂ ଅଂଶଗ୍ରହଣ କରିବା ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତି \| | **L.O. 5.1.1**. ଖାଇବା ପରେ ନିଜ ପ୍ଲେଟ୍ କିମ୍ବା ଟିଫିନ ସଫା କରନ୍ତି।<br><br>ଘରେ ଏବଂ/କିମ୍ବା ବିଦ୍ୟାଳୟରେ ଉଚିତ କାର୍ଯ୍ୟ ସମ୍ପାଦନ କରନ୍ତି (ଯେପରିକି, ଖେଳନା ହଟାଇ ରଖିବା, ଗଛକୁ ପାଣି ଦେବା)। |
| | **C.G.6.** ଚତୁଃର୍ପାର୍ଶ୍ବର ପ୍ରାକୃତିକ ପରିବେଶକୁ ବିଚାରକୁ ନେଇ କାର୍ଯ୍ୟ କରିବେ | **C-6.1.** ସମସ୍ତ ଜୀବ ପାଇଁ ଯତ୍ନଶୀଳ ହେବେ ଏବଂ ସେମାନଙ୍କ ସହ ଆନନ୍ଦରେ ଜଡିତ ହେବେ \| | **L.O. 6.1.1.** ସ୍ଥାନୀୟ ପରିବେଶର ଗଛପତ୍ର ଓ ପଶୁପକ୍ଷୀମାନଙ୍କ ସହିତ ଆନନ୍ଦ/ ନିୟୋଜିତ ହୋଇ ଅନୁଭବ କରନ୍ତି। |

| | | | |
|---|---|---|---|
| | | | ପ୍ରାକୃତିକ ଯାଗାରେ ଶାରୀରିକ ଭାବେ ସଂଲଗ୍ନ ହେବାରେ କୌଣସି ଅସୁବିଧା ଅନୁଭବ କରନ୍ତି ନାହିଁ। (ଉଦାହରଣ ସ୍ୱରୂପ – ବଗିଚାରେ କିମ୍ବା ପାର୍କରେ ) |

**ସୋପାନ-୪:- ସଂକ୍ଷେପଣ -**

| ବିକାଶର ଦିଗ | ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ |
|---|---|---|---|
| ସାମାଜିକ,ଆବେଗିକ ଓ ନୈତିକତା | ନିଜର ଆବେଗକୁ ବୁଝିବା ଓ ପରିଚାଳନା କରିପାରିବାର ଦକ୍ଷତା ସହିତ ସାମାଜିକ ରୀତିନୀତି କୁ ଗ୍ରହଣ କରିବା ଶିଖିବେ | ଏକ ପରିବାର ଓ ସମ୍ପ୍ରଦାୟର ବ୍ୟକ୍ତି ଭାବରେ ନିଜକୁ ଚିହ୍ନିବା ଆରମ୍ଭ କରିବେ । | ନିଜକୁ ପରିବାରର ସଦସ୍ୟ ଭାବେ ପରିଚୟ ଦେବ,ଯେଉଁ ଠାରେ ପରିବାରରେ ଭିନ୍ନ ଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଭୂମିକା ନିର୍ବାହ କରନ୍ତି । |

ବାଲବାଟିକା ପିଲାମାନଙ୍କୁ ରଙ୍ଗ କରିବାକୁ ଦିଆଯିବ -



# ସାମାଜିକ, ଆବେଗିକ ଏବଂ ନୈତିକ ବିକାଶ–ଅଂଶଗ୍ରହଣକାରୀଙ୍କ ଦ୍ବାରା ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା

**ଦିବସ-୨ୟ** **ସମୟ -୧ଘଣ୍ଟା ୩୦ ମିନିଟ୍**

**ଅଧିବେଶନ – ଚତୁର୍ଥ**

**ପୃଷ୍ଠଭୂମି :-** ମୌଳିକ ପର୍ଯ୍ୟାୟରେ ବାଲବାଟିକା (୫-୬)ବର୍ଷ ବୟସର ଶିଶୁମାନଙ୍କର ସାମାଜିକ,ଆବେଗିକ ଏବଂ ନୈତିକ ବିକାଶର ଅଭିବୃଦ୍ଧି ନିମନ୍ତେ ବିଦ୍ୟାଳୟ ସ୍ତରରେ ଅନେକ କାର୍ଯ୍ୟ କରାଯିବାର ଆବଶ୍ୟକତା ରହିଛି |ଏହି ଅଧିବେଶନରେ ଆମେ ବିଭିନ୍ନ କାର୍ଯ୍ୟ ମାଧମରେ କିପରି ଶିକ୍ଷଣ ଫଳାଫଳ ଗୁଡିକ ହାସଲ କରିପାରିବା |ସେ ସମ୍ପର୍କରେ ଆଲୋଚନା କରିବା |

**ପ୍ରତ୍ୟାଶିତ ଫଳାଫଳ -**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣ କାରୀ ମାନେ -:

- ମୌଳିକ ପର୍ଯ୍ୟାୟରେ ଶିଶୁର ସାମାଜିକ,ଆବେଗିକ ଏବଂ ନୈତିକ ବିକାଶ ଦିଗର ପାଠ୍ୟକ୍ରମ ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳକୁ ଆଧାର କରି ବିଭିନ୍ନ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବେ |

**ସୋପାନ -୧ (ଦଳଗତ କାର୍ଯ୍ୟ )** **ସମୟ – ୮୦ ମିନିଟ୍**

ସାଧନକର୍ମୀ ପ୍ରଥମେ ଅଂଶଗ୍ରହଣ କାରୀ ମାନଙ୍କୁ ନେଇ ୬/୭ଟି ଦଳଗଠନ କରିବେ |

• ପ୍ରତି ଦଳକୁ ପରସ୍ପର ମଧରେ ଆଲୋଚନା କରି ସାମାଜିକ,ଆବେଗିକ ଏବଂ ନୈତିକ ବିକାଶ ଦିଗର ଦକ୍ଷତାର ଅଭିବୃଦ୍ଧି ନିମନ୍ତେ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେବେ |

•ପ୍ରତ୍ୟେକ ଦଳ ଅଲଗା ଅଲଗା ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରିବେ |

•ସାଧନକର୍ମୀ ପ୍ରତ୍ୟେକ ଦଳର କାମକୁ ଦେଖିବେ ବା ନିରୀକ୍ଷଣ କରିବେ |କାମଟି ସରିବା ପରେ ଦଳଗତ ଭାବରେ ଉପସ୍ଥାପନ କରିବାପାଇଁ ସୂଚନା ଦେବେ |

•ଆବଶ୍ୟକ ସ୍ଥଳେ ସାଧନକର୍ମୀ ଅଂଶଗ୍ରହଣକାରୀ ମାନଙ୍କୁ କିଛି ସାମଗ୍ରୀ ଯୋଗାଇ ଦେବେ |

ପ୍ରତ୍ୟେକ ଦଳର ଉପସ୍ଥାପନା ପରେ ସାଧନକର୍ମୀ ନିମ୍ନ ପ୍ରଶ୍ନ ଗୁଡିକ ଆଧାରରେ ଆଲୋଚନା କରିବେ |

**ପ୍ରଶ୍ନ –**

୧-ଆପଣମାନେ କରିଥିବା କାର୍ଯ୍ୟ ଗୁଡିକ ବିକାଶର କେଉଁ ଦିଗକୁ ସୂଚାଉଛି?

୨-ଏହା ଦ୍ଵାରା ପିଲାର କେଉଁସବୁ ଦକ୍ଷତାର ବିକାଶ ହେଉଛି?

୩-ଏହି କାର୍ଯ୍ୟଗୁଡିକ କେଉଁ ସୋପାନ ଦେଇ କଲେ?

୪-ଉକ୍ତ କାର୍ଯ୍ୟଗୁଡିକ କେଉଁ ସବୁ ଶିକ୍ଷଣ ଫଳାଫଳ ହାସଲ କରାଯାଇପାରିବ?

୫-ଶ୍ରେଣୀ ପରିଚାଳନା ସମୟରେ ଆପଣମାନେ ଅନ୍ୟ କେଉଁ କେଉଁ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରୁଛନ୍ତି ?

୬-ଶ୍ରେଣୀରେ ଥିବା ବିଭିନ୍ନ ବର୍ଗର ଶିକ୍ଷାର୍ଥୀ ମାନଙ୍କୁ )ଅନ୍ତର୍ନିବେଶୀ (ପରିସ୍ଥିତିରେ ଆମେ କେଉଁ ପ୍ରକାର ଶିକ୍ଷଣ କାର୍ଯ୍ୟ କରିପାରିବା ?

**ଉକ୍ତ ପ୍ରଶ୍ନୋତ୍ତର ଆଲୋଚନା ପରେ ସାଧନକର୍ମୀ ଉକ୍ତ ଅଧିବେଶନକୁ ସଂକ୍ଷେପଣ କରିବେ |**

**ଏହି ଅଧିବେଶନରୁ ଆମେ କ'ଣ ଶିଖିଲେ?** **ସମୟ- ୧୦ ମିନିଟ୍**

| |
|---|
| ସଂକ୍ଷେପଣ :<br>ଶିଶୁର ଶାରୀରିକ ବିକାଶ ଦିଗର ଦକ୍ଷତା ହାସଲ ନିମନ୍ତେ ଶ୍ରେଣୀ ଗୃହରେ ଖେଳ, ଗୀତ, ଗପ, ନାଚ, ଅଭିନୟ, ମାଟି କାମ, କାଗଜ କାମ ଆଦି କାର୍ଯ୍ୟ କରିପାରିବ | |

## ବୌଦ୍ଧିକ ବିକାଶ

**ତୃତୀୟ ଦିବସ**

**ପ୍ରଥମ ଅଧିବେଶନ :** **ସମୟ: ୧ଘଣ୍ଟା ୩୦ ମିନିଟ**

ପୃଷ୍ଠଭୂମି –

ଜାତୀୟ ପାଠ୍ୟକ୍ରମ ଆଧାର- ମୌଳିକ ପର୍ଯ୍ୟାୟରେ ଶିଶୁର ବିକାଶ ପାଇଁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦିଆଯାଇଛି  ସେଥିମଧ୍ୟରୁ ବୌଦ୍ଧିକ ବିକାଶ ଅନ୍ୟତମ  ଏହି ବିକାଶ ଦିଗର ଦିଆଯାଇଥିବା ପାଠ୍ୟକ୍ରମର ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ଦକ୍ଷତା ଓ ପ୍ରତ୍ୟେକ ଦକ୍ଷତା ପାଇଁ ଶିକ୍ଷଣ ଫଳାଫଳଗୁଡିକ ବିଷୟରେ ବର୍ଣ୍ଣନା କରାଯାଇଛି  ବୌଦ୍ଧିକ ବିକାଶର ଦିଗ , ପାଠ୍ୟକ୍ରମର ଉଦ୍ଦେଶ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ ସହିତ ପରିଚିତ ହେଲେ , ଶିକ୍ଷକ ଶ୍ରେଣୀ ପରିଚାଳନା କରିବାରେ ସକ୍ଷମ ହୋଇ ପାରିବେ  ବୌଦ୍ଧିକ ବିକାଶର ଉଦ୍ଦେଶ୍ୟ ଗୁଡିକ C 7.1 ରୁ C 8.13 ମଧ୍ୟରେ ଦିଆଯାଇଛି  ଦିଆଯାଇଥିବା ବୌଦ୍ଧିକ ବିକାଶର ଦିଗରେ ଜ୍ଞାନ ସଂଗଠନ ଭିତ୍ତିକ ପନ୍ଥା , ସହଯୋଗୀ ତଥା ସହଭାଗୀ ଶିକ୍ଷଣ , ସାମଗ୍ରିକ ଓ ନିରନ୍ତର ମାନନିର୍ଦ୍ଧାରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି 

**ଶିକ୍ଷଣ ଫଳାଫଳ :**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ :

- ଜାତୀୟ ପାଠ୍ୟକ୍ରମ ଆଧାରରେ ମୌଳିକ ପର୍ଯ୍ୟାୟର ବୌଦ୍ଧିକ ବିକାଶ ଦିଗ ଅନ୍ତର୍ଗତ ପାଠ୍ୟକ୍ରମ ଲକ୍ଷ୍ୟ , ଦକ୍ଷତା ଓ ଶିକ୍ଷଣ ଫଳାଫଳଗୁଡିକୁ ଚିହ୍ନଟ କରିବେ 
- ଶିକ୍ଷଣ ଫଳାଫଳ ଆଧାରିତ ଶ୍ରେଣୀ ପରିଚାଳନା କରିବାର କୌଶଳଗୁଡ଼ିକ କହିବେ 

ସୋପାନ -୧

**ସକ୍ରିୟାତ୍ମକ କାର୍ଯ୍ୟ -** **ସମୟ – ୧୦ ମିନିଟ**

Game- “One minute narration

“( indoor/outdoor/person)

- ସାଧନକର୍ମୀ ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଗୋଲାକାରରେ ବସାଇବେ ଓ ନିଜେ ବସିବେ 
- ମଝିରେ କିଛି ଚିଟ କୁ fold କରି ରଖିବେ 
- ପ୍ରତ୍ୟେକ ଗୋଟିଏ ଲେଖାଏଁ ଚିଟ ନେବେ 
- ଚିଟରେ ଲେଖଥିବା ପ୍ରସଙ୍ଗ ସମ୍ବନ୍ଧରେ ଗୋଟିଏ ମିନିଟ କହିବେ 
- ( ଚକ, ଉଷ୍ଟର , ତୁମର ପ୍ରିୟ ସାଙ୍ଗ , କଳାପଟା , ପ୍ରଧାନ ଶିକ୍ଷକ , ତୁମ ମା /ବାପା , ଫୁଲ , ଭଲ ଲାଗୁ ଥିବା ଫଳ / ଇତ୍ୟାଦି )
- କିଛି ଉଦାହରଣ ଦିଆଯାଇଛି , ସାଧନକର୍ମୀ ନିଜେ କିଛି ପ୍ରସଙ୍ଗ ଯୋଡି ପାରିବେ
- ଖେଳ ଟି ସରିବାପରେ ସାଧନକର୍ମୀ ସଂକ୍ଷେପଣ କରିବେ 

ଆଲୋଚ୍ୟ ପ୍ରଶ୍ନ :

- ସକ୍ରିୟାତ୍ମକ କାର୍ଯ୍ୟଟି କିପରି ଥିଲା ?
- ଏହି କାର୍ଯ୍ୟ ଟିରେ ପିଲାମାନଙ୍କର କେଉଁ  କେଉଁ  ଦକ୍ଷତାର ବିକାଶ ହୋଇପାରିବ

ସୋପାନ -୨          ଦଳଗତ କାର୍ଯ୍ୟ                                        **ସମୟ - ୨୦ ମିନିଟ**

**ଶିକ୍ଷଣ କାର୍ଯ୍ୟ -୧**

- ❖ ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ନେଇ ଦଳ ଗଠନ କରିବେ 
- ❖ ପ୍ରତିଦଳରେ ୬-୭ ଜଣ ଅଂଶଗ୍ରହଣକାରୀ ରହିବେ 
- ❖ ପ୍ରତ୍ୟେକ ଦଳକୁ ତଥ୍ୟ ଫର୍ଦ୍ଦ -୧ ଦେବେ 
- ❖ ଅଂଶଗ୍ରହଣକାରୀମାନେ ଦଳରେ ଆଲୋଚନା କରିବେ 
- ❖ ସାଧନକର୍ମୀ ଖୋଲା ଆଲୋଚନା କରିବେ ଓ ଅଂଶଗ୍ରହଣକାରୀମାନଙ୍କର ଉତ୍ତରକୁ ଡ୍ରଇଂ ସିଟ ରେ  ଲିପିବଦ୍ଧ କରିବେ 

**ତଥ୍ୟ ଫର୍ଦ୍ଦକୁ ନେଇ ଖୋଲା ଆଲୋଚନା -**                                        **ସମୟ -  ୨୦ ମିନିଟ**

**ପ୍ରଶ୍ନ** -୧ - ଏହି ତଥ୍ୟ ଫର୍ଦ୍ଦରେ କେଉଁ ବିକାଶର ଦିଗ ବିଷୟରେ ଦିଆଯାଇଛି ?

୨ - ଏହି ତଥ୍ୟ ଫର୍ଦ୍ଦରୁ କେଉଁ ସବୁ ସୂଚନା ପାଉଛନ୍ତି ? (ସାଧନକର୍ମୀ ଲେଖିବେ )

୩ –ବୌଦ୍ଧିକ ବିକାଶର ଅନ୍ତର୍ଗତ ପାଠ୍ୟକ୍ରମର ଲକ୍ଷ୍ୟ ଗୁଡିକ କ'ଣ ?

୪ - ପାଠ୍ୟକ୍ରମ ଲକ୍ଷ୍ୟ ଅନ୍ତର୍ଗତ କେଉଁ ସବୁ ଦକ୍ଷତା ରହିଛି ?

୫ - ପ୍ରତ୍ୟେକ ଦକ୍ଷତା ଅନ୍ତର୍ଗତ ଶିକ୍ଷଣ ଫଳାଫଳ ଗୁଡିକ କ'ଣ କ'ଣ ?

**ସଂକ୍ଷେପଣ-**                                                                  **ସମୟ - ୫  ମିନିଟ**

ସାଧନକର୍ମୀ ସମସ୍ତ ଅଂଶଗ୍ରହଣକାରୀଙ୍କର ଉତ୍ତରକୁ ଏକତ୍ର କରି ପ୍ରଥମ ଅଧିବେଶନ ର  ଶିକ୍ଷଣକାର୍ଯ୍ୟ ସମାପ୍ତି କରିବେ

**ଶିକ୍ଷଣ କାର୍ଯ୍ୟ -୨**                                                        **ସମୟ -୧୫ ମିନିଟ**

- ❖ ସାଧନକର୍ମୀ ଅଂଶଗ୍ରହଣକାରୀ ଦଳମାନଙ୍କୁ   ସାମ୍ନାସାମ୍ନି ହୋଇ ବସିବା ପାଇଁ କହିବେ 
- ❖ ପ୍ରତ୍ଯେକ ଦଳକୁ ତଥ୍ୟ ଫର୍ଦ୍ଦ -୧ ଦେବେ
- ❖ ସାଧନକର୍ମୀଙ୍କ ସୂଚନା ଅନୁଯାୟୀ ଗୋଟିଏ ଦଳ ଦକ୍ଷତା ଗୁଡିକୁ ପଚାରିବେ , ଅନ୍ୟ ଦଳ ଦକ୍ଷତା ଭିତ୍ତିକ  ଶିକ୍ଷଣ ଫଳାଫଳ ଗୁଡିକୁ କହିବେ   ଏହିପରି ଅଦଳ ବଦଳ ହୋଇ ପ୍ରଶ୍ନଗୁଡିକୁ ଆଲୋଚନା କରିବେ 
- ❖ ସମସ୍ତ ଅଂଶଗ୍ରହଣକାରୀମାନଙ୍କର ଭାଗୀଦାରୀତାକୁ  ନିଶ୍ଚିତ କରାଇବେ 

**ସୋପାନ -୩**                                                                  **ସମୟ -୨୦ ମିନିଟ**

ସାଧନକର୍ମୀ ଶ୍ରେଣୀ  ପରିଚାଳନା ପାଇଁ   ଏକ ନମୁନା ପ୍ରଦର୍ଶନ କରିବେ□

- ସାଧନକର୍ମୀ ବୌଦ୍ଧିକ ବିକାଶ ସମ୍ପର୍କିତ ପାଠଯୋଜନାକୁ ପ୍ରଶିକ୍ଷଣ ଶିବିରରେ ସମ୍ପାଦନ କରିବେ । ଏହି ପାଠ ଯୋଜନାଟି ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷଣ କାର୍ଯ୍ୟର ସମ୍ପାଦନ ଓ ଶ୍ରେଣୀ ପରିଚାଳନା ଉପରେ ଆଲୋକପାତ କରିବ ।
- ସାଧନକର୍ମୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ  ସୂଚନା ଦେବେ ଯେ ସେମାନେ ନମୁନା ପ୍ରଦର୍ଶନ ସମୟରେ ପିଲାଙ୍କ ଭଳି ଅଭିନୟ କରିବେ । (classroom simulation)
- ସାଧନକର୍ମୀ ନିମ୍ନରେ ଦିଆଯାଇଥିବା  ପାଠଯୋଜନା ଅନୁଯାୟୀ ଶ୍ରେଣୀ ପରିଚାଳନା କରିବେ ।

ଶିକ୍ଷଣ ଫଳାଫଳ :-

| ବିକାଶର ଦିଗ | ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ |
|---|---|---|---|
| ବୌଦ୍ଧିକ ଦିଗ | CG-7(C 7.1)<br><br>ପିଲାମାନେ ପର୍ଯ୍ୟବେକ୍ଷଣ ଓ ଯୁକ୍ତିଯୁକ୍ତ ଚିନ୍ତାଧାରା ମାଧ୍ୟମରେ ଆଖପାଖ ଦୁନିଆକୁ ବୁଝିବେ । | ବିଭିନ୍ନ ବର୍ଗର ବସ୍ତୁ ଏବଂ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନିରୀକ୍ଷଣ କରିବେ ଏବଂ ବୁଝିବେ □ | ୧.ନିଜ ନିକଟ  ପରିବେଶରେ ଉପଲବ୍ଧ ଥିବା ସାଧାରଣ ବସ୍ତୁ, ଧ୍ୱନି, ମଣିଷ, ଚିତ୍ର , ପଶୁ, ପକ୍ଷୀଙ୍କର ସୂକ୍ଷ୍ମ ବିବରଣୀ କୁ ଦେଖିବ ଓ ବର୍ଣ୍ଣନା କରିବ ।<br><br>୨. ସମାନ ପରିଚିତ ବସ୍ତୁ ମଧ୍ୟରେ ଥିବା ଚିତ୍ରର ୩-୫ଟି ନିଖୋଜ ଅଂଶକୁ ଚିହ୍ନଟ କରିବ । |

ଶିକ୍ଷଣ ସାମଗ୍ରୀ - ମାଳି, ହଳଦିଆ ଘନ , ନୀଳ ରଡ ,ସବୁଜ ପଟା,ଚିତ୍ର କାର୍ଡ , କାଚ ଗୋଲି ଇତ୍ୟାଦି

- ଶିକ୍ଷକ ପ୍ରଥମେ ସମସ୍ତ ଶ୍ରେଣୀର ପିଲାମାନଙ୍କୁ ନେଇ ଯେକୌଣସି ଏକ ସକ୍ରିୟାତ୍ମକ କାର୍ଯ୍ୟ କରାଇବେ।
- ଏହାପରେ  ଶ୍ରେଣୀ ଅନୁଯାୟୀ  ଅଲଗା ଅଲଗା ବସିବା ପାଇଁ ସୂଚନା ଦେବେ। ଓ ଅଲଗା  ଅଲଗା ଶିକ୍ଷଣ କାର୍ଯ୍ୟ ଗୁଡିକ ଦେଇ ସମସ୍ତ ଶ୍ରେଣୀକୁ  ପର୍ଯ୍ୟବେକ୍ଷଣ କରିବେ ଓ ଆବଶ୍ୟକତା ସହାୟତା ଯୋଗାଇଦେବେ ।

| ଶ୍ରେଣୀ | ବାଲବାଟିକା | ପ୍ରଥମ | ଦ୍ୱିତୀୟ |
|---|---|---|---|
| **ଶିକ୍ଷଣ ଉଦ୍ଦେଶ୍ୟ** | ବିଭିନ୍ନ ବସ୍ତୁକୁ ଆକୃତି ଅନୁଯାୟୀ ବର୍ଗୀକରଣ କରିବେ □  ସେହି ଆକୃତିଗୁଡ଼ିକୁ ନିଜ ଖାତାରେ ରଖି ତା' ଚାରିପାଖ ଅଙ୍କନ କରିବେ ଓ ରଙ୍ଗ ଦେବେ । | ଆକୃତି ଅନୁଯାୟୀ ବସ୍ତୁଗୁଡିକୁ ଅଲଗା କରିବେ । ପ୍ରତ୍ୟେକ ଦ୍ୱି– ମାତ୍ରିକ  ବସ୍ତୁର ନାମ ଓ ବୈଶିଷ୍ଟ୍ୟ  କହିବେ । | ଆକୃତି ଅନୁଯାୟୀ ବସ୍ତୁଗୁଡିକୁ ଅଲଗା କରିବେ । ପ୍ରତ୍ୟେକ    ତ୍ରି– ମାତ୍ରିକ ବସ୍ତୁର ନାମ ଓ ବୈଶିଷ୍ଟ୍ୟ କହିବେ । |
| **ଶିକ୍ଷଣ କାର୍ଯ୍ୟ** | **ଶିକ୍ଷକ ନିଜେ  ବାସ୍ତବବସ୍ତୁ ନେଇ ପିଲାମାନଙ୍କ ସହିତ ଗୋଲାକାରରେ ବସି କାର୍ଯ୍ୟଟି କରାଇବେ।**<br>ଶିକ୍ଷକ  ସମସ୍ତ ପିଲାମାନଙ୍କୁ  ନେଇ ଦଳଗଠନ କରିବେ □ | **ଶିକ୍ଷକ ପିଲାମାନଙ୍କୁ ଦୁଇଟି ଦଳ କରିବେ। ଦଳ ଦୁଇଟି ମୁହାଁମୁହିଁ ବସିବେ ଓ ନିମ୍ନରେ ଦିଆଯାଇଥିବା ଶିକ୍ଷଣକାର୍ଯ୍ୟ-୧ କୁ କିପରି** | **ଶିକ୍ଷକ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କୁ ଦଳରେ ବସାଇ କିଛି ଚିତ୍ର କାର୍ଡ ଦେବେ । ଗୋଟିଏ ଦଳ ଚିତ୍ର କାର୍ଡ ଦେଖାଇବ ଓ ଅନ୍ୟ** |

| | | | |
|---|---|---|---|
| | ❖ ପ୍ରତି ଦଳରେ ଶିକ୍ଷଣ ସାମଗ୍ରୀ ଦେବେ □<br>❖ ଦଳରେ ବାସ୍ତବ ବସ୍ତୁ ଦେଇ **ଏକା ପରି ବସ୍ତୁକୁ ଅଲଗା** କରିବାକୁ କହିବେ □<br>❖ ସେଗୁଡ଼ିକର **ଆକୃତି ଅନୁସାରେ ବର୍ଗୀକରଣ କରିବା** ପାଇଁ କହିବେ □<br>❖ ଆବଶ୍ୟକ ସ୍ଥଳେ ଶିକ୍ଷକ ସହାୟତା ପ୍ରଦାନ କରିବେ □<br>❖ ପ୍ରତି ଦଳ ଶିକ୍ଷଣ କାର୍ଯ୍ୟ ସାରିବା ପରେ , ଶିକ୍ଷାର୍ଥୀମାନେ କ'ଣ କ'ଣ କଲେ ପଚାରିବେ □<br>❖ କେଉଁ ଆଧାରରେ ବର୍ଗୀକରଣ କଲେ ଆଲୋଚନା କରିବେ ।<br><br>ନିଜ ଖାତାରେ ଯେକୌଣସି ଦୁଇଟି ବସ୍ତୁ ରଖି ତା' ଚାରିପାଖ ଆଙ୍କି ସେଥିରେ ରଙ୍ଗ ଦେବାକୁ ସୂଚନା ଦେବେ । | **କରିବେ ସୂଚନା ଦେବେ ଓ ପିଲାମାନେ ନିଜ ମଧ୍ୟରେ କାର୍ଯ୍ୟଟି କରିବେ ।** ଶିକ୍ଷକ GKA kit ର ଭଗ୍ନାଂଶ ଖଣ୍ଡରେ ଥିବା ଆକୃତି ଗୁଡ଼ିକୁ ଦେବେ । ଗୋଟିଏ ଦଳ ଦ୍ୱି – ମାତ୍ରିକ ବସ୍ତୁକୁ ଦେଖାଇବେ ଓ ଅନ୍ୟ ଦଳ ସେହି ବସ୍ତୁର ନାମ ଓ ବୈଶିଷ୍ଟ୍ୟ କହିବା ପାଇଁ ସୂଚନା ଦେବେ ।<br><br>ନିଜ ଖାତାରେ ଯେକୌଣସି ଦୁଇଟି ବସ୍ତୁ ରଖି ତା' ଚାରିପାଖ ଆଙ୍କି ତା'ର ଧାର ଓ ଶୀର୍ଷ ଚିହ୍ନାଇବେ । | **ଦଳ ନିଖୋଜ ଅଂଶକୁ ଖୋଜି ଦେବ । ଯଦି ସେ ଠିକ ଅଂଶ ଟି ଖୋଜିକି ଦେଇପାରିବ ତା ପାଇଁ ସମସ୍ତେ ତାଳି ଦେବେ।** ଶିକ୍ଷକ GKA kit ର ତ୍ରି-ମାତ୍ରିକ ବସ୍ତୁଗୁଡ଼ିକୁ ଦେବେ । ଗୋଟିଏ ଦଳ ତ୍ରି-ମାତ୍ରିକ ବସ୍ତୁକୁ ଦେଖାଇବେ ଓ ଅନ୍ୟ ଦଳ ସେହି ବସ୍ତୁର ନାମ ଓ ବୈଶିଷ୍ଟ୍ୟ କହିବା ପାଇଁ ସୂଚନା ଦେବେ ।<br><br>ନିଜ ଖାତାରେ ବସ୍ତୁ ଗୁଡ଼ିକର ର ଧାର , ଶୀର୍ଷ ସଂଖ୍ୟା ଲେଖିବେ । |

**(ସଂକ୍ଷେପଣ) -** **ସମୟ – ୫ ମିନିଟ୍**


ସାଧନକର୍ମୀ ନିମ୍ନଲିଖିତ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ଅଧିବେଶନ ଶେଷ କରିବେ ।

- ଉକ୍ତ ଶିକ୍ଷଣ ପାଠଯୋଜନାରେ ଶିକ୍ଷାର୍ଥୀମାନେ କେଉଁ କେଉଁ ଦକ୍ଷତା ଓ ଶିକ୍ଷଣ ଫଳାଫଳ ହାସଲ କରିବେ □
- ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ପାଠ ଯୋଜନାରେ ଦିଆଯାଇଥିବା ଦକ୍ଷତା ଓ ଶିକ୍ଷଣ ଫଳାଫଳ କ'ଣ ଥିଲା ପଚାରିବେ □
- ଶିକ୍ଷଣ କାର୍ଯ୍ୟଗୁଡ଼ିକରେ କେଉଁ ପର୍ଯ୍ୟାୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି ?
- ଏହି ଯୋଜନାକୁ ଶ୍ରେଣୀ ପରିଚାଳନାରେ ଅଧିକ ଫଳପ୍ରଦ କରିବା ପାଇଁ ଆମେ କ'ଣ ସବୁ ଶିକ୍ଷଣ କାର୍ଯ୍ୟ କରି ପାରବା ?

ତଥ୍ୟ ଫର୍ଦ୍ଦ -୧

ବୌଦ୍ଧିକ ବିକାଶ (Cognitive Development) **ଜାତୀୟ ପାଠ୍ୟକ୍ରମ ଆଧାରିତ ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ**

| | ପାଠ୍ୟକ୍ରମ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ |
|---|---|---|---|
| CG 7 | C 7.1 | ବିଭିନ୍ନ ବର୍ଗର ବସ୍ତୁ ଏବଂ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନିରୀକ୍ଷଣ କରିବେ ଏବଂ ବୁଝିବେ । | ୧.ନିଜ ନିକଟ ପରିବେଶରେ ଉପଲବ୍ଧ ଥିବା ସାଧାରଣ ବସ୍ତୁ, ଧ୍ୱନି, ମଣିଷ, ଚିତ୍ର , ମଡେଲ ପଶୁପକ୍ଷୀଙ୍କର ସୂକ୍ଷ୍ମ ବିବରଣୀ ବର୍ଣ୍ଣନା କରିବ ।( ଘରର ବଡ କବାଟ )<br>୨. ସମାନ ପରିଚିତ ବସ୍ତୁ ମଧ୍ୟରେ ଥିବା ଚିତ୍ରର ୪-୬ ଟି ନିଖୋଜ ଅଂଶକୁ ଚିହ୍ନଟ କରିବ ।<br>୩. ଏକ ପ୍ରକାର ଓ ଅନ୍ୟ ପ୍ରକାରର ପଶୁପକ୍ଷୀମାନଙ୍କ ମଧ୍ୟରେ ବଡରୁ ସାନ (ପଶୁପକ୍ଷୀ ଏବଂ ସେମାନଙ୍କର ଶାବକ)ଚିହ୍ନଟ କରିବ ।<br>୪. ବସ୍ତୁ ମଧ୍ୟରେ (ସମାନ ବସ୍ତୁ ,ଅଲଗା ଅଲଗା ବସ୍ତୁ ) ତୁଳନା କରିବ<br>୫. ପ୍ରକୃତ ବସ୍ତୁ ବଦଳରେ ଅନ୍ୟ ବସ୍ତୁ ବ୍ୟବହାର କରି ଖେଳିବ (ଉଦାହରଣ :-ଟେଲିଫୋନ ବଦଳରେ ଡଷ୍ଟରର ବ୍ୟବହାର)<br>୬. ବସ୍ତୁ ଓ ତା'ର ବ୍ୟବହାର କହିବ □ ( ଖାଇବା ପାଇଁ ଚାମଚ, ଗାଧୋଇବା ପାଇଁ ବାଲଟି ଇତ୍ୟାଦି |
| | C 7.2 | ସରଳ ଅନୁକଳ୍ପନା ଗଠନ କରି ପ୍ରକୃତିର କାରଣ ଏବଂ ପ୍ରଭାବ ସମ୍ପର୍କକୁ ନିରୀକ୍ଷଣ କରିବେ ଏବଂ ବୁଝିବେ । ସେମାନଙ୍କର ବ୍ୟାଖ୍ୟାକୁ ଉପସ୍ଥାପନ କରିବେ । | ୧.ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟ ର ଉପଯୋଗ କରିବେ<br>୨. ଗ୍ରୀଷ୍ମଋତୁ ଓ ଶୀତଋତୁ ର ଖାଦ୍ୟ ଓ ବସ୍ତ୍ର<br>୩. ସୂର୍ଯ୍ୟ ଉଦୟ , ସୂର୍ଯ୍ୟ ଅସ୍ତ ଓ ରାତି ମଧ୍ୟରେ ସମ୍ବନ୍ଧ<br>୪. ନିଜସ୍ୱ ବିଚାର ,ଆଗ୍ରହ ଅନୁସାରେ ନିଜର ଦାୟିତ୍ୱ ଓ ପସନ୍ଦ କରିବା<br>୫, ସହପାଠୀ ମାନଙ୍କ ସହିତ ମିଶି ପ୍ରାକୃତିକ ଘଟଣାବଳୀର ପ୍ରଶ୍ନର ଉତ୍ତର ଖୋଜିବ ।( କେଉଁ ଜିନିଷ ଭାସେ /ବୁଡିଯାଏ।ଓ କେଉଁ ଜିନିଷକୁ ଚୁମ୍ବକ ଟାଣେ ।<br>୬. ପ୍ରାକୃତିକ ସମ୍ପଦର ବ୍ୟବହାର ବୁଝାଇପାରିବେ ( ଉଦାହରଣ – ପାଣି -ମନୁଷ୍ୟ , ପଶୁପକ୍ଷୀ ,ଗଛଲତା ର ବ୍ୟବହାରରେ ଆସେ) |
| | C 7.3 | ଦୈନନ୍ଦିନ ଜୀବନର ସମସ୍ଯା ଏବଂ ଶିକ୍ଷଣ ପାଇଁ ଉପଯୁକ୍ତ ସାଧନୀ ଏବଂ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରିବେ । | ଶିକ୍ଷକଙ୍କ ସହାୟତାରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ନିଜ ଚାରିପାଖରେ ଉପଲବ୍ଧ ଥିବା ବୈଷୟିକ ଉପକରଣ ଗୁଡିକର ନାମ କହିବ ଓ ଉପକରଣ ଗୁଡିକର ବ୍ଯବହାର ବର୍ଣ୍ଣନା କରିବ । |
| CG 8 | C 8.1 | ଏକାଧିକ ଗୁଣାବଳୀକୁ ଆଧାର କରି ବସ୍ତୁ ଗୁଡିକୁ ଭାଗ ଓ ଉପ ଭାଗରେ ସଜାଡିବେ । | ଏକାଧିକ ଗୁଣାବଳୀକୁ ଆଧାର କରି ବସ୍ତୁ ଗୁଡିକୁ ଭାଗ ଓ ଉପ ଭାଗ କରିବେ ଓ ଚିହ୍ନିବେ । |

| | | | |
|---|---|---|---|
| | C 8.2 | ବିଭିନ୍ନ ଗୁଣାବଳୀ ଆଧାରରେ (ରଙ୍ଗ,ଆକାର, ଆକୃତି ,ସଂଖ୍ୟା ) ମାଧ୍ୟମରେ ନୂଆ ସଂରଚନାକୁ ତିଆରି କରିବେ ଏବଂ ପ୍ରୟୋଗ କରିବେ । | ୧.ବସ୍ତୁ ଗୁଡିକୁ ତିନୋଟି ଲକ୍ଷଣ )ଯେପରି -ଆକୃତି, ରଙ୍ଗ ଏବଂ ଆକାର ଇତ୍ୟାଦି (ଆଧାରରେ ତୁଳନା ଓ ବର୍ଗୀକରଣ କରିବ ।<br>୨. ସଂରଚନାର ନିୟମ ଓ କ୍ରମକୁ ବର୍ଣ୍ଣନା କରିବ ଓ ବିଭିନ୍ନ ବସ୍ତୁକୁ ନେଇ ନୂତନ ସଂରଚନା ସୃଷ୍ଟି କରିପାରିବ |
| | C 8.3 | ୧୦-୧୦ କରି , ୨୦ -୨୦ କରି ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଆଗୁଆ ଏବଂ ପଛୁଆ ଗଣିବେ । | ୧. ସଂଖ୍ୟା ସୂଚକକୁ କ୍ରମରେ କହିବ ,ଗୀତ ମାଧ୍ୟମରେ ୨୦ ପର୍ଯ୍ଯନ୍ତ ଗାଇବ , ୧୦ ପର୍ଯ୍ଯନ୍ତ ବସ୍ତୁ ସଂଖ୍ୟା ଏକ ଏକ ମେଳକ କରିବ ।<br>୨. ବସ୍ତୁ ଗୁଡିକ ଯେକୌଣସି କ୍ରମରେ ଗଣିଲେ ସମାନ ପରିମାଣର ବସ୍ତୁ ରହିବ ।<br>୩. ଶୁନର ଧାରଣାକୁ ବୁଝିବେ ସଂଖ୍ଯାକୁ କମ କରି କରି ( ୩ ର ପଛକୁ ପଛ ଗଣନ , ୧ ପରେ କ'ଣ ଆସିବ ।<br>୪.ସାଂଖ୍ୟିକ ମାନର ଧାରଣା , ସଂଖ୍ଯାର ସ୍ଥିତି ( ମଧ୍ୟବର୍ତ୍ତୀ ,ପୂର୍ବବର୍ତ୍ତୀ ,ପର ବର୍ତ୍ତୀ )<br>୫.ବସ୍ତୁ ଗୁଡିକ ଠିକ ଭାବରେ ଯେକୌଣସି କ୍ରମରେ ଗଣିବ , (ବାମରୁ ଡାହାଣ ବା ଡାହାଣ ରୁ ବାମ )<br>→<br>୧ ୨ ୩ ୪ ୫ ୬ ୭<br>✦ ✦ ✦ ✦ ✦ ✦ ✦<br>୭ ୬ ୫ ୪ ୩ ୨ ୧<br>←<br>୬. ୬ଟିବସ୍ତୁର ସମୂହ କୁ ସଙ୍ଗେ ସଙ୍ଗେ ଚିହ୍ନଟ କରିବା ,(ବିସ୍କୁଟ, ଚକୋଲେଟ, ବ୍ଲକ , ନ ଗଣିକି )<br> |
| | C 8.4 | ୯୯ ପର୍ଯ୍ୟନ୍ତ ସଂଖ୍ଯାକୁ ଉର୍ଦ୍ଧକ୍ରମ ଓ ଅଧକ୍ରମରେ ସଜାଇବା | ୫ ଟି ବସ୍ତୁକୁ ନେଇ ଆକାର ,ଲମ୍ବ ଓ ଓଜନ ଅନୁସାରେ ଛୋଟରୁ ବଡ ଓ ବଡ ରୁ ଛୋଟ ରେ ସଜାଇବ□ |
| | C 8.5 | ଦଶାଙ୍କ ପଦ୍ଧତିରେ ସ୍ଥାନୀୟମାନର ସ୍ଥାନ ବ୍ୟବହାର କରି ୯୯ ପର୍ଯ୍ୟନ୍ତ ସଂଖ୍ୟା ର ପରିମାଣକୁ ଚିହ୍ନାଇବେ ଓ ବ୍ୟବହାର କରିବେ । | ୧. ଭାରତୀୟ ସଂଖ୍ୟା ପଦ୍ଧତି ରେ ୯ ପର୍ଯ୍ୟନ୍ତ ସଂଖ୍ୟା ଚିହ୍ନିବା।<br>୨. ସଂଖ୍ୟା ସହ ସଂଖ୍ୟା ସୂଚକ ଗୁଡିକୁ ଚିହ୍ନଟ କରିବ ଓ ୯ ପର୍ଯ୍ୟନ୍ତ ସଂଖ୍ୟା ସୂଚକକୁ କ୍ରମାଗତ ଲେଖିବ<br>୩. ୯ ମଧ୍ୟରେ କୌଣସି ଦୁଇଟି ସଂଖ୍ୟାକୁ ତୁଳନା କରିବେ ଓ "ଏଥିରୁ ବେଶୀ ","ଏଥିରୁ କମ "ଭଳି ଶବ୍ଦକୁ ବ୍ୟବହାର କରିବ ମଧ୍ୟରେ ସଂଖ୍ୟା ସାନ - ବଡ ତୁଳନା କରିବ |
| | C 8.6 | ନମନୀୟ ଯୋଡିବା ଓ ଭାଙ୍ଗିବା ପଦ୍ଧତି ବ୍ୟବହାର କରି ଦୁଇଅଙ୍କ ବିଶିଷ୍ଟ ସଂଖ୍ଯାର ଯୋଗ ଓ ବିୟୋଗ କରିବେ । | ୧. ଦୁଇଟି ସମୂହର ବସ୍ତୁକୁ ମିଶାଇବ )୯ ପର୍ଯ୍ୟନ୍ତ (ଓ ପୁନଃ ଗଣନ କରିବ ।(ଉଦାହରଣ -<br>୨. ୯ ମଧ୍ୟରେ ବସ୍ତୁ ସମୂହରୁ କେତୋଟି ବସ୍ତୁ ବାହାର କରି ପୁନଃ ଗଣନ କରିବ । |
| | C 8.7 | ଗୁଣନକୁ ବାରମ୍ବାର ଯୋଗ ଓ ହରଣକୁ ସମାନ ବଣ୍ଟନ ବୋଲି ଚିହ୍ନଟ କରିବେ । | ବସ୍ତୁଗୁଡିକ (୨୦ ମଧ୍ୟରେ )ନେଇ ୪-୫ ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରିବେ □ |

| | | | |
|---|---|---|---|
| | C 8.8 | ମୌଳିକ ଜ୍ୟାମିତିକ ଆକୃତି ଓ ସେମାନଙ୍କର ପର୍ଯ୍ୟବେକ୍ଷଣ ଯୋଗ୍ୟ ଗୁଣ ଗୁଡିକୁ ଚିହ୍ନାଇବେ । | ୧. ବିଭିନ୍ନ ଆକାରର ଆକୃତିଗୁଡ଼ିକୁ ମେଳ କରିବେ <br>୨.ବସ୍ତୁଗୁଡିକର ଆକାର ,ଆକୃତି ଓ ରଙ୍ଗ ଆଧାରରେ ବର୍ଗୀକରଣ ଓ ତୁଳନା କରିବ <br>୩.ଦ୍ୱି-ମାତ୍ରିକ ଓ ତ୍ରି-ମାତ୍ରିକ ବସ୍ତୁର ବୈଶିଷ୍ଟ ନିଜ ଭାଷାରେ କହିବ ।<br>୪.ଗୋଟିଏ ସମତଳରେ ତ୍ରି- ମାତ୍ରିକ ବସ୍ତୁକୁ ଆଙ୍କି ସେଥିରେ ଥିବା ଦ୍ୱି-ମାତ୍ରିକ ଆକୃତି ଗୁଡ଼ିକ ଚିହ୍ନଟ କରିବ  |
| | C 8.9 | ନିକଟ ପରିବେଶରେ ଥିବା ବସ୍ତୁ ଗୁଡିକରେ ଦୈର୍ଘ୍ୟ , ଓଜନ ଓ ପରିମାଣର ସରଳ ମାପ କରିବେ । | ୧.ସବୁଠାରୁ ଅଧିକ ଲମ୍ବା /ଛୋଟ, ସବୁଠାରୁ ଅଧିକ ଲମ୍ବା / ଛୋଟ ଭାବେ ସେମାନଙ୍କର ଲମ୍ବ ଅନୁଯାୟୀ ତିନୋଟି ବସ୍ତୁକୁ ତୁଳନା କରିବ ।<br>୨. ଦୁଇଟି ବସ୍ତୁର ଓଜନକୁ ତୁଳନା କରିବ ଓ ଅଧିକ ଓଜନିଆ ବା ହାଲୁକା ଭାବେ ପ୍ରକାଶ କରିବ<br>୩. ଦୁଇଟି ପାତ୍ରର ଧାରକତ୍ୱକୁ ତୁଳନା କରିବ ଯେପରି ବୋତଲ, ଗ୍ଲାସ, ବାଲଟି ଇତ୍ୟାଦି |
| | C 8.10 | ସମୟକୁ ମିନିଟ , ଘଣ୍ଟା , ଦିନ ଏବଂ ମାସରେ ସରଳ ମାପ କରିବେ । | ସପ୍ତାହର ଦିନ ଗୁଡିକର ନାମ ଲେଖିବ ।<br>-ବର୍ଷର ମାସ ଗୁଡିକର ନାମ ଲେଖିବ ।<br>-ସପ୍ତାହର ଦିନ ଓ ବର୍ଷର ମାସ ଗୁଡିକର ନାମ କୁ ଆବୃତ୍ତି କରିବ । |
| | C 8.11 | ୧୦୦ ପର୍ଯ୍ୟନ୍ତ ଟଙ୍କାକୁ ବ୍ୟବହାର କରି ସରଳ କାରବାର କରିବେ । | ଭାରତୀୟ ମୁଦ୍ରା ଓ ନୋଟକୁ ଚିହ୍ନଟ କରିବ । |
| | C 8.12 | ପରିମାଣ , ଆକୃତି ଏବଂ ମାପ ସହିତ ଜଡିତ ଧାରଣା ଓ ପ୍ରକ୍ରିୟା ଗୁଡିକୁ ବୁଝିବା ଏବଂ ପ୍ରକାଶ କରିବା ପାଇଁ ପର୍ଯ୍ୟାପ୍ତ ଓ ଉପଯୁକ୍ତ ଶବ୍ଦଜ୍ଞାନ ବିକାଶ କରିବେ । | ୧.ସବୁଠାରୁ ଅଧିକ ଲମ୍ବା /ଛୋଟ, ସବୁଠାରୁ ଅଧିକ ଲମ୍ବା / ଛୋଟ ଭାବେ ସେମାନଙ୍କର ଲମ୍ବ ଅନୁଯାୟୀ ତିନୋଟି ବସ୍ତୁକୁ ତୁଳନା କରିବ ।<br>୨. ଦୁଇଟି ବସ୍ତୁର ଓଜନକୁ ତୁଳନା କରିବ ଓ ଅଧିକ ଓଜନିଆ ବା ହାଲୁକା ଭାବେ ପ୍ରକାଶ କରିବ<br>୩. ଦୁଇଟି ପାତ୍ରର ଧାରକତ୍ୱକୁ ତୁଳନା କରିବ ଯେପରି ବୋତଲ, ଗ୍ଲାସ, ବାଲଟି ଇତ୍ୟାଦି |
| | C 8.13 | ପରିମାଣ , ଆକୃତି ,ମାପ ଓ ସ୍ଥାନ ସମ୍ପର୍କିତ ସରଳ ଗାଣିତିକ ସମସ୍ୟାର ଗଠନ ଓ ସମାଧାନ କରିବେ । | ସଂଖ୍ୟାର ଧାରଣାକୁ ବ୍ୟବହାର କରି ସାଧାରଣ ଢଗ ଓ ପ୍ରହେଳୀର ସମାଧାନ କରିବେ  |

## ବୌଦ୍ଧିକ ବିକାଶ- ଅଂଶଗ୍ରହଣକାରୀଙ୍କ ଦ୍ୱାରା ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା

**ତୃତୀୟ ଦିବସ**

**ଦ୍ୱିତୀୟ ଅଧିବେଶନ :** **ସମୟ: ୧.୩୦ ମିନିଟ**

ପୃଷ୍ଠଭୂମି –

ଜାତୀୟ ପାଠ୍ୟକ୍ରମ ଆଧାର – ମୌଳିକ ପର୍ଯ୍ୟାୟରେ ଥିବା ବୌଦ୍ଧିକ ବିକାଶର ଦକ୍ଷତା ଓ ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ ଶିକ୍ଷକମାନଙ୍କର ଯୋଜନା ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି । ଫଳପ୍ରଦ ଶ୍ରେଣୀ ପରିଚାଳନା ପାଇଁ ବିଭିନ୍ନ ଶିକ୍ଷଣ ସାମଗ୍ରୀର ବ୍ୟବହାର କରି କିପରି ଶିକ୍ଷଣ କାର୍ଯ୍ୟ କରିବେ ଓ ସମସ୍ତ ବର୍ଗର ପିଲାମାନଙ୍କର କିପରି ସହଭାଗୀତା ରହିବା ସେଥି ପ୍ରତି ଧ୍ୟାନ ଦେବେ ।

**ପ୍ରତ୍ୟାଶିତ ଫଳାଫଳ :**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ ବୌଦ୍ଧିକ ବିକାଶ ପାଠ୍ୟକ୍ରମର ଲକ୍ଷ୍ୟ , ଦକ୍ଷତା ଓ ଶିକ୍ଷଣ ଫଳାଫଳକୁ ନେଇ ବହୁ ଶ୍ରେଣୀ ପରିସ୍ଥିତିରେ ପାଠ୍ ଯୋଜନା ପ୍ରସ୍ତୁତ ଓ ଉପସ୍ଥାପନା କରିବେ □

**ସୋପାନ ୧ - (ଦଳଗତ ଆଲୋଚନା)** **ସମୟ – ୨୦ ମିନିଟ**

- ସାଧନକର୍ମୀ ୬-୭ ଜଣ ଅଂଶଗ୍ରହଣକାରୀଙ୍କୁ ନେଇ ଦଳ ଗଠନ କରିବେ □
- ପ୍ରତ୍ୟେକ ଦଳରେ ବୌଦ୍ଧିକ ବିକାଶରେ ଥିବା ଦକ୍ଷତା ଓ ଶିକ୍ଷଣ ଫଳାଫଳର ତଥ୍ୟ ଫର୍ଦ୍ଦ ଦେବେ □
- ପ୍ରତ୍ୟେକ ଦଳ ଯେକୌଣସି ଶିକ୍ଷଣ ଫଳାଫଳକୁ ନେଇ ବହୁ ଶ୍ରେଣୀ ପରିସ୍ଥିତିରେ ପାଠ ଯୋଜନା ପ୍ରସ୍ତୁତ କରିବେ □
- ପ୍ରତି ଦଳକୁ ଆବଶ୍ୟକୀୟ ଶିକ୍ଷଣ ସାମଗ୍ରୀ (ଡ୍ରଇଗ ସିଟ , ସ୍କେଚ ପେନ) ଯୋଗାଇ ଦେବେ □
- ପାଠ ଯୋଜନା ପ୍ରସ୍ତୁତ ପାଇଁ ସୂଚନା ଦିଆଯିବ।

**ସୋପାନ ୨ - ଶିକ୍ଷଣକାର୍ଯ୍ୟ ପ୍ରଦର୍ଶନ**

- **କାର୍ଯ୍ୟ ୧ - (ପ୍ରସ୍ତୁତିକରଣ)** **ସମୟ -୪୦ ମିନିଟ**

- ଶିକ୍ଷଣକାର୍ଯ୍ୟର ନମୁନା ପ୍ରଦର୍ଶନ ପାଇଁ ସାଧନକର୍ମୀ ପ୍ରତ୍ୟେକ ଦଳକୁ ୮ ମିନିଟ୍ ସମୟ ଦେବେ ।
- ପ୍ରତ୍ୟେକ ଦଳକୁ ସୂଚନା ଦିଆଯିବ ଯେ ପ୍ରସ୍ତୁତିକରଣ ସମୟରେ ପ୍ରସ୍ତୁତକର୍ତ୍ତା ଶିକ୍ଷକ ଓ ଅନ୍ୟ ଅଂଶଗ୍ରହଣକାରୀ ମାନେ ଶିକ୍ଷାର୍ଥୀ ଭୂମିକା ନିର୍ବାହ କରିବେ ।
- ଉପସ୍ଥାପନା ପରେ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ପ୍ରତିପୃଷ୍ଟି ଦିଆଯିବ ।

❖ **କାର୍ଯ୍ୟ ୨ – (ସାମୁହିକ ଆଲୋଚନା)** **ସମୟ -୨୦ ମିନିଟ୍**

**ଆଲୋଚ୍ୟ ପ୍ରଶ୍ନ -**

❖ ପ୍ରଶ୍ନ - ୧ – ଶିକ୍ଷଣ କାର୍ଯ୍ୟଟି କେଉଁ ସବୁ ସୋପାନ ଦ୍ୱାରା କରାଗଲା ?

❖ ୨ - ସବୁ ବର୍ଗର ପିଲାମାନଙ୍କୁ ଧ୍ୟାନରେ ରଖି ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରାଯାଇଥିଲା କି ?

❖ ୩ - ଏହି ଶିକ୍ଷଣ କାର୍ଯ୍ୟରେ ଆମେ extended, enrichment activities ଓ reinforcement activities ପାଇଁ ସୁଯୋଗ ସୃଷ୍ଟି କରିଥିଲେ କି ?

❖ ୪ – ବୌଦ୍ଧିକ ଦକ୍ଷତା ହାସଲ ପାଇଁ ଆଉ କେଉଁ ସବୁ ଶିକ୍ଷଣ କାର୍ଯ୍ୟ କରାଯାଇପାରିବ ?

**ସୋପାନ ୩ – (ସଂକ୍ଷେପଣ)** **ସମୟ- ୧୦ ମିନିଟ୍**

**ଆମେମାନେ ଏହି ଅଧିବେଶନରେ କ'ଣ ଶିଖିଲେ ?**

ବୌଦ୍ଧିକ ବିକାଶର ଶିକ୍ଷଣ ଫଳାଫଳକୁ ନେଇ ବିଭିନ୍ନ ଶିକ୍ଷଣ କାର୍ଯ୍ୟର ଉଦ୍ଦେଶ୍ୟ ଓ ସୋପାନ ବିଷୟରେ ଜାଣିଲେ ।

## ଭାଷାଗତ ବିକାଶ

**ତୃତୀୟ ଦିବସ**

**ତୃତୀୟ ଅଧିବେଶନ :** **ସମୟ: ୧.୩୦ ମିନିଟ**

ପୃଷ୍ଠଭୂମି –

ଜାତୀୟ ପାଠ୍ୟକ୍ରମ ଆଧାରରେ ମୌଳିକ ପର୍ଯ୍ୟାୟରେ ଶିଶୁର ବିକାଶ ପାଇଁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦିଆଯାଇଛି । ସେଥିମଧ୍ୟରୁ ଭାଷାଗତ ବିକାଶର ଗୁରୁତ୍ୱ ଅଧିକ । ଏହି ବିକାଶ ଦିଗର ଦିଆଯାଇଥିବା ପାଠ୍ୟକ୍ରମର ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ଦକ୍ଷତା ଓ ପ୍ରତ୍ୟେକ ଦକ୍ଷତା ପାଇଁ ଶିକ୍ଷଣ ଫଳାଫଳଗୁଡିକ ବିଷୟରେ ବର୍ଣ୍ଣନା କରାଯାଇଛି । ଭାଷାଗତ ବିକାଶର ଦିଗ , ପାଠ୍ୟକ୍ରମର ଉଦ୍ଦେଶ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ ସହିତ ପରିଚିତ ହେଲେ , ଶିକ୍ଷକ ଶ୍ରେଣୀ ପରିଚାଳନା କରିବାରେ ସକ୍ଷମ ହୋଇ ପାରିବେ□ ଭାଷାଗତ ବିକାଶଗୁଡିକ C 9.1 ରୁ C 11.2 ମଧ୍ୟରେ ଦିଆଯାଇଛି । ଦିଆଯାଇଥିବା ଭାଷାଗତ ବିକାଶର ଦିଗରେ ଜ୍ଞାନ ସଂଗଠନ ଭିତ୍ତିକ ପନ୍ଥା , ସହଯୋଗୀ ତଥା ସହଭାଗୀ ଶିକ୍ଷଣ , ସାମଗ୍ରିକ ଓ ନିରନ୍ତର ମାନନିର୍ଦ୍ଧାରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି ।

ପିଲାମାନେ ନିଜ ପରିବାର, ସାଙ୍ଗସାଥୀ ଓ ପାଖ ପଡ଼ୋଶୀ ସହ କଥୋପକଥନ କରି ମୌଖିକ ଭାଷା ସହିତ ପରିଚିତ ହୁଅନ୍ତି । ବିଦ୍ୟାଳୟକୁ ଆସିବା ଆରମ୍ଭ ଯଥେଷ୍ଟ ପୂର୍ବରୁ ପିଲାମାନେ ନିଜ ମାତୃଭାଷାରେ ନିଜକୁ ଅଭିବ୍ୟକ୍ତ କରିପାରନ୍ତି । ଏଥିପାଇଁ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ମାତୃଭାଷାର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଦ୍ୱାରା ପିଲାମାନେ ବିଦ୍ୟାଳୟ ଆସିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ଓ ଆତ୍ମବିଶ୍ୱାସ ସହିତ ମୁକ୍ତ ଭାବରେ ବାର୍ତ୍ତାଳାପ କରି ନିଜ ଭାବନାକୁ ପରିପ୍ରକାଶ କରିପାରନ୍ତି □ ଘରୋଇ ଭାଷାର ବ୍ୟବହାର ପିଲାମାନଙ୍କ ଶିଖିବା ପ୍ରକ୍ରିୟାକୁ ସୁଗମ କରିଥାଏ ଓ ବିକାଶ ଆଧାରିତ ଲକ୍ଷ୍ୟ ହାସଲ କରିବାର ସହାୟକ ହୋଇଥାଏ । ବାଲବାଟିକା ଶ୍ରେଣୀରେ ପିଲାମାନଙ୍କ ଭାଷାଗତ ବିକାଶ ଓ ସେମାନଙ୍କୁ ଫଳପ୍ରଦ ଭାବ ବିନିମୟକାରୀ ଭାବେ ପ୍ରସ୍ତୁତ କରିବା ପାଇଁ ସେମାନଙ୍କ ସହ ମୌଖିକ ଭାଷା ବିକାଶ, ଛପାଲେଖା ସାମଗ୍ରୀର ଧାରଣା, ଧ୍ୱନି ସଚେତନତା, ପ୍ରାକ ପଠନ ଓ ପ୍ରାକ ଲିଖନ ସମ୍ପର୍କିତ ଶିକ୍ଷଣ କାର୍ଯ୍ୟ ନିୟମିତ ଭାବେ କରାଯିବା ଉଚିତ୍ । ଏହି ଶିକ୍ଷଣ କାର୍ଯ୍ୟଗୁଡ଼ିକ ଭାଷା ବିକାଶର ବିଭିନ୍ନ ଦକ୍ଷତା ଯଥା ଶ୍ରବଣ, କଥନ, ପଠନ , ଲିଖନ ଓ ଚିନ୍ତନ ଇତ୍ୟାଦିର ବିକାଶରେ ସହାୟକ ହୁଏ ।

**ପ୍ରତ୍ୟାଶିତ ଫଳାଫଳ :**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ :

- ଜାତୀୟ ପାଠ୍ୟକ୍ରମ ଆଧାରରେ ମୌଳିକ ପର୍ଯ୍ୟାୟର ଭାଷାଗତ ବିକାଶ ଦିଗ ଅନ୍ତର୍ଗତ ପାଠ୍ୟକ୍ରମ ଲକ୍ଷ୍ୟ , ଦକ୍ଷତା ଓ ଶିକ୍ଷଣ ଫଳାଫଳଗୁଡିକୁ ଚିହ୍ନଟ କରିବେ ।
- ଶିକ୍ଷଣ ଫଳାଫଳ ଆଧାରିତ ଶ୍ରେଣୀ ପରିଚାଳନା କରିବାର କୌଶଳ ବର୍ଣ୍ଣନା କରିବେ ।

**ସୋପାନ -୧**

**ସକ୍ରିୟାତ୍ମକ କାର୍ଯ୍ୟ - ଫ୍ରୁଟ ସାଲାଡ଼** **ସମୟ – ୧୦ ମିନିଟ**

- ସାଧନକର୍ମୀ ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଗୋଲାକାରରେ ଛିଡ଼ା ହେବା ପାଇଁ କହିବେ ।
- ସାଧନକର୍ମୀ ପୂର୍ବରୁ ୫ ଟି ଫଳର (ପିଜୁଳି, କମଳା, ଅଙ୍ଗୁର, ସପୁରି, ପଣସ) ନାମ କାଗଜ ଚିଟଗୁଡ଼ିକରେ ଲେଖି ରଖିଥିବେ । ପ୍ରତ୍ୟେକ ଅଂଶଗ୍ରହଣକାରୀଣକୁ ଗୋଟିଏ ଲେଖାଏଁ କାଗଜ ଚିଟ ଦେବେ । ୪-୫ ଜଣ ଅଂଶଗ୍ରହଣକାରୀଙ୍କ ସମାନ ନାମ / ଚିଟ ହୋଇପାରେ ।

- ସାଧନକର୍ମୀ କୌଣସି ଗୋଟିଏ ଫଳର ନାମ ଡାକିବେ, ଉଦାହରଣ ସ୍ୱରୂପ – ପିଜୁଳି  ଯେଉଁ ଅଂଶଗ୍ରହଣକାରୀଙ୍କ ପାଖରେ ପିଜୁଳି ଲେଖାଥିବ ସେମାନେ ଦୌଡି ପରସ୍ପରର ସ୍ଥାନରେ ଯାଇ ବସିବେ ।
- ସାଧନକର୍ମୀ ଉପରୋକ୍ତ ଉପାୟରେ ପାଞ୍ଚଟି ଫଳର ନାମ ଡାକି ଖେଳଟିକୁ କରାଇବେ ।
- ସାଧନକର୍ମୀ ଯେତେବେଳେ **'Fruit Salad'** କହିବେ, ସେତେବେଳେ ଅଂଶଗ୍ରହଣକାରୀମାନେ ପାଞ୍ଚଜଣ ବିଶିଷ୍ଟ ଦଳ ଗଠନ କରିବେ ଯେଉଁଥିରେ ସମସ୍ତ ୫ ଟି ଫଳ ଥିବ ।

**ସୋପାନ – ୨ ଦଳଗତ କାର୍ଯ୍ୟ** **ସମୟ – ୩୦ ମିନିଟ୍**

**ଶିକ୍ଷଣ କାର୍ଯ୍ୟ -୧**

- ପ୍ରଶିକ୍ଷକ ଅଂଶଗ୍ରହଣକାରୀମାନଙ୍କୁ ନେଇ ଦଳ ଗଠନ କରିବେ ।
- ପ୍ରତିଦଳରେ ୬-୭ ଜଣ ଅଂଶଗ୍ରହଣକାରୀ ରହିବେ ।
- ପ୍ରତ୍ତେକ ଦଳକୁ ତଥ୍ୟ ଫର୍ଦ୍ଦ -୧ ଦେବେ । (ତଥ୍ୟ ଫର୍ଦ୍ଦ ପାଇଁ ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)
- ଅଂଶଗ୍ରହଣକାରୀମାନେ ଦଳରେ ଆଲୋଚନା କରିବେ ।

  ସାଧନକର୍ମୀ ନିମ୍ନଲିଖିତ ପ୍ରଶ୍ନ ମାଧ୍ୟମରେ ଆଲୋଚନା କରିବେ ।

**ପ୍ରଶ୍ନ** -୧ - ଏହି ତଥ୍ୟ ଫର୍ଦ୍ଦରେ କେଉଁ ବିକାଶର ଦିଗ ବିଷୟରେ ଦିଆଯାଇଛି ?

୨ - ଏହି ତଥ୍ୟ ଫର୍ଦ୍ଦରୁ କେଉଁ ସବୁ ସୂଚନା ପାଉଛନ୍ତି ? (ସାଧନକର୍ମୀ ଲେଖିବେ )

୩ – ଭାଷାଗତ ବିକାଶର ଅନ୍ତର୍ଗତ ପାଠ୍ୟକ୍ରମର ଲକ୍ଷ୍ୟ ଗୁଡିକ କ'ଣ ?

୪ –ପାଠ୍ୟକ୍ରମ ଲକ୍ଷ୍ୟ ଅନ୍ତର୍ଗତ କେଉଁ ସବୁ ଦକ୍ଷତାଗୁଡିକ ରହିଛି ?

୫ - ପ୍ରତ୍ତେକ ଦକ୍ଷତା ଅନ୍ତର୍ଗତ ଶିକ୍ଷଣ ଫଳାଫଳ ଗୁଡିକ କ'ଣ କ'ଣ ?

ପ୍ରତି ଦଳ ଚାରୋଟି ଦକ୍ଷତା ଆଧାରିତ ଶିକ୍ଷାଣ ଫଳାଫଳଗୁଡିକ ଉପସ୍ଥାପନା କରିବେ ।

**ଶିକ୍ଷଣ କାର୍ଯ୍ୟ -୨** **ସମୟ – ୧୫ ମିନିଟ୍**

- ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ଦଳରେ ମୁହାଁମୁହିଁ ହୋଇ ବସିବାକୁ କହିବେ ।
- ପ୍ରତ୍ୟକ ଦଳକୁ ତଥ୍ୟଫର୍ଦ୍ଦ -୧ ଦେବେ
- ସାଧନକର୍ମୀଙ୍କ ସୂଚନା ଅନୁଯାୟୀ ଗୋଟିଏ ଦଳ ଦକ୍ଷତା ପଚାରିବେ ଓ ଅନ୍ୟ ଦଳ ସେହି ଦକ୍ଷତା ଅନ୍ତର୍ଭୁକ୍ତ ଶିକ୍ଷଣ ଫଳାଫଳଗୁଡ଼ିକୁ କହିବେ । ଏହପରି ଅଦଳବଦଳ ହୋଇ ପ୍ରଶଗୁଡ଼ିକୁ ଆଲୋଚନା କରିବେ ।
- ସମସ୍ତ ଅଂଶଗ୍ରହଣକାରୀମାନଙ୍କର ସମ୍ପୃକ୍ତିକୁ ନିଶ୍ଚିତ କରାଇବେ ।

**ସୋପାନ -୩ ସାଧନକର୍ମୀଙ୍କ ନମୁନା ପ୍ରଦର୍ଶନ** **ସମୟ – ୩୦ ମିନିଟ୍**

- ସାଧନକର୍ମୀ ଭାଷାଗତ ବିକାଶ ସମ୍ପର୍କିତ ପାଠଯୋଜନାକୁ ପ୍ରଶିକ୍ଷଣ ଶିବିରରେ ସମ୍ପାଦନ କରିବେ । ଏହି ପାଠ ଯୋଜନାଟି ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷଣ କାର୍ଯ୍ୟର ସମ୍ପାଦନ ଓ ଶ୍ରେଣୀ ପରିଚାଳନା ଉପରେ ଆଲୋକପାତ କରିବ ।
- ସାଧନକର୍ମୀ ନିମ୍ନରେ ଦିଆଯାଇଥିବା ପାଠଯୋଜନା ଅନୁଯାୟୀ ଶ୍ରେଣୀ ପରିଚାଳନା କରିବେ ।
- ଅଂଶଗ୍ରହଣକାରୀଙ୍କୁ ବାଲବାଟିକା, ପ୍ରଥମ ଓ ଦ୍ବିତୀୟ ଶ୍ରେଣୀର ଶିକ୍ଷାର୍ଥୀ ଭାବରେ ନେଇ ନମୁନା ପ୍ରଦର୍ଶନ କରିବେ ।

<u>ବହୁଶ୍ରେଣୀ ପାଠଯୋଜନାର ନମୁନା</u>

**ଶିକ୍ଷଣ କାର୍ଯ୍ୟ ୧: ଅଭିନୟ ଗୀତ**

**ଶିକ୍ଷଣ ସାମଗ୍ରୀ: କବିତା ପୋଷ୍ଟର (ମୂଷା)**

- ଶିକ୍ଷକ ସମସ୍ତ ପିଲାମାନଙ୍କୁ (ବାଲବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ)  ଗୋଲାକାରରେ ଠିଆ କରାଇବେ □
- କବିତାପୋଷ୍ଟର (ମୂଷା) କୁ ସମସ୍ତ ପିଲା ଦେଖିପାରିବା ଭଳି ସ୍ଥାନରେ ରଖିବେ □
- ଶିକ୍ଷକ ସ୍ୱରର ଉତ୍ଥାନ-ପତନ ଓ ଅଙ୍ଗଭଙ୍ଗୀ ସହ ଅଭିନୟ କରି କବିତାଟିକୁ ଆବୃତ୍ତି କରିବେ □
- ଶିକ୍ଷାର୍ଥୀମାନେ ଶିକ୍ଷକଙ୍କୁ ଅନୁକରଣ କରିବେ □
- ଏହିଭଳି ଅଭିନୟ ସହ ଆବୃତ୍ତି ତିନିଚାରି ଥର କରିବା ପରେ ଶିକ୍ଷାର୍ଥୀମାନଙ୍କୁ ୨ ଦଳରେ ଭାଗ କରିବେ । ଦୁଇଦଳ ମୁହାଁମୁହିଁ ହୋଇ ଠିଆ ହେବେ □
- ଗୋଟିଏ ଦଳ ଆବୃତ୍ତି କଲେ ଅନ୍ୟ ଦଳଟି ଅଭିନୟ କରିବ □
- ଦଳ ଅଦଳବଦଳ କରାଇ ୨-୩ ଥର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉପରୋକ୍ତ କାର୍ଯ୍ୟଟି ଶିକ୍ଷକ କରାଇବେ □
- ଶେଷରେ ସମସ୍ତ ପିଲା ସୂଚନା ପାଇବା ମାତ୍ରେ ସାମୂହିକ ଭାବେ କବିତାଟିକୁ ଅଭିନୟ ସହ ଆବୃତ୍ତି କରିବେ □

**ମୂଷା**

ଅମାର ଭିତରେ ପଶିଲା ମୂଷା
ଧାନ ଖାଇଦେଲା ଭୁଉଷୁ-ଭୁଷା
ନାଚିଲା ମଜାରେ ତାଧିନି-ଧିନି
ତାକୁ ଦେଖିଦେଲା ବିଲେଇନାନି
ତରବର ହୋଇ ଲୁଚିଲା ମୂଷା
ବିଲେଇ ନାନୀର ରହିଲା ଆଶା

**ଶିକ୍ଷଣ କାର୍ଯ୍ୟ ୨: ଚିତ୍ର ଆଧାରିତ ଆଲୋଚନା**

**ଶିକ୍ଷଣ ସାମଗ୍ରୀ: ଚିତ୍ର ପୋଷ୍ଟର (ଗାଁ ଖେଳ ପଡ଼ିଆ)**

- ଶିକ୍ଷକ ସମସ୍ତ ପିଲାମାନଙ୍କୁ (ବାଲବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ) ଅର୍ଦ୍ଧ ଗୋଲାକାରରେ ବସାଇବେ ଓ 'ଗାଁ ଖେଳ ପଡ଼ିଆ' ର ଚିତ୍ର ଦେଖାଇ ଆଲୋଚନା କରିବେ । ଶିକ୍ଷକ ନିମ୍ନ ଉପାୟରେ ଶ୍ରେଣୀୱାରୀ ପିଲାଙ୍କୁ ଆଲୋଚନାରେ ଯୋଡ଼ିବେ ।  (ପିଲାମାନଙ୍କର ମାତୃଭାଷାର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ ।)

| <u>ବାଲବାଟିକା</u> | <u>ପ୍ରଥମ ଶ୍ରେଣୀ</u> | <u>ଦ୍ୱିତୀୟ ଶ୍ରେଣୀ</u> |
|---|---|---|
| • ବାଲବାଟିକା ପିଲାଙ୍କୁ ନିମ୍ନ ପ୍ରଶ୍ନ ଜରିଆରେ ଆଲୋଚନାରେ ଯୋଡ଼ିବେ<br>ପ୍ରଶ୍ନ ୧ – ଚିତ୍ରରେ କ'ଣ ସବୁ ଦେଖୁଛ ?<br>ପ୍ରଶ୍ନ ୨ – ଚିତ୍ରରେ ପିଲାମାନେ କ'ଣ କରୁଛନ୍ତି ?<br>ପ୍ରଶ୍ନ ୩ – ଚିତ୍ରରେ ଥିବା ଖେଳଗୁଡ଼ିକର ନାମ କୁହ ?<br>**ଲିଖନ କାର୍ଯ୍ୟ:**<br>ପିଲାମାନେ ଯେକୌଣସି ଚିତ୍ର ଆଙ୍କି ରଙ୍ଗ ଦେବେ | • ପ୍ରଥମ ଶ୍ରେଣୀ ପିଲାଙ୍କୁ ନିମ୍ନ ପ୍ରଶ୍ନ ଜରିଆରେ ଆଲୋଚନାରେ ଯୋଡ଼ିବେ<br>ପ୍ରଶ୍ନ ୧ – ଏହା କେଉଁ ସ୍ଥାନର ଦୃଶ୍ୟ ଅଟେ ?<br>ପ୍ରଶ୍ନ ୨ – ଚିତ୍ରରେ କେତେଜଣ ପିଲା କ୍ରିକେଟ ଖେଳୁଛନ୍ତି ?<br>ପ୍ରଶ୍ନ ୩ – ଗଛ ମୂଳେ ଝିଅଟି କି ଖେଳ ଖେଳୁଛି ?<br>**ଲିଖନ କାର୍ଯ୍ୟ:**<br>ଚିତ୍ର ଦେଖି ଶବ୍ଦ ଲେଖିବେ | • ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ନିମ୍ନ ପ୍ରଶ୍ନ ଜରିଆରେ ଆଲୋଚନାରେ ଯୋଡ଼ିବେ<br>ପ୍ରଶ୍ନ ୧ – କ୍ରିକେଟ ଖେଳକୁ କିପରି ଖେଳାଯାଏ କୁହ ?<br>ପ୍ରଶ୍ନ ୨ – ତୁମେମାନେ ପଡିଆରେ କେଉଁ ସବୁ ଖେଳ ଖେଳିଥାଅ ?<br>ପ୍ରଶ୍ନ ୩ – ତୁମେ କେଉଁ  ଖେଳ ଖେଳିବାକୁ ସବୁଠାରୁ ଭଲ ପାଅ ?<br>**ଲିଖନ କାର୍ଯ୍ୟ:**<br>ଚିତ୍ର ଦେଖି ୩-୪ ଟି ବାକ୍ୟ ଲେଖିବେ |

**ସୋପାନ -୪ (ସଂକ୍ଷେପଣ)** **ସମୟ – ୫ ମିନିଟ୍**

ନମୁନା ପ୍ରଦର୍ଶନ ପରେ ସାଧନକର୍ମୀ ନିମ୍ନଲିଖିତ ପ୍ରଶ୍ନ ପଚାରିବେ

- କେଉଁ ସବୁ ସୋପାନ ଦେଇ କାର୍ଯ୍ୟଟି କରାଗଲା ?
- କାର୍ଯ୍ୟଟି କେତୋଟି ଶ୍ରେଣୀ ପାଇଁ କରାଯାଇଥିଲା ?
- ପ୍ରତ୍ୟେକ ଶ୍ରେଣୀର ଶିକ୍ଷଣ ଫଳାଫଳଗୁଡ଼ିକ କ'ଣ ଥିଲା ?
- ସେହି ଶିକ୍ଷଣ ଫଳାଫଳ ହାସଲ ଆଉ କେଉଁ ସବୁ ଶିକ୍ଷଣ କାର୍ଯ୍ୟ କରାଯାଇପାରିବ ?

## ସାଧନକର୍ମୀ ସୂଚନା

## ତଥ୍ୟଫର୍ଦ୍ଦ – ୧

### ଜାତୀୟ ପାଠ୍ୟକ୍ରମ ଆଧାରିତ ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ

### ସାଧନକର୍ମୀଙ୍କ ପାଇଁ ସୂଚନା

- ସାଧନକର୍ମୀ ସୋପାନ ୩ ରେ କାର୍ଯ୍ୟ କରିବା ସମୟରେ ନିମ୍ନଲିଖିତ ତଥ୍ୟଫର୍ଦ୍ଦ ଅଂଶଗ୍ରହଣକାରୀଙ୍କୁ ଦେବେ 

**ଭାଷା ବିକାଶର ଦିଗ**

| କ୍ଷେତ୍ର | ପାଠ୍ୟକ୍ରମର ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ |
|---|---|---|---|
| ଭାଷା ବିକାଶ | C-9 – ଦୈନନ୍ଦିନ ଜୀବନରେ ପାରସ୍ପରିକ କ୍ରିୟା ପାଇଁ ଦୁଇଟି ଭାଷା ମାଧ୍ୟମରେ ଫଳପ୍ରଦ ଭାବେ ଭାବ ବିନିମୟ ଦକ୍ଷତା ହାସଲ କରିବେ । | C.9.1 – ସରଳ ଗୀତ , ସମତାନ ଗୀତ ଓ କବିତା ଶୁଣିବ ଓ ପ୍ରସଂଶା କରିବେ । | ୧. ପରିଚିତ ଗୀତ/ କବିତା ( ୪- ୮ ବାକ୍ୟ ବିଶିଷ୍ଟ ) ଧ୍ୟାନର ସହ ଶୁଣିବେ ଓ ତାହା ଉପରେ ବାର୍ତ୍ତାଳାପ କରିବେ<br>୨. କବିତା / ଗୀତ( ୪- ୫ ବାକ୍ୟ ବିଶିଷ୍ଟ ) ଗାଇବେ / ଆବୃତ୍ତି କରିବେ |
| | | C-9.2 – ନିଜେ ସରଳ ଗୀତ ଓ କବିତା ସୃଷ୍ଟି କରିବେ । | ୧- ପରିଚିତ କବିତାରୁ ସମତାନ ଶବ୍ଦ ଚିହ୍ନଟ କରିବେ ଓ ନୂଆ ସମତାନ ଶବ୍ଦ ସୃଷ୍ଟି କରିବେ । |
| | | C-9 .3 – ଦୃଢ ଭାବରେ କଥାବାର୍ତ୍ତା କରିପାରେ ଏବଂ ଅର୍ଥପୂର୍ଣ୍ଣ ବାର୍ତ୍ତାଳାପ କରିପାରିବେ । | ୧ - ଘଟଣାବଳୀ , ଗଳ୍ପ, ଆଲୋଚନା, ବା ନିଜର ଆବଶ୍ୟକତା ଅନୁଯାୟୀ ଆଲୋଚନାରେ ଅଂଶଗ୍ରହ କରିବେ ଓ ପ୍ରଶ୍ନ ପଚାରିବେ ।<br>୨- ଦୈନନ୍ଦିନ ଅନୁଭୂତିକୁ ବିସ୍ତୃତ ଭାବେ ବର୍ଣ୍ଣନା କରିବେ ଓ କାହିଁକି ଭଳି ପ୍ରଶ୍ନ ପଚାରିବେ । |
| | | C-9.4-ଏକ ଜଟିଳ କାର୍ଯ୍ୟପାଇଁ ମୌଖିକ ସୂଚନାବଳୀକୁ ବୁଝିବ ଓ ଅନ୍ୟମାନଙ୍କୁ ଏଥିପାଇଁ ସ୍ୱଷ୍ଟ ସୂଚନା ପ୍ରଦାନ କରିବ | ୧- ଏକା ସମୟରେ ଦିଆଯାଉଥିବା ନିର୍ଦ୍ଦେଶଗୁଡ଼ିକ ମଧ୍ୟରୁ ୪ ରୁ ୫ ଟି ନିର୍ଦ୍ଦେଶକୁ ଅନୁସରଣ କରିବେ ।<br>୨ – ଛୋଟ କାର୍ଯ୍ୟଟିକୁ କରିବା ପାଇଁ ପିଲା ବା ବୟସ୍କକୁ ସରଳ ନିର୍ଦ୍ଦେଶ ଦେଇପାରିବେ । |
| | | C-9.5-ବର୍ଣ୍ଣନା କରାଯାଇଥିବା ବା ପଢ଼ିଥିବା କାହାଣୀକୁ ବୁଝିଥାଏ ଏବଂ ଚରିତ୍ର , କାହାଣୀ ଓ ଲେଖକ କଣ କହିବାକୁ ଚାହୁଁଛନ୍ତି ତାହା ଚିହ୍ନଟ କରିବେ । | ୧. କାହାଣୀର ପ୍ଲଟ ଓ ଚରିତ୍ରକୁ ଚିହ୍ନଟ କରିବେ ଓ କାହାଣୀର ଶବ୍ଦକୁ ନେଇ ସଠିକ କ୍ରମରେ ଗଳ୍ପଟିକୁ ପୁନର୍ବାର କହିବେ । |
| | | C-9.6-ଠିକ ଘଟଣା ଓ ଚରିତ୍ର ସହ କ୍ଷୁଦ୍ରଗଳ୍ପ ବର୍ଣ୍ଣନା କରିବେ । | ୧. କାହାଣୀର ଶେଷକୁ ନେଇ କଳ୍ପନା କରିବେ ଓ ତାହାକୁ ନିଜେ ବର୍ଣ୍ଣନା କରିବେ । |

| | | | |
|---|---|---|---|
| | | C-9.7-ଦୈନନ୍ଦିନ ବାର୍ତ୍ତାଳାପକୁ ପ୍ରଭାବଶାଳୀ ଭାବରେ ସମ୍ପାଦନ କରିବେ ଏବଂ ପ୍ରଚଳିତ ଶବ୍ଦ ବ୍ୟବହାର କରି ନୂତନ ଶବ୍ଦ ଅର୍ଥ ଅନୁମାନ କରିବେ । | ୧. ପରିସ୍ଥିତି ଓ ଆବଶ୍ୟକତା ଅନୁସାରେ କ୍ରିୟାବାଚକ (action word) ଓ ଗୁଣବାଚକ (descriptive word)ଶବ୍ଦ ସହିତ କାଳର ବ୍ୟବହାର କରିବେ । |
| | C-10 – ପ୍ରଥମ ଭାଷା ପଠନ ଓ ଲିଖନରେ ପିଲାମାନେ ନିପୁଣତା ହାସଲ କରିବେ । | C-10.1 – ଧ୍ୱନି ସଚେତନତା ବିକଶିତ ହୁଏ ଏବଂ ଧ୍ୱନି ଅକ୍ଷରଗୁଡ଼ିକ ଯୋଡ଼ି ଶବ୍ଦ ଗଠନ କରିବେ ଏବଂ ପ୍ରଥମ ଭାଷାରେ ଥିବା ଶବ୍ଦଗୁଡ଼ିକ ଭାଙ୍ଗି ଧ୍ୱନି ଓ ଅକ୍ଷର କହିବେ । | ୧. ସମତାନ ଧ୍ୱନି ଓ ଅନୁପ୍ରାସ ଅଳଙ୍କାରବିଶିଷ୍ଟ (alliteration) ଧ୍ୱନି କହିବେ<br>୨. ଶବ୍ଦରେ ଥିବା ଧ୍ୱନିକୁ ଚିହ୍ନଟ କରିବେ<br>୩. ଧ୍ୱନିକୁ ଯୋଡ଼ି ପରିଚିତ ଶବ୍ଦ କହିବେ । |
| | | C-10.2 -ଏକ ପୁସ୍ତକର ମୌଳିକ ଢାଞ୍ଚା /ଫର୍ମାଟ , ମୁଦ୍ରଣ ଏବଂ ଯେଉଁ ଦିଗରେ ଶବ୍ଦ ଛପାଯାଇଛି ତାହାର ଧାରଣାକୁ ବୁଝିବେ ଏବଂ ବିରାମ ଚିହ୍ନକୁ ଚିହ୍ନିବେ । | ୧. ଛପାଲେଖା ସାମଗ୍ରୀରେ (printed materials) ପ୍ରଦାନ କରାଯାଇଥିବା ସୂଚନାକୁ ବର୍ଣ୍ଣନା କରିବେ ( ବହି , ସମ୍ବାଦପତ୍ର ଓ ସୂଚନାଫର୍ଦ୍ଦ )<br>୨. ବହିର ମଲାଟକୁ ଦେଖି ତାହା ଉପରେ କହିପାରିବେ (ମଲାଟରେ ଥିବା ସୂଚନାକୁ ଦେଖି ଅନୁମାନ କରିବେ ) |
| | | C-10.3-ପ୍ରଥମ ଭାଷା ଲିପିରେ ଥିବା ବର୍ଣ୍ଣମାଳାର ସମସ୍ତ ଅକ୍ଷର ( ରୂପ )କୁ ଚିହ୍ନିବେ | ୧. ବାରମ୍ବାର ବ୍ୟବହୃତ ଅକ୍ଷର (ଯୁକ୍ତାକ୍ଷର) ଚିହ୍ନିବ ଓ ସେ ସମ୍ବନ୍ଧୀୟ ଧ୍ୱନିକୁ ଚିହ୍ନଟ କରିବେ<br>୨. ପରିଚିତ ତିନିରୁ ଚାରି ଅକ୍ଷର ବିଶିଷ୍ଟ ଶବ୍ଦକୁ ପଢ଼ିବେ (ମାତ୍ରାଯୁକ୍ତ)<br>୩. ପାଠରେ ଆସୁଥିବା ଦୃଶ୍ୟ ଶବ୍ଦକୁ (sight word), ସର୍ବନାମ, ଅବ୍ୟୟକୁ ଚିହ୍ନଟ କରିବେ |
| | | C-10.4-ପ୍ରଥମ ଭାଷାରେ ଗଳ୍ପ ଏବଂ ଅନୁଚ୍ଛେଦ ଠିକ ଓ ଧାରାପ୍ରବାହ , ଉପଯୁକ୍ତ ବିରତି ଏବଂ ସ୍ୱରର ଉତ୍ଥାନ ପତନ ସହ ପଢ଼ିବେ । | ୧. ଛୋଟଛୋଟ ପରିଚିତ ବାକ୍ୟ ଓ ଶବ୍ଦଗୁଡ଼ିକୁ ସ୍ୱଚ୍ଛତା ସହିତ ପଢ଼ିବେ |
| | | C-10.5- କ୍ଷୁଦ୍ରଗଳ୍ପ ପଢ଼ି ଏହାର ଚରିତ୍ର , କାହାଣୀ ଏବଂ ଲେଖକ କଣ କରିବାକୁ ଚାହୁଁଥିଲେ ନିଜେ ତାହାର ଅର୍ଥ ବୁଝିବେ | ୧. ଶିକ୍ଷକଙ୍କ ସହ ମାର୍ଗଦର୍ଶୀ ପଠନରେ ଅଂଶଗ୍ରହଣ କରିବେ ଓ ପାଠ ଉପରେ ଆଲୋଚନା କରିବେ ।<br>୨. ଛୋଟ ସରଳ ପାଠ ଥିବା ବହିକୁ ପଢିବେ, ଲେଖା ଓ ଚିତ୍ରକୁ ଦେଖି ଅନୁମାନ କରିବେ ଏବଂ କାହାଣୀଟିକୁ |

| | | | |
|---|---|---|---|
| | | | ସଠିକ କ୍ରମରେ କହିବେ ଏବଂ ବର୍ଣ୍ଣନା କରିବେ । |
| | | C-10.7-କ୍ଷୁଦ୍ର ଖବର ଆଇଟମ , ନିର୍ଦ୍ଦେଶନାମା ଏବଂ ରେସିପି ଏବଂ ପ୍ରଚାର ସାମଗ୍ରୀ ପଢ଼ିବେ ଓ ଅର୍ଥ ବୁଝିବେ | ୧. ସରଳ ଲିଖିତ ନିର୍ଦ୍ଦେଶକୁ ବୁଝିବେ ଓ ଅନୁସରଣ କରିବେ । |
| | | C-10.8- ନିଜର ବୁଝାମଣା ଏବଂ ଅନୁଭୂତି ପ୍ରକାଶ କରିବାକୁ ଏକ ପାରାଗ୍ରାଫ ଲେଖିବେ | ୧. ଅକ୍ଷରକୁ ସଠିକ ଭାବେ ଲେଖିବେ ଓ ସରଳ ଓ ପରିଚିତ ଶବ୍ଦ ଗଢ଼ିବେ<br>୨. ଚିତ୍ର କରି ରଙ୍ଗ ଦେବେ ଓ ଚିତ୍ର ତଳେ ସରଳ ଶବ୍ଦ ବା ବାକ୍ୟ ଲେଖି (invented spelling) |
| | | C-10.9-ବିଭିନ୍ନ ଶିଶୁପୁସ୍ତକ ଉଠାଇବେ ଓ ପଢ଼ିବାରେ ଆଗ୍ରହ ଦେଖାଇବେ । | ୧. ଛୋଟ ଛବିଳ ବହିକୁ ଆଗ୍ରହ ସହକାରେ ପଢ଼ିବେ (pretend reading) ଓ ବହି ବିଷୟରେ ନିଜ ସାଙ୍ଗସାଥୀମାନଙ୍କ ସହିତ ଆଲୋଚନା କରିବେ |
| | C-11- ପିଲାମାନେ ନିଜ ଭାଷାରେ ପଢ଼ିବେ ଓ ଲେଖିବେ | C-11.1 – ଧ୍ୱନିସଚେତନତା ଦକ୍ଷତା ବିକାଶ କରିବେ (phonological awareness) , ଅକ୍ଷର ଓ ମାତ୍ରା ଯୋଡ଼ି ଶବ୍ଦ ଗଢ଼ିବେ (blending) ଓ ଶବ୍ଦକୁ ଧ୍ୱନିରେ ଭାଙ୍ଗିବେ (Segmenting) | ୧. କବିତା ଆବୃତ୍ତି କରିବେ<br>୨. ପରିଚିତ ଅକ୍ଷର ଚିହ୍ନିବେ ଓ ଅକ୍ଷରକୁ ଯୋଡ଼ି ଶବ୍ଦ ଗଢ଼ିବେ |

<u>ଭାଷାଗତ ବିକାଶ- ଅଂଶଗ୍ରହଣକାରୀଙ୍କ ଦ୍ୱାରା ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା</u>

**ତୃତୀୟ ଦିବସ**

**ଚତୁର୍ଥ ଅଧିବେଶନ :** **ସମୟ: ୧.୩୦ ମିନିଟ**

ପୃଷ୍ଠଭୂମି –

ଜାତୀୟ ପାଠ୍ୟକ୍ରମ ଆଧାରରେ ପ୍ରାରମ୍ଭିକ ଶ୍ରେଣୀରେ ଥିବା ଭାଷାଗତ ବିକାଶର ଦକ୍ଷତା ଓ ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ ଶିକ୍ଷକମାନଙ୍କର ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି । ଫଳପ୍ରଦ ଶ୍ରେଣୀ ପରିଚାଳନା ପାଇଁ ବିଭିନ୍ନ ଶିକ୍ଷଣ ସାମଗ୍ରୀର ବ୍ୟବହାର କରି କିପରି ଶିକ୍ଷଣ କାର୍ଯ୍ୟ କରିବେ ଓ ସମସ୍ତ ବର୍ଗର ପିଲାମାନଙ୍କର କିପରି ସହଭାଗୀତା ରହିବା ସେଥି ପ୍ରତି ଧ୍ୟାନ ଦେବା ଉଚିତ୍ ।

**ପ୍ରତ୍ୟାଶିତ ଫଳାଫଳ :**

- ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ ଭାଷାଗତ ବିକାଶ ପାଠ୍ୟକ୍ରମର ଲକ୍ଷ୍ୟ , ଦକ୍ଷତା ଓ ଶିକ୍ଷଣ ଫଳାଫଳକୁ ନେଇ ପାଠ୍ୟ ଯୋଜନା ପ୍ରସ୍ତୁତ ଓ ଉପସ୍ଥାପନା କରିବେ ।

**ସୋପାନ ୧ - (ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି) (ଦଳଗତ ଆଲୋଚନା) ସମୟ – ୩୦ ମିନିଟ**

- ❖ ପ୍ରଶିକ୍ଷକ ୬ ଟି ଦଳ ଗଠନ କରିବେ ।
- ❖ ପ୍ରତ୍ୟେକ ଦଳ ଯେକୌଣସି ଗୋଟିଏ ଶିକ୍ଷଣ ଫଳାଫଳକୁ ନେଇ ପାଠ ଯୋଜନା ପ୍ରସ୍ତୁତ କରିବେ । (ପୂର୍ବରୁ ଦିଆଯାଇଥିବା ତଥ୍ୟଫର୍ଦ୍ଦରୁ ଯେକୌଣସି ଗୋଟିଏ ଶିକ୍ଷଣ ଫଳାଫଳ ନେଇ ପାଠ ଯୋଜନା ପ୍ରସ୍ତୁତ କରାଯିବ)
- ❖ ପ୍ରତି ଦଳକୁ ଆବଶ୍ୟକୀୟ ଶିକ୍ଷଣ ସାମଗ୍ରୀ (ଚାର୍ଟ କାଗଜ, ସ୍କେଚପେନ, ବହି ) ଯୋଗାଇ ଦେବେ ।
- ❖ ପ୍ରତ୍ୟେକ ଦଳକୁ ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ ପାଇଁ ସୂଚନା ଦିଆଯିବ ।

**ସୋପାନ ୨ - ଶିକ୍ଷଣକାର୍ଯ୍ୟ ଉପସ୍ଥାପନା**

**କାର୍ଯ୍ୟ ୧ - (ପ୍ରସ୍ତୁତିକରଣ) ସମୟ -୬୦ ମିନିଟ**

- ❖ ଶିକ୍ଷଣ କାର୍ଯ୍ୟର ଉପସ୍ଥାପନା ପାଇଁ ସାଧନକର୍ମୀ ପ୍ରତ୍ୟେକ ଦଳକୁ ୧୦ ମିନିଟ୍ ସମୟ ଦେବେ ।
- ❖ ପ୍ରତ୍ୟେକ ଦଳକୁ ସୂଚନା ଦିଆଯିବ ଯେ ପ୍ରସ୍ତୁତିକରଣ ସମୟରେ ପ୍ରସ୍ତୁତକର୍ତ୍ତା ଶିକ୍ଷକ ଓ ଅନ୍ୟ ଅଂଶଗ୍ରହଣକାରୀ ମାନେ ଶିକ୍ଷାର୍ଥୀ ଭୂମିକା ନିର୍ବାହ କରିବେ ।
- ❖ ଉପସ୍ଥାପନା ପରେ ଅଂଶଗ୍ରହଣକାରୀମାନଙ୍କ ଦ୍ବାରା ପ୍ରତିପୃଷ୍ଟି ଦିଆଯିବ ଓ ନିମ୍ନ ପ୍ରଶ୍ନ ଆଧାରରେ ଆଲୋଚନା କରାଯିବ :

  ପ୍ରଶ୍ନ – କେଉଁ ସୋପାନ ଦେଇ କାର୍ଯ୍ୟଟି କରାଗଲା ?

  ପ୍ରଶ୍ନ – ଏହି ଶିକ୍ଷଣ କାର୍ଯ୍ୟ ଦ୍ବାରା କେଉଁ ଶିକ୍ଷଣ ଫଳାଫଳ ହାସଲ ହେବାର ସୁଯୋଗ ଅଛି ?

  ପ୍ରଶ୍ନ - ସବୁ ସ୍ତରର ପିଲାମାନଙ୍କୁ ଆବଶ୍ୟକତାକୁ ଧ୍ୟାନରେ ରଖି କେଉଁ ସବୁ ଶିକ୍ଷଣ କାର୍ଯ୍ୟ କରାଯାଇପାରିବ ?

  ପ୍ରଶ୍ନ – ଶିକ୍ଷଣ ଫଳାଫଳ ହାସଲ ପାଇଁ ଆଉ କେଉଁ ସବୁ କାର୍ଯ୍ୟ କରାଯାଇପାରିବ ?

## ସୌନ୍ଦର୍ଯ୍ୟବୋଧ ଓ ସୃଜନଶୀଳତାର  ବିକାଶ

**ଦିବସ:** ଚତୁର୍ଥ

**ଅଧିବେଶନ -ପ୍ରଥମ** **ସମୟ – ୧. ୩୦ ମିନିଟ୍**

**ପୃଷ୍ଠଭୂମି :** ପିଲାମାନେ ନିଜ ପସନ୍ଦର କାର୍ଯ୍ୟରେ ଯୋଡି ହେବାକୁ ଆଗ୍ରହୀ  ହୋଇଥାନ୍ତି  । ଚିତ୍ର କରିବା ,ରଙ୍ଗ ଦେବା , କାଗଜ କାଟି ଯୋଡିବା, ମାଟି ଓ ବାଲିକୁ ନେଇ  ନୂଆ ସାମଗ୍ରୀ ପ୍ରସ୍ତୁତ କରିବାରେ  ପିଲା ଆନନ୍ଦ ପାଇଥାଏ । ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟ କରିବା ଦ୍ୱାରା   ପିଲାଟିର ସୌନ୍ଦର୍ଯ୍ୟବୋଧ ଓ ସୃଜନଶୀଳତାର  ବିକାଶ ହୋଇଥାଏ । ଏହା ଏକ ନିରନ୍ତର ପ୍ରକ୍ରିୟା । ଏଥିପାଇଁ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା  ରହିଛି । ପିଲାଟି ମଧ୍ୟରେ  ଏହି ଦକ୍ଷତାକୁ ବିକାଶ କରିବାକୁ ହେଲେ ସେମାନଙ୍କୁ ସ୍ୱାଧୀନ  ଓ ଦଳଗତ ଭାବେ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ କରାଇବାର  ଆବଶ୍ୟକତା ରହିଛି । ଜାତୀୟ ପାଠ୍ୟକ୍ରମ ଆଧାର- ମୌଳିକ ପର୍ଯ୍ୟାୟରେ   ପିଲାମାନଙ୍କ **ସୌନ୍ଦର୍ଯ୍ୟବୋଧ ଓ  ସୃଜନଶୀଳତାର** ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି  

**ପ୍ରତ୍ୟାଶିତ ଫଳାଫଳ:**

ଏହି ଅଧିବେଶନରେ  ଆଲୋଚନା ପରେ ଅଂଶଗ୍ରହଣକାରୀ ମାନେ -

- ସୌନ୍ଦର୍ଯ୍ୟବୋଧ ଓ **ସୃଜନଶୀଳତାର** ବିକାଶ ଅନ୍ତର୍ଗତ ପାଠ୍ୟକ୍ରମର  ଲକ୍ଷ୍ୟ , ଦକ୍ଷତା ଓ ଶିକ୍ଷଣ ଫଳାଫଳ ଗୁଡିକ ଚିହ୍ନଟ କରିବେ ।
- ଶିକ୍ଷଣ ଫଳାଫଳ ଆଧାରିତ ଶ୍ରେଣୀ ପରିଚାଳନା କରିବାର କୌଶଳ ସମ୍ବନ୍ଧରେ କହିବେ ।

**ପ୍ରଣାଳୀ –**

**ସୋପାନ – ୧ - ସକ୍ରିୟାତ୍ମକ  କାର୍ଯ୍ୟ ( ସାମୂହିକ କାର୍ଯ୍ୟ )** **ସମୟ – ୨୦  ମିନିଟ୍**

ସୂଚନା –

- ପ୍ରଶିକ୍ଷକ ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ଗୋଲାକାରରେ ଠିଆ ହେବା ପାଇଁ ନିର୍ଦ୍ଦେଶ ଦେବେ ।
- ପ୍ରଶିକ୍ଷକ ନିମ୍ନରେ ପ୍ରଦତ୍ତ  “ **ଆଈ ମା’ର କ୍ଷେତ ଥିଲା** “ କବିତାଟି   ଉପଯୁକ୍ତ ସ୍ୱର ଓ ଭାବଭଙ୍ଗୀ ସହ  ଆବୃତ୍ତି କରିବେ  ।

**ଆଈ ମା’ର କ୍ଷେତ ଥିଲା**

ଆଈ ମା'ର କ୍ଷେତ ଥିଲା
କ୍ଷେତକୁ ସିଏ ଜଗୁଥିଲା
ତାର ଗୋଟେ କୁକୁର ଥିଲା
ଭୋ.... ଭୋ.... କରୁଥିଲା ।।

ଆଈ ମା'ର କ୍ଷେତ ଥିଲା
କ୍ଷେତକୁ ସିଏ ଜଗୁଥିଲା
ତାର ଗୋଟେ ବିଲେଇ ଥିଲା
ମିଆଉଁ   ମିଆଉଁ କରୁଥିଲା ।।

ଆଈ ମା'ର କ୍ଷେତ ଥିଲା
କ୍ଷେତକୁ ସିଏ ଜଗୁଥିଲା
ତାର ଗୋଟେ ଗାଈ ଥିଲା
ହମ୍ବା ହମ୍ବା କରୁଥିଲା ।।

ଆଈ ମା'ର କ୍ଷେତ ଥିଲା
କ୍ଷେତକୁ ସିଏ ଜଗୁଥିଲା
ତାର ଗୋଟେ କୁକୁଡା ଥିଲା
କରର... କ ... କକ କରୁଥିଲା ।।

ଆଈ ମା'ର କ୍ଷେତ ଥିଲା
କ୍ଷେତକୁ ସିଏ ଜଗୁଥିଲା
ତାର ଗୋଟେ ମାଙ୍କଡ ଥିଲା
ଖେଂ ଖେଂ କରୁଥିଲା ।।

ଆଈ ମା'ର କ୍ଷେତ ଥିଲା
କ୍ଷେତକୁ ସିଏ ଜଗୁଥିଲା
ଆଈ ମା' ଯେବେ ଶୋଉଥିଲା
ମାଙ୍କଡ କ୍ଷେତ ଜଗୁଥିଲା ।।

- ଅଂଶଗ୍ରହଣକାରୀ ମାନେ ପ୍ରଶିକ୍ଷକଙ୍କୁ ଅନୁସରଣ କରି ଅଭିନୟ ସହ କବିତାଟି ଗାଇବେ ।
- କବିତାଟି ଗାଇ ସାରିବା ପରେ ପ୍ରଶିକ୍ଷକ ନିମ୍ନ ପ୍ରଶ୍ନଗୁଡିକୁ ନେଇ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା କରିବେ ।

ପ୍ରଶ୍ନ – ୧- କବିତାଟି ଭଲ ଲାଗିଲା କି ? କାହିଁକି ?

ପ୍ରଶ୍ନ ୨- ଏହି କବିତା ମାଧମରେ ପିଲାମାନଙ୍କର କେଉଁ ଦିଗର ବିକାଶ କଥା କୁହାଯାଇଛି ?

**ସୋପାନ –୨ – ଦଳଗତ ଆଲୋଚନା** **ସମୟ – ୩୫ ମିନିଟ୍**

**କାର୍ଯ୍ୟ -୧ -**

- ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ପାଞ୍ଚଟି ଦଳରେ ଭାଗ କରିବେ । ପ୍ରତି ଦଳକୁ ମୌଳିକ ପର୍ଯ୍ୟାୟରେ ସୌନ୍ଦର୍ଯ୍ୟବୋଧ ଓ **ସୃଜନଶୀଳତାର** ବିକାଶ ଅନ୍ତର୍ଗତ **ପାଠ୍ୟକ୍ରମର ଲକ୍ଷ୍ୟ – ଦକ୍ଷତା – ଶିକ୍ଷଣ ଫଳାଫଳ** ଆଧାରିତ ତଥ୍ୟଫର୍ଦ୍ଦଟି ପଢ଼ିବାକୁ ଦେବେ ।
- ଅଂଶଗ୍ରହଣକାରୀମାନେ ଦଳ ମଧ୍ୟରେ ତଥ୍ୟଫର୍ଦ୍ଦଟି ପଢ଼ିସାରିବା ପରେ ନିମ୍ନ ପ୍ରଶ୍ନଗୁଡିକୁ ନେଇ ସାଧନକର୍ମୀ ସମସ୍ତଙ୍କ ସହ ଆଲୋଚନା କରିବେ ।

ପ୍ରଶ୍ନ – ୧- ଏହି ତଥ୍ୟଫର୍ଦ୍ଦରେ ଆପଣ କେଉଁସବୁ ସୂଚନା ପାଉଛନ୍ତି ?

ପ୍ରଶ୍ନ - ୨- ପ୍ରାରମ୍ଭିକ ପର୍ଯ୍ୟାୟର **ସୌନ୍ଦର୍ଯ୍ୟବୋଧ ଓ ସୃଜନଶୀଳତାର** ବିକାଶ ଅନ୍ତର୍ଗତ ପାଠ୍ୟକ୍ରମର ଲକ୍ଷ୍ୟଗୁଡିକ କଣ ଅଟେ ?

ପ୍ରଶ୍ନ - ୩- ପାଠ୍ୟକ୍ରମ ଲକ୍ଷ୍ୟ ଆଧାରିତ ଦକ୍ଷତା ଗୁଡିକ କଣ ଅଟେ ?

- ପ୍ରତ୍ୟେକ ଦଳ ଗୋଟିଏ ଦକ୍ଷତା ଅନ୍ତର୍ଭୂକ୍ତ ଶିକ୍ଷଣ ଫଳାଫଳକୁ ଉପସ୍ଥାପନ କରିବେ  **( ଦଳ – ୧- C-12.1 , ଦଳ – ୨- C-12.2, ଦଳ -୩ – C-12.3, ଦଳ-୪ – C-12.4, ଦଳ -୫ – C-12.5 )**

**କାର୍ଯ୍ୟ -୨ –**

- ସାଧନକର୍ମୀ ଦଳଗୁଡିକୁ ମୁହାଁମୁହିଁ କରି ବସାଇବେ । ଦକ୍ଷତା ଓ ଶିକ୍ଷଣ ଫଳାଫଳକୁ ନେଇ ପ୍ରତି ଦଳ ପ୍ରଶ୍ନ ପ୍ରସ୍ତୁତ କରିବେ 
- ପ୍ରତ୍ୟେକ ଦଳ ବିପରୀତ ଦଳକୁ ପ୍ରଶ୍ନ ପଚାରିବେ 
- ଏହି କାର୍ଯ୍ୟ କିଛି ସମୟ ଧରି ଚାଲିବ 

**ସାଧନକର୍ମୀଙ୍କ ସଂକ୍ଷେପଣ ପାଇଁ ସୂଚନା –**
**ଆମେ ପିଲାଟିର ସୌନ୍ଦର୍ଯ୍ୟବୋଧ ଓ ସୃଜନଶୀଳତାର ବିକାଶ ଅନ୍ତର୍ଗତ ପାଠ୍ୟକ୍ରମର ଲକ୍ଷ୍ୟ , ଦକ୍ଷତା ଓ ଶିକ୍ଷଣ ଫଳାଫଳ ବିଷୟରେ ଜାଣିଲେ । ପିଲାଟି ମଧ୍ୟରେ ଏହି ଦକ୍ଷତା ଗୁଡିକର ବିକାଶ ପାଇଁ ଶିକ୍ଷଣ ଫଳାଫଳଗୁଡିକୁ ଭଲ ଭାବରେ ବୁଝି ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରିବାକୁ ପଡିବ ।**

**ସୋପାନ –୨ – ନମୁନା ପ୍ରଦର୍ଶନ ଓ ଖୋଲା ଆଲୋଚନା** **ସମୟ- ୩୦ ମିନିଟ୍**

ପ୍ରଶ୍ନ- ଶ୍ରେଣୀ ପରିଚାଳନା ସମୟରେ ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ କେଉଁସବୁ ଶିକ୍ଷଣକାର୍ଯ୍ୟ କରିପାରିବା ?

- ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ନେଇ ବାଲବାଟିକା , ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ନାମରେ ତିନିଟି ଦଳ ଗଠନ କରିବେ  ନିମ୍ନ ସାରଣୀ ଆଧାରରେ ତିନିଟି ଦଳକୁ କାର୍ଯ୍ୟ କରିବା ପାଇଁ ଦେବେ ଯଥା -

| ବାଲବାଟିକା ଶ୍ରେଣୀ | ପ୍ରଥମ ଶ୍ରେଣୀ | ଦ୍ଵିତୀୟ ଶ୍ରେଣୀ |
|---|---|---|
| • ବିନ୍ଦୁ ଯୋଡି ଚିତ୍ର ସମ୍ପୂର୍ଣ୍ଣ କରିବେ<br>• କରିଥିବା ଚିତ୍ରରେ ରଙ୍ଗ ଦେବେ<br>• ଆଙ୍କିଥିବା ଫଳ ସମ୍ପର୍କିତ ଗୋଟିଏ ଲେଖାଏଁ ବାକ୍ୟ କହିବେ □ | • ଯେ କୌଣସି ଗୋଟିଏ ଫଳର ଚିତ୍ର ଅଙ୍କନ କରିବେ □<br>• ଚିତ୍ରରେ ଉପଯୁକ୍ତ ରଙ୍ଗ ଦେବେ □<br>• ଆଙ୍କିଥିବା ଫଳ ସମ୍ପର୍କିତ ଗୋଟିଏ ଲେଖାଏଁ ବାକ୍ୟ କହିବେ □ | • ଯେ କୌଣସି ଦୁଇଟି ଫଳର ଚିତ୍ର ଅଙ୍କନ କରିବେ □<br>• ଚିତ୍ରରେ ଉପଯୁକ୍ତ ରଙ୍ଗ ଦେବେ □<br>• ଆଙ୍କିଥିବା ଫଳ ସମ୍ପର୍କିତ ଗୋଟିଏ ଲେଖାଏଁ ବାକ୍ୟ କହିବେ । |

**ନମୁନା ପ୍ରଦର୍ଶନ ପରେ ନିମ୍ନ ପ୍ରଶ୍ନଗୁଡିକୁ ନେଇ ସାଧନକର୍ମୀ ଆଲୋଚନା କରିବେ** □

**ପ୍ରଶ୍ନ -୧ – ପ୍ରତ୍ୟେକ ଦଳ ବିଭିନ୍ନ ସୋପାନରେ କେଉଁ ସବୁ କାର୍ଯ୍ୟ କଲେ ?**

**ପ୍ରଶ୍ନ -୨ – କେତୋଟି ଶ୍ରେଣୀ ପାଇଁ ଏହି କାର୍ଯ୍ୟ କରାଗଲା ?**

**ପ୍ରଶ୍ନ -୩ – ଏହିସବୁ କାର୍ଯ୍ୟ ଦ୍ୱାରା କେଉଁ ଦିଗର ଦକ୍ଷତା ବିକାଶ ହେବାର ସୁଯୋଗ ରହିଛି ?**

**ପ୍ରଶ୍ନ -୪ - ଏହି ଦକ୍ଷତା ହାସଲ ପାଇଁ କେଉଁ ସବୁ ଶିକ୍ଷଣକାର୍ଯ୍ୟ କରାଯାଇପାରିବ ?**

**ସଂକ୍ଷେପଣ –**

**ଏହି ଅଧିବେଶନରେ ଆମେ କେଉଁ ସବୁ ବିଷୟ ଉପରେ ଆଲୋଚନା କଲେ ?** ସମୟ -୫ ମିନିଟ୍

କଳାତ୍ମକ ଓ **ସୃଜନଶୀଳତାର** ଦକ୍ଷତାର ବିକାଶ ପିଲାଟିର ପୂର୍ବ ଅନୁଭୂତି , ଜ୍ଞାନ , ଧାରଣା , କଳ୍ପନା ଓ ବିଚାରକୁ ନେଇ ବିକଶିତ ହୋଇଥାଏ । କଳାତ୍ମକ ଢଙ୍ଗରେ ଆନନ୍ଦର ସହିତ ନିଜ ଭାବକୁ ପରିପ୍ରକାଶ କରିବା ପାଇଁ ପିଲାଟିକୁ ବିଭିନ୍ନ ଶିକ୍ଷଣକାର୍ଯ୍ୟ ସହ ଆମକୁ ଯୋଡିବାକୁ ପଡିବ । ପିଲାଟି ଶ୍ରେଣୀରେ ଯେତେ ଅଧିକ କଳାତ୍ମକ କାର୍ଯ୍ୟରେ ଯୋଡି ହେବା ପାଇଁ ସୁଯୋଗ ପାଇବ ତାହା ଭିତରେ ସୌନ୍ଦର୍ଯ୍ୟବୋଧ ଓ **ସୃଜନଶୀଳତାର** ବିକାଶ ହୋଇପାରିବ ।

ତଥ୍ୟ ଫର୍ଦ୍ଦ – ୧

## ଜାତୀୟ ପାଠ୍ୟକ୍ରମ ଆଧାରିତ ଲକ୍ଷ୍ୟ ,  ଦକ୍ଷତା ଓ ଶିକ୍ଷଣ ଫଳାଫଳ

-ସୌନ୍ଦର୍ଯ୍ୟବୋଧ ଓ ସୃଜନଶୀଳତାର  ବିକାଶ-

| କ୍ଷେତ୍ର | ପାଠ୍ୟକ୍ରମର  ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ |
|---|---|---|---|
| ସୌନ୍ଦର୍ଯ୍ୟବୋଧ ଓ ସୃଜନଶୀଳତା ବିକାଶ | C.12 – ପିଲାମାନେ ଦୃଶ୍ୟ ଏବଂ ଅଭିନୟ  କଳାରେ ଦକ୍ଷତା ଏବଂ ସମ୍ବେଦନଶୀଳତା ବିକାଶ ହେବ  ଓ  ସେମାନଙ୍କର ଭାବନାକୁ ଅର୍ଥପୂର୍ଣ୍ଣ ଏବଂ ଆନନ୍ଦପୂର୍ଣ୍ଣ କଳା ମାଧ୍ୟମରେ ପରିପ୍ରକାଶ କରିବେ । | C.12.1 – ବିଭିନ୍ନ ସାମଗ୍ରୀ ଏବଂ ଉପକରଣ ସହିତ ଖେଳି ଏବଂ ଅନୁସନ୍ଧାନ କରି ବିଭିନ୍ନ ଆକାରରେ ଦ୍ୱି- ମାତ୍ରିକ ଏବଂ ତ୍ରି- ମାତ୍ରିକ କଳାକୃତି ତିଆରି କରିବେ । | • ବିଭିନ୍ନ ପ୍ରକାର କଳା ସାମଗ୍ରୀ, ଉପକରଣ ବ୍ୟବହାର ସମୟରେ ଭିନ୍ନଭିନ୍ନ କଳାକୌଶଳର ଅନ୍ୱେଷଣ କରିବ( ଯେପରି  – ବାଡି , ମଞ୍ଜି , ଗୋଡି , ପଥର , ସୂତା , ପେନ୍ସିଲ , ବ୍ରଶ , କ୍ରେୟନ , ପାଉଡ଼ର ,ମାଟି , ଓ କଇଁଚି ଇତ୍ୟାଦି  )<br>• ନିଜ ସାଥି , ଶିକ୍ଷକ ଓ ଗୋଷ୍ଠୀରେ ସହଯୋଗରେ ବଡ କାର୍ଯ୍ୟଗୁଡିକ (ଯେପରି  – ରଙ୍ଗୋଲୀ , କାନ୍ଥ ଚିତ୍ର ଓ ମୂର୍ତ୍ତି କାମ ) କରିବେ ।<br>• ନିଜେ  ଭିନ୍ନଭିନ୍ନ ରଙ୍ଗର ପଦାର୍ଥ, ରଙ୍ଗ ଓ ଆକାରକୁ ମିଶାଇ କୋଲାଜ୍ ତିଆରି କରିବେ ।<br>• ବିଭିନ୍ନ ପ୍ରକାର ସାମଗ୍ରୀ ଓ ବସ୍ତୁକୁ ଯୋଡି ତ୍ରିମାତ୍ରିକ ସାମଗ୍ରୀ /ଆକାର ପ୍ରସ୍ତୁତ କରିବେ  ।<br>• ବ୍ଲକ୍ , ଷ୍ଟେନସିଲ୍ , ମିଳିଥିବା ବସ୍ତୁ ଏବଂ ପ୍ରାକୃତିକ ପଦାର୍ଥ ବ୍ୟବହାର କରି ସରଳ ଢାଞ୍ଚା ତିଆରି କରିବେ । |

| | | | |
|---|---|---|---|
| | | C.12.2- ସଙ୍ଗୀତ , ନାଟକ ଅଭିନୟ , ନୃତ୍ୟ , ଓ ଭଙ୍ଗୀକୁ ସୃଷ୍ଟି କରିବା ପାଇଁ ନିଜ ସ୍ବର , ଶରୀର , ସ୍ଥାନ ଏବଂ ବିଭିନ୍ନ ବସ୍ତୁକୁ ନେଇ ଖେଳିବା ଏବଂ ଅନୁସନ୍ଧାନ କରିବା | • ବିଭିନ୍ନ ସ୍ୱର , ନିଜ ଅଙ୍ଗପ୍ରତ୍ୟଙ୍ଗ ଓ ବାଦ୍ୟଯନ୍ତ୍ର ସହ ଖେଳିଲା ବେଳେ ଦ୍ରୁତ , ମଧ୍ୟମ ଓ ଧ୍ୱନିର ଗତିକୁ ଜାଣି ପାର୍ଥକ୍ୟ କରିବେ ।<br>• ନିଜେ ଗୀତ ଗାଉଥିବା ସ୍ୱର ଓ କଥା କହୁଥିବା ସ୍ୱର ମଧ୍ୟରେ ଥିବା ପାର୍ଥକକୁ ଜାଣି ପାରିବେ ଓ ଉଭୟ ସ୍ୱରକୁ ନେଇ ଖେଳିବେ ।<br>• ବାଦ୍ୟ ଓ ସଙ୍ଗୀତରେ ସ୍ୱର ମଧ୍ୟରେ ଥିବା ଭିନ୍ନତାକୁ ଜାଣି ପାରିବେ ।<br>• ସ୍ୱର ଓ ତାଳକୁ ବ୍ୟବହାର କରି ନିଜର ଭାବନା ଓ ବିଚାରକୁ ପରିପ୍ରକାଶ କରିବେ , ମ୍ୟୁଜିକ ତିଆରି କରିବେ , ଚରିତ୍ର ଓ ପରିସ୍ଥିତି ସୃଷ୍ଟି କରିବେ ।<br>• ସଙ୍ଗୀତ , ନାଟକ ଓ ବିଭିନ୍ନ ଗତିବିଧି ମାଧ୍ୟମରେ ସ୍ଥିର ଓ ଶାନ୍ତ ସମୟରେ ଖେଳିବେ । |
| | | **C.12.3- ଧାରଣାଗୁଡିକ ପରିପ୍ରକାଶ କରିବା ପାଇଁ କାଳ୍ପନିକ ଢଙ୍ଗରେ କାର୍ଯ୍ୟ କରିବେ ଓ ନୂଆ ସୃଷ୍ଟି କରିବେ ।** | • ଭିନ୍ନଭିନ୍ନ ବିଚାର , ଭାବ ଓ ଆବେଗକୁ କଳା ମାଧ୍ୟମରେ ଜାଣିବେ ଓ ନିଜର କଳାତ୍ମକ କାର୍ଯ୍ୟରେ ତାହାର ପ୍ରୟୋଗ କରିବେ ।<br>• ସୃଜନାତ୍ମକ ଭାବେ ବିଭିନ୍ନ ଆକାର , ରଙ୍ଗ , ଚରିତ୍ର , ଶବ୍ଦ , ସ୍ଥାନ ଓ ପରିସ୍ଥିତିକୁ ଯୋଡି ନିଜର ଭାବନା ଓ ବିଚାରକୁ ବ୍ୟକ୍ତ କରିବେ । |
| | | **C.12.4-** ମିଳିତ ଭାବେ କଳାତ୍ମକ କାର୍ଯ୍ୟ କରିବେ। | • ଯୋଡି ବା ଦଳରେ ଖେଳିବା ବେଳେ ନିଜର |

| | | | |
|---|---|---|---|
| | | | କଥା , ଭାବଭଙ୍ଗୀ ଓ ଶବ୍ଦକୁ ଯୋଡିବାର ପ୍ରୟାସ କରିବେ ।<br>• ବିଭିନ୍ନ ଆକୃତିକୁ ସଜେଇବା ବା କୌଣସି କଳାତ୍ମକ କାର୍ଯ୍ୟର ପ୍ରଦର୍ଶନ ସମୟରେ ନିଜ ସାଥି ଓ ସହାୟକକୁ ସହଯୋଗ କରିବେ । |
| | | C.12.5-ବିଭିନ୍ନ ପ୍ରକାର କଳା,ଆଞ୍ଚଳିକ ସଂସ୍କୃତି ଏବଂଐତିହ ଉପରେ ଆହରଣ କରୁଥିବା ଅନୁଭୂତିକୁ ଅନ୍ୟ ମାନଙ୍କୁ ଜଣାଇବେ ଏବଂ ପ୍ରଶଂସା କରିବେ। | • ବିଭିନ୍ନ ଚିତ୍ରକଳା / ସାଜସଜ୍ଜା / ସାଂସ୍କୃତିକ ଅଭିବ୍ୟକ୍ତିକୁ ତୁଳନା କରିବେ ଓ ଭିନ୍ନଭିନ୍ନ ଭାବରେ ନିଜର ମତ ରଖିବେ ।<br>• କଳାକ୍ଷେତ୍ରରେ ଜଣେ ବ୍ୟକ୍ତିର ପସନ୍ଦ / ପ୍ରାଥମିକତା ଅନ୍ୟ ଜଣଙ୍କ ଠାରୁ ଭିନ୍ନ ହୋଇଥାଏ ତାହାକୁ ଚିହ୍ନଟ କରିବେ । |

## ସୌନ୍ଦର୍ଯ୍ୟବୋଧ ଓ ସୃଜନଶୀଳତା  ବିକାଶ-ଅଂଶଗ୍ରହଣକାରୀଙ୍କ ଦ୍ୱାରା  ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା

### ଦିବସ-ଚତୁର୍ଥ

**ଅଧିବେଶନ** -ଦ୍ୱିତୀୟ    ସମୟ – ୧. ୩୦ ମିନିଟ୍

**ପୃଷ୍ଠଭୂମି :** ସୌନ୍ଦର୍ଯ୍ୟବୋଧ ଓ **ସୃଜନଶୀଳତା** ବିକାଶ ପାଇଁ ପିଲାଙ୍କୁ ନେଇ ସ୍ୱାଧୀନ ଓ ଦଳଗତ କାର୍ଯ୍ୟର ଆବଶ୍ୟକତା ରହିଛି । ପିଲାଟି ଯେତେବେଳେ କୌଣସି ସର୍ଜନାତ୍ମକ କାର୍ଯ୍ୟରେ ଯୋଡି ହୋଇଥାଏ ସେଥିରେ ତାହାର ଶାରୀରିକ , ସାମାଜିକ ଓ ଭାବାତ୍ମକ , ବୌଦ୍ଧିକ ଦକ୍ଷତାର ବିକଶିତ ହୋଇଥାଏ । ସୌନ୍ଦର୍ଯ୍ୟବୋଧର ବିକାଶ କେବଳ ପିଲାଟିର ଦେଖିବା ଭିତରେ ସୀମିତ ନୁହେଁ । ସୌନ୍ଦର୍ଯ୍ୟବୋଧ ଓ **ସୃଜନଶୀଳତା**ର ବିକାଶ ପଞ୍ଚଇନ୍ଦ୍ରିୟ ଦ୍ୱାରା ବିକଶିତ ହୋଇଥାଏ  ଉଦାହରଣ ସ୍ୱରୂପ ପିଲାଟି ଫୁଲଟିଏ ଦେଖିବା ପରେ  ଫୁଲପ୍ରତି ଆକୃଷ୍ଟ ହେବା ସହ  ଏହାର  ରଙ୍ଗ ଓ ସୁଗନ୍ଧ ପ୍ରତି  ତାହାର ଧାରଣା ଆସିଥାଏ 

**ପ୍ରତ୍ୟାଶିତ ଫଳାଫଳ:**

ଏହି ଅଧିବେଶନରେ  ଅଂଶଗ୍ରହଣକାରୀ ମାନେ -

- ବହୁଶ୍ରେଣୀ ପରିସ୍ଥିତିରେ  ସୌନ୍ଦର୍ଯ୍ୟବୋଧ ଓ **ସୃଜନଶୀଳତା** ବିକାଶ ଅନ୍ତର୍ଗତ ଶିକ୍ଷଣକାର୍ଯ୍ୟ ଗୁଡିକ ପ୍ରସ୍ତତ କରିବାର କୌଶଳ ବର୍ଣ୍ଣନା କରିବେ 

**ସୋପାନ – ୧  - ଦଳଗତ କାର୍ଯ୍ୟ ଓ ଉପସ୍ଥାପନା**

- ସାଧନକର୍ମୀ ଅଂଶଗ୍ରହଣକାରୀ ମାନଙ୍କୁ ନେଇ  ପାଞ୍ଚଟି  ଦଳରେ ଭାଗ କରିବେ ।
- ପ୍ରତି ଦଳ ଯେ କୌଣସି ଗୋଟିଏ ଶିକ୍ଷଣ ଫଳାଫଳ ହାସଲ ପାଇଁ  ବହୁଶ୍ରେଣୀ ପରିସ୍ଥିତିକୁ ନେଇ  ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରି ଉପସ୍ଥାପନ କରିବେ 

  *(ସାଧନକର୍ମୀ  ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ ସମରେ  ଆବଶ୍ୟକ ସ୍ଥଳେ ଅଂଶଗ୍ରହଣକାରୀ ମାନଙ୍କୁ ଏହିସବୁ ସାମଗ୍ରୀ ଗୁଡିକ ଦେଇପାରିବେ  -ଡ୍ରଇଂ ସିଟ , ମାର୍କର , ପୁରୁଣା ଖବରକାଗଜ , କଇଁଚି , କପଡ଼ା , ସୂତା , ମାଳି , ଓଦା ମାଟି , ରଙ୍ଗ ବାକ୍ସ , ପୁରୁଣା ପେଟି , ବେଲଣା କାଠି , ଗଳ୍ପବହି )*

**ସୋପାନ – ୨ – ଖୋଲା ଆଲୋଚନା -**

ଦଳଗତ  ଉପସ୍ଥାପନ ପରେ ସାଧନକର୍ମୀ ପ୍ରତି ଦଳକୁ  ନିମ୍ନ ପ୍ରଶ୍ନଗୁଡିକ ଆଧାରରେ ଆଲୋଚନା କରିବେ ,
ପ୍ରଶ୍ନ -୧ – କାର୍ଯ୍ୟଟି ଆମେ କେଉଁ ସୋପାନ ଦେଇ କଲେ  ?
ପ୍ରଶ୍ନ -୨ – ଏଥିରୁ କେଉଁ ଶିକ୍ଷଣ ଫଳାଫଳ ହାସଲ ହେବା ପାଇଁ ସୁଯୋଗ ରହିଛି ?
ପ୍ରଶ୍ନ -୩ – ଏହି ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ ଆଉ କେଉଁ ସବୁ କାର୍ଯ୍ୟ କରାଯାଇପାରିବ ?

| |
|---|
| **ସଂକ୍ଷେପଣ –**<br>**ପ୍ରଶ୍ନ- ଏହି ଅଧିବେଶନରେ ଆମେ କଣ ସବୁ ଆଲୋଚନା କଲେ ?** |

## ଶିକ୍ଷଣ ସାମଗ୍ରୀ

**ଚତୁର୍ଥ ଦିବସ-**

**ତୃତୀୟ ଅଧିବେଶନ-** **ସମୟ-୧ଘ. ୩୦ମିନିଟ୍**

| |
|---|
| **ପୃଷ୍ଠଭୂମି-ଜାତୀୟ** ପାଠ୍ୟକ୍ରମ ଆଧାର –ମୌଳିକ ପର୍ଯ୍ୟାୟ(NCF-FS)ରେ ମୌଳିକ ପର୍ଯ୍ୟାୟର ଶିକ୍ଷାର୍ଥୀମାନଙ୍କ ପାଇଁ କ୍ରୀଡ଼ା-ଭିତ୍ତିକ,ଅନୁଭୂତି-ଆଧାରିତ ଶିକ୍ଷଣ କାର୍ଯ୍ୟ-ଭିତ୍ତିକ ପନ୍ଥାର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି \|ସେଥିପାଇଁ ଏହି ପର୍ଯ୍ୟାୟର ଶିକ୍ଷାର୍ଥୀମାନଙ୍କର ଧାରଣାଗତ ବୋଧଗମ୍ୟତା ସଶକ୍ତ କରିବା ପାଇଁ 'ଯାଦୁଇ ପିଟାରା'ଭଳି ଅଭିନବ ଅଭିଜ୍ଞତା ଭିତ୍ତିକ ଶିକ୍ଷଣ ସାମଗ୍ରୀର NCERT ଦ୍ୱାରା ପ୍ରସ୍ତୁତ କରାଯାଇଛି \|ଦିକ୍ଷା ପୋର୍ଟାଲରେ ଡିଜିଟାଲ ଯାଦୁଇ ପିଟାରା ମଧ ଉପଲବ୍ଧ \|ଶିକ୍ଷକ ଓ ପିତାମାତାଙ୍କ ପାଇଁ e-Jaadui pitara mobile app ରେ ପିଲାଙ୍କୁ ନିଯୋଜିତ ରଖିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟ ରହିଛି ଯାହାଫଳରେ ପିଲାମାନେ ଆନନ୍ଦରେ ଶିଖିପାରିବେ \|ଏହାଛଡା ଶିକ୍ଷକ/ଶିକ୍ଷୟିତ୍ରୀ ସ୍ଥାନୀୟ ଭାଷା ଏବଂ ସଂସ୍କୃତି ଆଧାରିତ ସ୍ୱଳ୍ପ ଓ ବିନା ମୂଲ୍ୟର ସାମଗ୍ରୀ ପ୍ରସ୍ତୁତ/ସଂଗ୍ରହ କରି ପିଲାଙ୍କୁ ଶିକ୍ଷଣ ପାଇଁ ବ୍ୟବହାର କରିପାରିବେ \|ଆମ ରାଜ୍ୟରେ ଯାଦୁଇ ପିଟାରା ର ସାମଗ୍ରୀ ଆଧାରରେ ଯାଦୁ ପେଡି ପ୍ରସ୍ତୁତ କରାଯାଇଛି ଓ ସେହି ସାମଗ୍ରୀ ଗୁଡିକର ବ୍ୟବହାର କୌଶଳ ଜଣାଇବା ପାଇଁ ଏକ ପୁସ୍ତିକା ମଧ ପ୍ରସ୍ତୁତ କରାଯାଇଛି \| |

**ପ୍ରତ୍ୟାଶିତ ଫଳାଫଳ:-**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହକାରୀମନେ

- ଯାଦୁ ପେଡ଼ିରେ ଦିଆଯାଇଥିବା ଶିକ୍ଷଣ ସାମଗ୍ରୀ ତଥା ଶିକ୍ଷଣ ପ୍ରକ୍ରିୟାରେ ସେଗୁଡ଼ିକର ବ୍ୟବହାର ବୁଝାଇବେ |
- e-Jaadui pitara mobile app ର ବ୍ୟବହାର କରି ଶ୍ରେଣୀ ପରିଚାଳନା କୌଶଳ ବର୍ଣ୍ଣନା କରିବେ |
- ଆଞ୍ଚଳିକ ସାମଗ୍ରୀ ସଂଗ୍ରହ/ପ୍ରସ୍ତୁତ କରି ବାଲ୍ ବାଟିକା ଶ୍ରେଣୀ ପରିଚାଳନାରେ ସେଗୁଡ଼ିକର ବ୍ୟବହାର କୌଶଳ କହିବେ |

**ସୋପାନ:-୧ :ସକ୍ରିୟାତ୍ମକ କାର୍ଯ୍ୟ-ସମୂହ ଶ୍ରେଣୀ କାର୍ଯ୍ୟ** **ସମୟ-୫ମିନିଟ୍**

- ସମସ୍ତ ଅଂଶଗ୍ରହଣକାରୀଙ୍କୁ ଗୋଲାକାରରେ ଠିଆ କରାଇବେ |ପ୍ରତ୍ୟେକ literacy kit/GKA kit ରେ ଥିବା ଗୋଟିଏ ଗୋଟିଏ ସାମଗରୀର ନାମ କହିବେ ଯେପରି କୌଣସି ସାମଗ୍ରୀର ନାମର ପୁନରାବୃତ୍ତି ହେବ ନାହିଁ |

**ସୋପାନ:-୨ : ବ୍ୟକ୍ତିଗତ କାର୍ଯ୍ୟ** **ସମୟ-୧୫ମିନିଟ୍**

**କାର୍ଯ୍ୟ-୧**

- ସମସ୍ତ ଅଂଶଗ୍ରହଣକାରୀ ନିଜେ mobile ରେ jaadui pitara app ଖୋଲି ସେଥିରେ ଥିବା ସାମଗ୍ରୀ ଗୁଡିକର ଗୋଟିଏ ଲେଖାଏଁ ନାମ ଓ ବାଲବାଟିକା ଶ୍ରେଣୀ ପରିଚାଳନାରେ ତା'ର ବ୍ୟବହାର କହିବେ |
- URL for Jaadui Pitara :https://:diksha.gov.in/jadoo

**ସଂକ୍ଷେପଣ:**

| |
|---|
| Jaadui pitara ରେ ସମୁଦାୟ ୫୧ ଟି ସାମଗ୍ରୀ ଅଛି ଓ ଏହାକୁ ମୌଳିକ ପର୍ଯ୍ୟାୟର ଶ୍ରେଣୀ ପରିଚାଳନା ସମୟରେ ବିଭିନ୍ନ ଦିଗର ବିକାଶ ପାଇଁ ବ୍ୟବହାର କରାଯାଇପାରିବ \|ପ୍ରତ୍ୟେକ ସାମଗ୍ରୀକୁ ଏକାଧିକ ଶିକ୍ଷଣ ଉଦ୍ଦେଶ୍ୟ ହାସଲ ପାଇଁ ବ୍ୟବହାର କରାଯାଇପାରିବ \| |

**କାର୍ଯ୍ୟ-୨: ଦଳଗତ କାର୍ଯ୍ୟ** **ସମୟ-୩୦ମିନିଟ୍**

ସମସ୍ତ ଅଂଶଗ୍ରହଣକାରୀଙ୍କୁ ନେଇ ୭ଟି ଦଳ ଗଠନ କରାଯିବ ଓ ପ୍ରତ୍ୟେକ ଦଳକୁ ଯାଦୁ ପେଡ଼ିର ସାମଗ୍ରୀ ତାଲିକା ଦିଆଯିବ |

- ପ୍ରତିଦଳ ୬ ଟି ଲେଖାଏଁ ସାମଗ୍ରୀ ର ନାମ ଓ ଶ୍ରେଣୀ ପରିଚାଳନାରେ ସେଗୁଡ଼ିକର ବ୍ୟବହାର କୌଶଳ ବର୍ଣ୍ଣନା କରିବେ |

ପ୍ରଶ୍ନ:- • ପ୍ରତ୍ୟେକ ସାମଗ୍ରୀ କେଉଁ କେଉଁ ଶିକ୍ଷଣ ଫଳାଫଳ ହାସଲ ହେବାର ସୁଯୋଗ ଅଛି |

• ବାଲବାଟିକା ଶ୍ରେଣୀ ପରିଚାଳନାରେ ଏଗୁଡିକର ବ୍ୟବହାର ପ୍ରଦର୍ଶନ କରିବେ |

**ସୋପାନ:-୩: ବ୍ୟକ୍ତିଗତ କାର୍ଯ୍ୟ:-** **ସମୟ-୩୦ମିନିଟ୍**

**କାର୍ଯ୍ୟ-୧** • ପ୍ରତ୍ୟେକ ଅଂଶଗ୍ରହଣକାରୀ ନିଜ mobile ରେ e-jaadui pitara app download କରିବେ |

ପ୍ରଶ୍ନ-e-jaadui pitara app ରେ କେଉଁ କେଉଁ କାର୍ଯ୍ୟ ରହିଛି ?

**କାର୍ଯ୍ୟ-୨ ଦଳଗତ କାର୍ଯ୍ୟ:-**

• ପ୍ରତ୍ୟେକ ଦଳ ଗୋଟିଏ ଗୋଟିଏ କାର୍ଯ୍ୟର ଶ୍ରେଣୀ ପରିଚାଳନାର ପ୍ରଦର୍ଶନ କରିବେ |

ଦଳଗତ ଉପସ୍ଥାପନା→ ଆଲୋଚନା→ସଂକ୍ଷେପଣ

**ସୋପାନ:-୪: ଖୋଲା ଆଲୋଚନା** **ସମୟ-୫ମିନିଟ୍**


ପ୍ରଶ୍ନ-ବାଲବାଟିକା ଶ୍ରେଣୀ ପରିଚାଳନା କରିବା ପାଇଁ କେଉଁ କେଉଁ ଆଞ୍ଚଳିକ ସାମଗ୍ରୀ ବ୍ୟବହାର କରିପାରିବା ?


**ସୋପାନ:-୫: ଖୋଲା ଅଲୋଚନା-ସଂକ୍ଷେପଣ** **ସମୟ-୫ମିନିଟ୍**



ଏହି ଅଧିବେଶନରେ ଆମେ କ'ଣ କ'ଣ ଆଲୋଚନା କଲେ ?




# LIST OF TEACHING LEARNING MATERIAL (TLM)
# JADU PEDI (JADUI PITARA) FOR CLASS I TO V CLASS





| Sl. No | Items Name | Description | Objective/Purpose |
|---|---|---|---|
| 1 | Musical Instruments - Tambourine, Flute, and Damru    | 1 Set (3 Pcs) | • To improve skills and develop sound discrimination<br>• To have fun during music and movement activities<br>• To foster a sense of rhythm |
| 2 | Bowling Sets  | 10 number of bowls (5 colors), 2 from each color (2 Balls, 2 different colors) | • To strengthen gross and fine motor skills<br>• To enhance eye-hand coordination and balance<br>• To develop counting skills |
| 3 | Hammering Toys  | 1 Set | • To develop fine motor skills<br>• To improve eye- hand coordination<br>• To help children release pent-up emotions |
| 4 | Balls   | 2 different size balls (first ball with Odia alphabets and other one is with Odia numeric) | • To develop muscle coordination and control<br>• To foster social skills |
| 5 | Building Blocks  | Set of 100 Blocks | • To develop fine motor skill<br>• To develop cognitive skill- identification, observation, classification, problem solving<br>• To foster creativity and imagination<br>• To develop pre number concepts such as big-small, tall-short, long-short |
| 6 | Lacing Board with Strings  | One Board with 4 strings | • To improve eye -hand coordination<br>• To develop visual perceptual skills<br>• To help develop pincer grip<br>• To help increase attention span in children |



| Sl. No | Items Name | Description | Objective/Purpose |
|---|---|---|---|
| 7 | Rolling board, rolling pin & Clay<br> | One wooden Rolling Board and wooden one rolling pin, synthetic clay of 4 different colors | • To develop creativity and extend imagination<br>• To improve and strengthen fine motor skills. |
| 8 | Jigsaw Puzzles Set<br> | (10 unique pictures) 2,3, and 4-piece puzzle | • To perceive part-hole relationship<br>• To develop problem solving skills<br>• To develop eye- hand coordination<br>• To stimulate thinking and imagination<br>• To categories and organize pieces |
| 9 | Self-corrective Relationship Puzzle<br> | 10 sets x 2 pieces = 20, laminated picture cards with bag | • To sharpen observation skills<br>• To understand the relationship between objects<br>• To enhance logical thinking |
| 10 | Colorful Graded Rings<br> | (10 colored rings in graded form with clown head and a stand = 12 pieces) | • To develop fine motor and coordination skill<br>• To identify and match the colors<br>• To develop pre number concepts (big-small)<br>• To arrange the objects in order (bigger to smaller and smaller to bigger) |
| 11 | Kitchen Set<br> | 14 pieces (aluminum /fiber | • To develop creativity and imagination<br>• To develop social skills<br>• To improve language and communication skill<br>• To develop fine motor skill<br>• To develop classification skills<br>• Chullah to be added, kadhei (utensils), pressure coocker, gas challah with cylinder, tawa, pitha kharikaa, Danki, Rutiseka jaali. |




| Sl. No | Items Name | Description | Objective/Purpose |
|---|---|---|---|
| 12 | Dolls<br> | 6 (fabric) | • To release their emotions<br>• To develop and extend verbal expressions<br>• To understand social roles and relationships<br>• To provide opportunities for role play<br>• To encourage to work together<br>• Set of 6 dolls (father, mother, son, daughter, grand-mother and grand-father) |
| 13 | Memory Cards<br> | Set of 10 cards | • To sharpen observation skill<br>• To identify different objects<br>• Animals, Furniture's, birds, fruits, flowers, vegetables, home appliances, sports materials, musical instruments) |
| 14 | Pre number concept cards<br> | 5 sets- Each set having 5 graded object cards | • To develop the following pre-number concept through identification, naming and seriation. (a) Big- small (b) Thick-thin (c) Tall-short (d) Long-sort (e) Near-far (f) In -out (g) Above -under (h) Ahead-behind |
| 15 | Color Dominoes<br> | 28 | • To match and identify the colors<br>• To name the color of different objects available in the environment |
| 16 | Sequential Thinking Cards<br> | 4 Sets | •<br>To develop sequential thinking<br>• To understand that the events have a beginning and an end<br>• To develop skills of visual recall and logical thinking<br>• To understand the concept of order - what comes first, what comes next and so on |
| 17 | Number -Dot Dominoes<br> | 28 | • To match and identify the numbers<br>• To match the number symbols with corresponding dots. |

| SI. No | Items Name | Description | Objective/Purpose |
|---|---|---|---|
| 18 | Shape Shorter Board with String<br> | 1 Set having four shapes | • To help categorize the shapes and name them<br>• To improve eye- hand coordination<br>• To help develop fine motor skills |
| 19 | Number Tracing Cards<br> | 10 Pcs | • To help children with visual understanding<br>• To develop fine motor skills<br>• To develop numeral symbol recognition<br>• To develop correct letter formation (To be developed in Odia numeric) |
| 20 | Solid Velcro Shapes<br> | 1 Set | • To explore and know about solids and their shapes<br>• To develop intuitive understanding of their attributes<br>• To observe and identify objects from their surrounding in terms of regular 3D shapes |
| 21 | Tiles<br> | 1 Set of colored shapes | • To observe the properties of different 2D shapes<br>• To enable the children in making their own patterns<br>• To develop intuitive understanding of space and area.<br>• To strengthen the skill of classification and counting |
| 22 | Story Cards<br> | 5 story cards set (Each set having 5 cards) | • To develop the skill of listening and speaking<br>• To build the basic vocabulary<br>• To develop sequential thinking<br>• To develop interest in reading and skill of book handling<br>• To prepare the child to read from left to right<br>• To be developed considering Odisha culture and context<br>• Laminated cards |
| 23 | Glove Puppets<br> | 3 (Tortoise and Rabit) (Crocodile and Monkey) (Lion and Rat) | • To develop creativity and imagination<br>• To encourage to speak complete and structured sentences<br>• To develop fine motor skill |

| Sl. No | Items Name | Description | Objective/Purpose |
|---|---|---|---|
| 24 | Odia Sound Dominoes  | Set of 28 Cards | • To enhance observation skill<br>• To identify phonic skill<br>• To develop auditory discrimination skill |
| 25 | Alphabet Flashcards (Upper and lower case)  | 26 Pcs | • To develop letter recognition skills<br>• To develop letter-sound correspondence<br>• To build vocabulary |
| 26 | Odia Akshar/Vernamala Flashcards  | 49 Pcs | • To develop letter recognition skills<br>• To develop letter sound correspondence<br>• To build vocabulary |
| 27 | Odia Alphabet Tracing Cards  | 49 Pcs | • To improve visual understanding<br>• To develop fine motor skills<br>• To develop letter recognition skills<br>• To build correct letter formation and their corresponding sounds |
| 28 | Odia Swar Tracing Cards  | 11 Pcs | • To help children with visual understanding<br>• To develop fine motor skills<br>• To develop letter recognition skills<br>• To build correct letter formation and their corresponding sounds |
| 29 | Odia Vyanjan Tracing Cards  | 38 Pcs | • To help children with visual understanding<br>• To develop fine motor skills<br>• To develop letter recognition skills<br>• To build correct letter formation and their corresponding sounds |

| Sl. No | Items Name | Description | Objective/Purpose |
|---|---|---|---|
| 30 | Barkha Story Series<br> | A set of 40 graded story books | • To facilitate the development of reading skills among young children<br>• To offer graded learning series to help in continuum in early reading progress<br>• To keep the young readers engaged through interesting graded stories<br>• To enable children to read through picture and make sense of the written word<br>• These stories need to be adapted to Odia |
| 31 | Folding Bag with pocket<br> | 1 Pc | • To store and display the learning materials |
| 32 | Health and Hygiene Set<br> | 1 Set (Plastic) | • To enable children, pretend and play<br>• Set contains- Stethoscope, Comb, Mirror, Thermometer, Guage cloth, Syringe, Scissor, Soap) |
| 33 | Masks<br> | 1 Set | • To facilitate role play<br>• Set contains- Animals, Joker, Human faces with different emotions |
| 34 | Magnetic Board with Odia Letter and Numbers<br> | 1 (3D) 49 Odia letters, 10 numerals | • To support children in identification of letters and numbers through peer learning |
| 35 | Magic Slate<br> | 1 Pc | • To practice letter and number writing<br>• 8.5 Inch LCD Writing Tablet.<br>• Student can draw thick and thin lines as per your preference based on the pressure on the stylus. |

| SI. No | Items Name | Description | Objective/Purpose |
|---|---|---|---|
| 36 | Number Balance Set (Plastic)<br> | 1 Set | • To understand the concept of greater than, less than and equal to (<, > =)<br>• To learn the addition, subtraction concepts<br>• Set contains 1 beam, stand, rod, 20 weight pegs and pointer |
| 37 | Chain Links (Plastic)<br> | 1 Set | • To learn the concepts of counting, patterning, addition, subtraction, length measurement, need to understand the standard units of measurement<br>• Set contains 250 pieces of chain links in 5 different colors |
| 38 | Geometric Shapes with thread<br> | 1 Set | • To develop hand eye coordination skills as they practice threading the stings through the holes of the large beads.<br>• Understanding Shapes and Space<br>• Spatial Understanding<br>• Set contains 30 pcs of Different Shapes and Colors with 4 threads |
| 39 | Dummy Clocks<br> | 1 Set | • To understand the time concept – Event of the day, A.M and P.M, Addition and Subtraction of time etc.<br>• It encourages class to participation with write-on/wipe-off clock.<br>• This set of 10 clocks is Great for small-group activities. clocks with movable hands and a place to write in digital time. |
| 40 | Calendar Clock<br> | 1 Set | • Calendar Clock works is learning the concept of time, days, months, seasons and weather<br>• Engaging board game for students to teach seasons, time telling and dates much more fun.<br>• Made in 15-inch MDF Board |

| SI. No | Items Name | Description | Objective/Purpose |
|---|---|---|---|
| 41 | Fraction Circle<br> | 1 Set | • To learn the concept of fractions with 10 circles of fractions 1,1/2,1/3,1/4,1/5,1/6,1/8,1/10,1/12<br>• Like and Dislike Fraction<br>• Addition & Subtraction of fraction<br>• Parts of fraction<br>• Set of 74 pieces, Made in plastic |
| 42 | Data Collection board with cubes<br> | 1 Set | • To understand the concept of data handling in a play and fun manner<br>• To collect, organize and represent data<br>• Set contains one wooden board with 10 groves and 100 pieces of 2 cm interlocking cubes in 10 different colors |
| 43 | Word Maker Kit (Hindi & English)<br> | 1 Set | • To learn the formation of new words<br>• Self-correcting feature encourages trial and error learning.<br>• Vibrant and colorful designs engage children's attention and stimulate visual perception.<br>• Set contains 50 pieces of English cards and 50 pieces of Hindi cards |
| 44 | Sentence Builder Kit (Hindi & English)<br><br><br> | 1 Set | • To learn the formation of new sentences<br>• Understand the appropriate uses of noun, pronoun, adjective, verb etc.<br>• Self-correcting feature encourages trial and error learning.<br>• Vibrant and colorful designs engage children's attention and stimulate visual perception.<br>• Set contains 50 pieces of English cards and 50 pieces of Hindi cards |
| 45 | Geometrical Models with colorful plastic nets<br> | 1 Set | • To understand the faces, edges, vertices of solid shapes<br>• Different views of solid shapes<br>• 2D & 3D aspects of solid shapes<br>• Basic of surface area and volume<br>• Set contains 5 pieces of shapes – Cone, Cylinder, Cube, Cuboid and Square base Pyramid with their corresponding nets, Size 10 cm |

| Sl. No | Items Name | Description | Objective/Purpose |
|---|---|---|---|
| 46 | Sudoku  | 1 Set | • It is a fantastic brain teasing activity while entertaining young minds.<br>• Sudoku is a fun & educational puzzle game that helps children develop critical thinking skills, improve their concentration, attention to detail & numerical skills in an enjoyable way.<br>• Set contains a tray, 36 Square Coins & 30 Challenge cards (10 beginner, 10 intermediate & 10 advanced level)<br>• Made in wooden/plastic |
| 47 | Pair the texture  | 1 Set | • This makes a great Sensory activity that will be done in a fun way in the classroom to be a game to be played. This makes the skill less like a task and more of a game. |
| 48 | Jadu Pedi - Kit box | 1 Pc | Metal box with branding |
| 49 | Jadu Pedi - Kit Instruction Manual | 1 Pc | |
| 50 | Web & Mobile based knowledge portal | 1 | Development of a web based and Mobile based knowledge portal for students and teachers |
| 51 | Videos of important items in Pen drive | 1 Pc | Set of Videos in a USB Pen Drive |
| 52 | Training to the teachers | - | |
| 53 | Help Desk | - | Toll Free No. & E-mail Support |
| 54 | Online Complaint Redressal Portal | - | For complete project |

*Note: Images are indicative and actual product may differ.*

*******

## ଗୋଷ୍ଠୀ ସମ୍ପୃକ୍ତି

**ଚତୁର୍ଥ ଦିବସ-**

**ଚତୁର୍ଥ ଅଧିବେଶନ-** **ସମୟ-୧ଘ.୩୦ମିନିଟ୍**

**ପୃଷ୍ଠଭୂମି:-**ବାଳବାଟିକା ଶ୍ରେଣୀ ପିଲାମାନଙ୍କର ଶିକ୍ଷଣ ପାଇଁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ସହ ଗୋଷ୍ଠୀର ବ୍ୟକ୍ତି ବିଶେଷଙ୍କ ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ |ଗୋଷ୍ଠୀର ସଦସ୍ୟମାନେ ପିଲାମାନଙ୍କର ଶିକ୍ଷଣ ପାଇଁ ବିଦ୍ୟାଳୟରେ ବିଭିନ୍ନ ପ୍ରକାର କାର୍ଯ୍ୟରେ ସହଯୋଗ କରି ପାରିବେ |ସେମାନଙ୍କର ସମ୍ପୃକ୍ତି ଅଧିକ ହେଲେ ପିଲାମାନଙ୍କର ଶିକ୍ଷଣ ଫଳପ୍ରଦ ହେବ |

**ପ୍ରତ୍ୟାଶିତ ଫଳାଫଳ:**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀ ମାନେ

- ବାଲବାଟିକାର ଶିକ୍ଷାର୍ଥୀଙ୍କ ଫଳପ୍ରଦ ଶିକ୍ଷଣ ପାଇଁ ଗୋଷ୍ଠୀର ଭୂମିକା ବର୍ଣ୍ଣନା କରିବେ |

**ପ୍ରଣାଳୀ:-**

**ସୋପାନ:-୧**

**ସକ୍ରିୟାତ୍ମକ କାର୍ଯ୍ୟ-ବଲ୍ ଖେଳ** **ସାମୁହିକ କାର୍ଯ୍ୟ** **ସମୟ-୧୦ମିନିଟ୍**

**ସାମଗ୍ରୀ-୩ଟି ବଲ୍**

ବଲ୍ ଖେଳ –ସମସ୍ତ ଅଂଶଗ୍ରହଣକାରୀ ଗୋଲାକାରରେ ଠିଆ ହେବେ |ସାଧନକର୍ମୀ ଜଣେ ଅଂଶଗ୍ରହଣକାରୀଙ୍କୁ ପ୍ରଥମେ ୨ ଟି ବଲ୍ ଦେଇ ଅନ୍ୟ ଜଣେ ଅଂଶଗ୍ରହଣକାରୀଙ୍କୁ ଫିଙ୍ଗିବାକୁ କହିବେ ଯେପରି ସେ ଦୁଇଟି ଯାକ ବଲ୍ କୁ ଧରିପାରିବେ |ଏହି ପରି କ୍ରମାନ୍ୱୟରେ ୨/୩ ଜଣ ଫିଙ୍ଗିବେ ଓ ଅନ୍ୟ ୨/୩ ଜଣ ବଲ୍ ଧରିବେ |ଏହାପରେ ଏକାବେଳେ ତିନୋଟି ବଲ୍ କୁ ନେଇ ଖେଳିବାକୁ କହିବେ |ଏହିପରି ୨/୩ ଥର ଖେଳ ସାରିବା ପରେ ଖେଳ ବନ୍ଦ କରି ପ୍ରଶ୍ନ ପଚାରିବେ |

**ପ୍ରଶ୍ନ-**
- ବଲ୍ ଖେଳିବା ସମୟରେ କି ସମସ୍ୟା ହୋଇଥିଲା ?
- କଣ କଲେ ବଲ୍ ତଳେ ପଡି ନ ଥାନ୍ତା ?

**ସାଧନକର୍ମୀଙ୍କ ସଂକ୍ଷେପଣ**

| |
|---|
| ଗୋଟିଏ ଲକ୍ଷ୍ୟ ହାସଲ ପାଇଁ ଏକତ୍ରୀତ ହୋଇ କାମ କଲେ କାର୍ଯ୍ୟଟି ସୁରୁଖୁରୁରେ ସମ୍ପାଦିତ ହୋଇଥାଏ | |

**ସୋପାନ-୨: ଦଳଗତ କାର୍ଯ୍ୟ:** **ସମୟ-୪୦ମିନିଟ୍**

- ସାଧନକର୍ମୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ନେଇ ୪ଟି ଦଳ ଗଠନ କରିବେ
- ପ୍ରତ୍ୟେକ ଦଳକୁ ଅଲଗା ଅଲଗା ପରିସ୍ଥିତି ଫର୍ଦ୍ଦ ଦେବେ |
- ପ୍ରତ୍ୟେକ ଦଳ ପରିସ୍ଥିତି ଫର୍ଦ୍ଦକୁ ପଢି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦେବେ |

ପ୍ରଶ୍ନ-୧. ପରିସ୍ଥିତିଟି କେଉଁ ବିଷୟବସ୍ତୁ ଉପରେ ଆଧାରିତ ?

ପ୍ରଶ୍ନ-୨. ପରିସ୍ଥିତିରେ କେଉଁ ସମସ୍ୟା ବିଷୟରେ କୁହାଯାଇଛି ?

ପ୍ରଶ୍ନ-୩. ସମସ୍ୟା ସମାଧାନ କିପରି ହୋଇପାରିଲା ?

**<u>ସୋପାନ:-୩ :</u> ଦଳଗତ କାର୍ଯ୍ୟ-ଅଭିନୟ** **ସମୟ-୩୦ମିନିଟ୍**

- ପ୍ରତ୍ୟେକ ଦଳ ଗୋଷ୍ଠୀର ବ୍ୟକ୍ତିଙ୍କୁ ପିଲାଙ୍କ ଶିକ୍ଷଣ ପାଇଁ ଆଉ କିପରି ସମ୍ପୃକ୍ତ କରିବା ପାଇଁ ଗୋଟିଏ ଗୋଟିଏ କାର୍ଯ୍ୟକୁ ନେଇ ଅଭିନୟ କରିବେ |
  ଦଳଗତ ପ୍ରସ୍ତୁତ→ଉପସ୍ଥାପନା→ଆଲୋଚନା

**<u>ସୋପାନ:-୪:</u> ଖୋଲା ଆଲୋଚନା** **ସମୟ-୫ ମିନିଟ୍**

- ପ୍ରତ୍ୟେକ ଦଳକୁ ତଥ୍ୟଫର୍ଦ୍ଦ (ଗୋଷ୍ଠୀ ସମ୍ପୃକ୍ତି)ଦେବେ |ତଥ୍ୟଫର୍ଦ୍ଦ ପଢି ଆଲୋଚନା କରିବେ |

**<u>ସୋପାନ:-୫:</u> ସଂକ୍ଷେପଣ**

ଏହି ଅଧିବେଶନରେ ଆମେ କେଉଁସବୁ କଥା ଆଲୋଚନା କଲେ ?

## ସାଧନକର୍ମୀଙ୍କ ସୂଚନା

## ପରିସ୍ଥିତି-୧

ଶୁଭଶ୍ରୀ ପାଞ୍ଚ ବର୍ଷର ଝିଅଟିଏ |ଘରେ ତା'ର ବାପା,ମା ଓ ସନ ଭାଇଟିଏ |ବାପା ତା'ର ମୂଲିଆ ଓ ମା ପରଘରେ ପାଇଟି କରିବାକୁ ଯାଏ |ତେଣୁ ସାନ ଭାଇର ଦେଖା ଶୁଣା ଦାୟିତ୍ଵ ଶୁଭଶ୍ରୀ ଉପରେ ଥାଏ |ତେଣୁ ସେ ବିଦ୍ୟାଳୟକୁ ଯାଏନାହିଁ |ତା ବୟସର ପିଲାମାନେ ସକାଳ ୧୦ଟାରେ ବିଦ୍ୟାଳୟକୁ ଯାଆନ୍ତି |ସେଠାରେ ବିଭିନ୍ନ କାମରେ ଯୋଗଦେଇ ଖୁସିରେ ୪ତ ବେଳେ ଘରକୁ ଫେରନ୍ତି |ତା ସାଙ୍ଗମାନଙ୍କ ଠାରୁ ବିଦ୍ୟାଳୟରେ କରାଯାଉଥିବା କାମ ଗୁଡିକ ଶୁଣି ଶୁଭଶ୍ରୀର ବି ବହୁତ ମନ ହୁଏ ବିଦ୍ୟାଳୟ ଯିବାକୁ |କିନ୍ତୁ ସେ ଘର ଛାଡି ଗଲେ ସାନ ଭାଇ କାହା ପାଖରେ ରହିବ,କିଏ ତାର ଯତ୍ନ ନେବା ?ଶୁଭଶ୍ରୀ ନିଜ ଇଚ୍ଛା ବିଷୟରେ ତାର ସାଙ୍ଗ ସସ୍ମିତାକୁ କହିଲା |ସସ୍ମିତା ତା ମାକୁ ଶୁଭଶ୍ରୀର ଇଚ୍ଛା ବିଷୟରେ ଜଣାଇଲା |ସସ୍ମିତାର ମା ବି ଶୁଭଶ୍ରୀ ପାଇଁ କିଛି କରିବାକୁ ଚାହିଁଲେ |ସେ ବିଦ୍ୟାଳୟର ଦିଦିଙ୍କ ସହ ଏବିଷୟରେ କଥା ହେଲେ |ଦିଦି କହିଲେ-ଭଲ କଥା,ଶୁଭଶ୍ରୀ ଏଠି ବାଲବାଟିକା ଶ୍ରେଣୀରେ ପଢିବ ଓ ତା ସାନ ଭାଇ ଅଙ୍ଗନବାଡି କେନ୍ଦ୍ରରେ ରହିବ |ଦିଦି ଓ ସସ୍ମିତାର ମା ଏବିଷୟରେ ଶୁଭଶ୍ରୀର ବାପା ମା' ଙ୍କ ସହ କଥା ହେଲେ ଓ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ରାଜି କରାଇଲେ |ଶୁଭଶ୍ରୀ ସାନ ଭାଇକୁ ନେଇ ବିଦ୍ୟାଳୟକୁ ଯାଏ ଓ ପାଖ ଅଙ୍ଗନବାଡି କେନ୍ଦ୍ରରେ ଛାଡ଼େ |ପ୍ରଥମେ ପ୍ରଥମେ ଭାଇ ଶୁଭଶ୍ରୀ ପାଖରେ ହିଁ ଅଧିକ ସମୟ ରହୁଥିଲା |ଧୀରେ ଧୀରେ ଅଙ୍ଗନବାଡି କେନ୍ଦ୍ରରେ ସେ ଅଧିକ ସମୟ ରହିଲା |ଶୁଭଶ୍ରୀ ମଧ୍ୟ ବିଦ୍ୟାଳୟରେ ଅନ୍ୟମାନଙ୍କ ପରି ବିଭିନ୍ନ କାର୍ଯ୍ୟରେ ଯୋଗଦେଇ ଖୁସିରେ ପାଠ ଶିଖିଲା |ତାର ଆଶା ପୂରଣ ହେଲା |

## ପରିସ୍ଥିତି-୨

ଗାଁର ନାମ ଛତାବର |ସେହି ଗାଁରେ ପ୍ରଭାସ ନାମରେ ଜଣେ ଚିତ୍ରକର ରହନ୍ତି |ସେ ଗାଁର ମନ୍ଦିର କାନ୍ଥ,ଡାକ୍ତର ଖାନା କାନ୍ଥ ଓ ଅନ୍ୟାନ୍ୟ ସ୍ଥାନରେ ବିଭିନ୍ନ ପ୍ରକାରର ସୁନ୍ଦର ସୁନ୍ଦର ଚିତ୍ର ଆଙ୍କନ୍ତି |ଗାଁ  ସ୍କୁଲ କାନ୍ଥରେ ମଧ୍ୟ ଚିତ୍ର ଆଙ୍କିଛନ୍ତି |ଠାରେ ସ୍କୁଲରେ ପିଲାମାନଙ୍କର ଶିକ୍ଷଣ ପାଇଁ କିଛି ଚିତ୍ରର ଆବଶ୍ୟକତା ପଡିଲା |ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଭାସ ବାବୁଙ୍କ ସହ ଏବିଷୟରେ କଥା ହେଲେ |ପ୍ରଭାସ ବାବୁ କହିଲେ ପିଲାମାନେ ପଢୁଥିବା ଗପର ଚିତ୍ର ଗୁଡିକ ତଥା କିଛି ପୋଷ୍ଟର ମୁଁ କରି ଦେଇପାରିବି |ପ୍ରଧାନ ଶିକ୍ଷକ କହିଲେ ଏତ ବେଶ ଭଲ କଥା |ପିଲାମାନଙ୍କୁ ଗପ କହିବା ବେଳେ ସେହି ଚିତ୍ର ଗୁଡିକ ବ୍ୟବହାର କରାଯାଇପାରିବ |ପୋଷ୍ଟର ଗୁଡିକ ଥିବା ଚିତ୍ର ବିଷୟରେ ପିଲାମାନେ କଥାବାର୍ତ୍ତା ହୋଇପାରିବେ |ଏହାଛଡା ଆପଣ ବେଳେବେଳ ପିଲାଙ୍କୁ ଚିତ୍ର ଆଙ୍କିବା ବି ଶିଖାଇ ପାରିବେ |ପ୍ରଭାସ ବାବୁ ଏହା ଶୁଣି ଖୁସି ହେଲେ ଓ ବିଭିନ୍ନ ଚିତ୍ର କରି ଆଣି ସ୍କୁଲରେ ଦେଲେ |ପ୍ରତି ସପ୍ତାହରେ ଦିନେ ସେ ପିଲାମାନଙ୍କୁ ବିଭିନ୍ନ ଚିତ୍ର ଆଙ୍କିବା ଓ ରଙ୍ଗ ଦେବା ମଧ୍ୟ ଶିଖାଇଲେ |ପ୍ରଧାନ ଶିକ୍ଷକ ଏଥିପାଇଁ ପ୍ରଭାସ ବାବୁଙ୍କୁ କୃତଜ୍ଞତା ଜଣାଇଲେ |

## ପରିସ୍ଥିତି -୩

ଶୁଭସ୍ମୀତା ଗାଁ ସ୍କୁଲ ର ଜଣେ ଶିକ୍ଷୟତ୍ରୀ | ସେ ପିଲାଙ୍କୁ ବହୁତ ଆଦର କରନ୍ତି ଓ ଭଲ ପଢାନ୍ତି | ତାଙ୍କୁ ସେଥିପାଇଁ ପ୍ରଧାନ ଶିକ୍ଷକ ପ୍ରଥମ  ଶ୍ରେଣୀ ଓ ବାଲବାଟିକ ଶ୍ରେଣୀର ପିଲାଙ୍କୁ ପଢାଇବା ଦାୟିତ୍ୱ ଦେଇଥାନ୍ତି | ଏକାସାଙ୍ଗରେ ଦୁଇଟି ଶ୍ରେଣୀର ଛୋଟ ପିଲାଙ୍କର ପାଠପଢାଇବା ତାଙ୍କ ପାଇଁ କଷ୍ଟ ହେଲେ ମଧ୍ୟ ସେ ଚଳାଇନିଆନ୍ତି | ବେଳେବେଳେ ସ୍କୁଲର ଅନ୍ୟ ଶିକ୍ଷକ /ଶିକ୍ଷୟିତ୍ରୀ ଛୁଟିରେ ରହିଲେ ବା କୌଣସି ତାଲିମ ନେବା ପାଇଁ ଗଲେ ଶୁଭସ୍ମିତା ଦିଦି ଙ୍କ ଉପରେ କାର୍ଯ୍ୟ ଭାର ଅଧିକ ହୋଇଯାଏ |  ଶୁଭସ୍ମିତା ଦିଦିଙ୍କୁ ପିଲାମାନେ ଓ ଅଭିଭାବକ ମାନେ ବହୁତ ଭଲ ପାଆନ୍ତି |ଶୁଭସ୍ମିତା ଦିଦି ପ୍ରତିପିଲାମାନଙ୍କ ଘରକୁ ଯାଇ ପିଲାଙ୍କ ସୁବିଧା ଅସୁବିଧା ବିଷୟରେ ତାଙ୍କ ବାପା - ମାଙ୍କ ସହ ଆଲୋଚନା କରନ୍ତି |  ବେଳେବେଳେ ତାଙ୍କ

କାର୍ଯ୍ୟଭାର କଥା ପିଲାମାନଙ୍କ  ମାଁ ମାନଙ୍କୁ ଜାଣନ୍ତି |  ସ୍କୁଲ ର ଅସୁବିଧା ଶୁଣି ମା ମାନେ ଗୋଟିଏ ଉପାୟ ବାହାର କଲେ  | ଶିକ୍ଷିତ ମା ମାନେ କିଛି କିଛି ସମୟ ସ୍କୁଲ ରେ ଛୋଟ ପିଲାଙ୍କୁ ପଢ଼ାଇବେ  |  ଫଳରେ ନିଜ ପିଲାର ପାଠପଢା ଦେଖିବା ସହ ଅନ୍ୟ ପିଲାମାନଙ୍କୁ ମଧ ପଢାଇପାରିବେ  |  ଏହାଦ୍ୱାରା ତାଙ୍କୁ ମଧ ଖୁସି ଲାଗିବ  |  ଶୁଭସ୍ମିତା ଦିଦି ଏକଥା ଶୁଣି ବହୁତ ଖୁସି ହେଲେ ଓ ପ୍ରଧାନଶିକ୍ଷକଙ୍କୁ ଏ ବିଷୟରେ କହିଲେ  |  ଏହାପରେ ଶିକ୍ଷକ / ଶିକ୍ଷୟିତ୍ରୀ ଅନୁପସ୍ଥିତ ରହିଲେ ମା ମାନେ ସ୍କୁଲ ଯାଇ ପିଲାମାନଙ୍କୁ ବିଭିନ୍ନ ଗପ, ଗୀତ, ଚିତ୍ର, ଖେଳ ଇତ୍ୟାଦି ମାଧ୍ୟମରେ ଅନେକ କଥା ଶିଖାଇଲେ, ଅଭ୍ୟାସ ପୁସ୍ତିକାର କାର୍ଯ୍ୟ କରାଇଲେ  |  ପ୍ରଧାନଶିକ୍ଷକ ଶୁଭସ୍ମିତା ଦିଦି ଙ୍କୁ କହିଲେ - " ଆପଣଙ୍କ ଯୋଗୁଁ ଏକଥା ସମ୍ଭବ ହୋଇପାରିଲା   " ।

## <u>ପରିସ୍ଥିତି -୪</u>

କେଉଁଝର ଜିଲ୍ଲାର ଏକ ଗାଁ ସ୍କୁଲରେ ରୁବି ଦିଦି ଚାକିରୀ କରନ୍ତି  |  ସେ ବାଲବାଟିକା  ଶ୍ରେଣୀରେ ପାଠ ପଢ଼ନ୍ତି  |  ସେହି ସ୍କୁଲର ପିଲାମାନେ ତାଙ୍କ ଘରୋଇ ଭାଷାରେ କଥାବାର୍ତ୍ତା ହୁଅନ୍ତି  |  ରୁବି ଦିଦି ପିଲାମାଙ୍କର ଭାଷା ଅଳ୍ପ ଅଳ୍ପ ବୁଝିପାରନ୍ତି କିନ୍ତୁ କହିପାରନ୍ତି ନାହିଁ  |  ସେ ପିଲାମାନଙ୍କର ଶିକ୍ଷଣ ପାଇଁ ବହୁତ ଚିନ୍ତିତ ଥାଆନ୍ତି  |  ଏହି ସମସ୍ୟା କଥା ସେ ପ୍ରଧାନଶିକ୍ଷକଙ୍କୁ ଜଣାଇଲେ |  ପ୍ରଧାନ ଶିକ୍ଷକ ବିଧାଳୟ ପରିଚାଳନା କମିଟି ବୈଠକରେ ଏହି ସମସ୍ୟା ଉପସ୍ଥାପନା କଲେ |  କମିଟି ସଦସ୍ୟମାନେ କହିଲେ ସେହି ଅଞ୍ଚଳର ଭାଷା ଜାଣିଥିବେ ସେ ସ୍କୁଲ କୁ ଆସି ପିଲାଙ୍କ ଶିକ୍ଷଣରେ ସାହାଯ୍ୟ କରିବେ   | ଯାହାଫଳରେ ରୁବି ଦିଦି ଓ ପିଲାମାନଙ୍କର କିଛିଦିନ ଭିତରେ ଭାଷାଗତ ସମସ୍ୟା କିଛି ପରିମାଣରେ ଦୂର ହୋଇପାରିବ | ସେହି ଗାଁ ର ଜଣେ ବୟସ୍କ ବ୍ୟକ୍ତି ଏହି ପ୍ରସ୍ତାବରେ ରାଜି ହୋଇ ସ୍କୁଲକୁ ଆସି ପିଲାଙ୍କ ଭାଷାରେ ଗପ କହିଲେ, ଗୀତ ବୋଲାଇଲେ ଖେଳ ଖେଳାଇଲେ|  ରୁବି ଦିଦି ତାଙ୍କ ସହାୟତାରେ ପିଲାଙ୍କର ଶିକ୍ଷଣ ପାଇଁ ବିଭିନ୍ନ କାମ କରାଇଲେ | ଧୀରେ ଧୀରେ ରୁବି ଦିଦି ତାଙ୍କ ଭାଷା ବୁଝିଲେ ଓ ପିଲାମାନେ ମଧ୍ୟ ଆଗ୍ରହର ସହ ସ୍କୁଲକୁ ଆସି ବିଭିନ୍ନ ଶିକ୍ଷଣକାର୍ଯ୍ୟ କରି ପାଠ ଶିଖିଲେ  ।

# ତଥ୍ୟଫର୍ଦ୍ଦ

## ଗୋଷ୍ଠିର ବ୍ୟକ୍ତିଙ୍କୁ ବାଲବାଟିକା କାର୍ଯ୍ୟକ୍ରମରେ କିପରି ସମ୍ପୃକ୍ତ କରିବା

- ଶିଶୁର ଚାରୋଟି ଅଧିକାର ( ବଞ୍ଚିବା, ସୁରକ୍ଷା, ବିକାଶ ଓ ଅଂଶଗ୍ରହଣ ) ଧ୍ୟାନ ଦେଇ ଶିକ୍ଷକ ପିତାମାତା ଓ ଗ୍ରାମବାସୀଙ୍କ ବୈଠକ କରି ଶିଶୁ ବିକାଶ କାର୍ଯ୍ୟକ୍ରମ ସ୍ଥିର କରିବେ
- ପିଲାମାନଙ୍କର ବିଦ୍ୟାଳୟରେ ନାମ ଲେଖାଇବେ ଓ ନିୟମିତ ବିଦ୍ୟାଳୟ କୁ ନେବା /ଆଣିବା ପାଇଁ ଗୋଷ୍ଠୀ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ।
- ନିୟମିତ ବ୍ୟବଧାନରେ ପିତାମାତା / ଗ୍ରାମବାସୀ ଙ୍କ ବୈଠକ କରି ଶିଶୁ ବିକାଶ କାର୍ଯ୍ୟକ୍ରମ ସ୍ଥିର କରିବେ ।
- ବାଲବାଟିକାରେ ପିତାମାତା / ଗ୍ରାମବାସୀ ଉପସ୍ଥିତ ରହି ପିଲାଙ୍କ କାର୍ଯ୍ୟ ଦେଖିବେ |ଆବଶ୍ୟକ ସ୍ଥଳେ ନିଜେ ପିଲାଙ୍କୁ ଗପ,ଗୀତ କାର୍ଯ୍ୟ କରାଇ ପାରିବେ, ସେଥିପାଇଁ ସୁଯୋଗ ସୃଷ୍ଟି କରାଇବା |
- ଗ୍ରାମରେ ଥିବା ବିଭିନ୍ନ ବୃତ୍ତିଧାରି ବ୍ୟକ୍ତିଙ୍କ ସାହାଯ୍ୟ ନେଇ ଶିକ୍ଷକ ପିଲାଙ୍କ ପାଇଁ ଖେଳ ଉପକରଣ ଓ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଇପାରିବେ ।
- ବିଭିନ୍ନ ଦିବସ ପାଳନ ସମୟରେ ପିତାମାତା / ଗ୍ରାମବାସୀ ଙ୍କୁ ନିମନ୍ତ୍ରଣ କରିବା
- ପିଲାଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟର ପ୍ରଦର୍ଶନୀ ର ଆୟୋଜନ କରିବା ପାଇଁ ଗ୍ରାମବାସୀ ଙ୍କ ସହାୟତା ନେବା ବର୍ଷକୁ ଅନ୍ତତଃ ଦୁଇଥର ଶିଶୁମେଳା ଆୟୋଜନ କରି ଗ୍ରାମବାସୀ ଙ୍କୁ ନିମନ୍ତ୍ରଣ କରିବା
- ଶିକ୍ଷକ / ଶିକ୍ଷୟିତ୍ରୀ ନିୟମିତ ପିଲାଙ୍କ ଘରକୁ ଯାଇ ପିତାମାତାଙ୍କ ସହ ପିଲାମାନଙ୍କର ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା, ଶିକ୍ଷଣ ପ୍ରଗତି ବିଷୟରେ ଆଲୋଚନା କରିବା ।
- ବିଦ୍ୟାଳୟ ପରିବେଶ କୁ ଶିଶୁପ୍ରିୟ ଓ ସୁରକ୍ଷିତ କରିବା ପାଇଁ ଗୋଷ୍ଠୀ ଲୋକଙ୍କ ସାହାଯ୍ୟ ନେବ ।
- ପିତାମାତାଙ୍କୁ e - Jaadui Pitara Mobile app ବିଷୟରେ ଜଣାଇବା ଓ ସେମାନେ କିପରି ଘରେ ଏହାକୁ ବ୍ୟବହାର କରି ପିଲାଙ୍କ ଶିକ୍ଷଣରେ ସାହାଯ୍ୟ କରିବେ ସେ ବିଷୟରେ ତାଙ୍କୁ ଜଣାଇବେ ।
- ପିଲାମାନଙ୍କର କାର୍ଯ୍ୟପୁସ୍ତିକାର କାମକୁ ପିତାମାତା / ଗ୍ରାମବାସୀମାନେ ନିୟମିତ ଯାଞ୍ଚ କରିପାରିବେ ଓ ଆବଶ୍ୟକ ମତାମତ ଦେଇପାରିବେ

# କାର୍ଯ୍ୟପୁସ୍ତିକା ଓ ଶିକ୍ଷକ ସହାୟତା ପୁସ୍ତିକାର ବ୍ୟବହାର

**ପଞ୍ଚମ ଦିବସ-**

**ପ୍ରଥମ ଅଧିବେଶନ-** **ସମୟ-୧ ଘଣ୍ଟା ୩୦ ମିନିଟ୍**

**ପୃଷ୍ଠଭୂମି:**ଜାତୀୟ ଶିକ୍ଷାନୀତି -୨୦୨୦ ରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଦକ୍ଷତା ହାସଲ ନିମନ୍ତେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି |ଆମ ରାଜ୍ୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଲକ୍ଷ୍ୟ ହାସଲ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ଦିଆଯାଇଛି |ଶିକ୍ଷାନୀତିର ସୁପାରିଶ ଅନୁଯାୟୀ ୫ ରୁ ୬ ବର୍ଷ ବୟସର ପିଲାମାନେ ପ୍ରାଥମିକ ବିଦ୍ୟାଳୟରେ ଏକ ପ୍ରସ୍ତୁତ ଶ୍ରେଣୀ/ବାଲବାଟିକା କାର୍ଯ୍ୟକ୍ରମରେ ଯୋଗ ଦେବେ |ଏହି ଶ୍ରେଣୀର ଉପଯୁକ୍ତ ପରିଚାଳନା କରିବା ପାଇଁ ଶିକ୍ଷକ ମାନଙ୍କ ନିମନ୍ତେ ଶିକ୍ଷକ ସହାୟତା ପୁସ୍ତିକା ଓ ଶିକ୍ଷାର୍ଥୀଙ୍କ ପାଇଁ କାର୍ଯ୍ୟପୁସ୍ତିକା ପ୍ରସ୍ତୁତ କରାଯାଇଛି |ଏହି କାର୍ଯ୍ୟପୁସ୍ତିକାରେ ଶିଶୁ ବିକାଶର ବିଭିନ୍ନ ଦିଗ ଆଧାରିତ ଦକ୍ଷତା ଓ ଶିକ୍ଷଣ ଫଳାଫଳକୁ ଅନ୍ତର୍ଭୁକ୍ତ କରି କାର୍ଯ୍ୟଫର୍ଦ୍ଦ ଦିଆଯାଇଛି |ଏହି କାର୍ଯ୍ୟପୁସ୍ତିକାର ବ୍ୟବହାର ଶୈଳୀ ଓ ବାଲବାଟିକା ଶ୍ରେଣୀର ସୁପରିଚାଳନା ପାଇଁ ବିଭିନ୍ନ କାର୍ଯ୍ୟର ସୂଚନାକୁ ଅନ୍ତର୍ଭୁକ୍ତ କରି ଶିକ୍ଷକ ସହାୟତା ପୁସ୍ତିକା ପ୍ରସ୍ତୁତ କରାଯାଇଛି |ଏଗୁଡିକର ବ୍ୟବହାର ଉପଯୁକ୍ତ ଭାବରେ ହୋଇପାରିଲେ ଶିକ୍ଷାର୍ଥୀମାନେ ବିଦ୍ୟାଳୟ ଶିକ୍ଷା ପାଇଁ ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇପାରିବେ |

**ପ୍ରତ୍ୟାଶିତ ଫଳାଫଳ:**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମନେ-

- କାର୍ଯ୍ୟପୁସ୍ତିକା ଓ ଶିକ୍ଷକ ସହାୟତା ପୁସ୍ତିକାର ବ୍ୟବହାର କୌଶଳକୁ ବର୍ଣ୍ଣନା କରିବେ |
- କାର୍ଯ୍ୟପୁସ୍ତିକା ଓ ଶିକ୍ଷକ ସହାୟତା ପୁସ୍ତିକାର ଆବଶ୍ୟକତା କହିବେ |

**ପ୍ରଣାଳୀ:**

**ସୋପାନ-୧ ସକ୍ରିୟାତ୍ମକ କାର୍ଯ୍ୟ-ସାମୂହିକ କାର୍ଯ୍ୟ** **ସମୟ-୫ ମିନିଟ୍**

ଖେଳ-ଡିଙ୍ଗ୍-ଡ଼ଙ୍ଗ୍-ପିଙ୍ଗ୍-ପଙ୍ଗ୍

ସୂଚନା:-ସମସ୍ତ ଅଂଶଗ୍ରହଣକାରୀ ମନେ ଗୋଲାକାରରେ ଠିଆ ହେବେ |ସାଧନକର୍ମୀ ମଝିରେ ରହି ଖେଳର ନିୟମ କହିବେ- ଡିଙ୍ଗ୍ କହିଲେ ଦୁଇଗୋଡ଼ରେ ଆଗକୁ ଗୋଟିଏ ଥର,ଡ଼ଙ୍ଗ୍ କହିଲେ-ପଛକୁ ,ପିଙ୍ଗ୍ କହିଲେ ବାମକୁ,ପଙ୍ଗ୍ କହିଲେ ପଛକୁ ଡେଇଁବେ |ସାଧନକର୍ମୀ ଖେଳଟି ଖେଳାଇବେ |ପ୍ରଥମେ ସାଧନକର୍ମୀ କ୍ରମାନୁସାରେ ଡିଙ୍ଗ୍-ଡ଼ଙ୍ଗ୍-ପିଙ୍ଗ୍-ପଙ୍ଗ୍ କହି ଖେଳଟି କରାଇବେ |ପରେ କ୍ରମରେ ନ କହି ଅଣକ୍ରମରେ ଖେଳଟି କରାଇବେ|ଯିଏ ଠିକରେ ଡେଇଁ ନ ପାରିବେ ମଝିକୁ ଆସିବେ |ଏହିପରି ଖେଳଟି ୫/୬ ଥର ଖେଳାଇବେ |ଏହାପରେ ସାଧନକର୍ମୀ ପ୍ରଶ୍ନ ପଚାରିବେ |

ପ୍ରଶ୍ନ- ଖେଳଟି କିପରି ଲାଗିଲା ?

ପ୍ରଶ୍ନ-ଏହି ଖେଳରୁ ପିଲାମାନଙ୍କର କେଉଁ ଦିଗର ବିକାଶ ହେବାର ସୁଯୋଗ ଅଛି ?

**ସୋପାନ-୨ ଦଳଗତ କାର୍ଯ୍ୟ** **ସମୟ-୪୦ ମିନିଟ୍**

- ସାଧନକର୍ମୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ନେଇ ୫ଟି ଦଳ ଗଠନ କରିବେ |

- ପ୍ରତ୍ୟେକ ଦଳକୁ ବାଲବାଟିକା କାର୍ଯ୍ୟପୁସ୍ତିକାର ଗୋଟିଏ ଲେଖାଏଁ କାର୍ଯ୍ୟଫର୍ଦ୍ଦ ଓ କାର୍ଯ୍ୟ ଫର୍ଦ୍ଦ ଦେବେ |

  ଦଳ-୧-କାର୍ଯ୍ୟପୁସ୍ତିକା page no- 10

  ଦଳ-୨-କାର୍ଯ୍ୟପୁସ୍ତିକା page no-23

  ଦଳ-3-କାର୍ଯ୍ୟପୁସ୍ତିକା page no-24

  ଦଳ-୪-କାର୍ଯ୍ୟପୁସ୍ତିକା pase no-27

  ଦଳ-୫-କାର୍ଯ୍ୟପୁସ୍ତିକା pase no-51

- ପ୍ରତ୍ୟେକ ଦଳ କାର୍ଯ୍ୟଫର୍ଦ୍ଦ ଦେଖି ପ୍ରଶ୍ନର ଉତ୍ତର ଆଲୋଚନା କରିବାକୁ ସୂଚନା ଦେବେ |

ପ୍ରଶ୍ନ-୧- କାର୍ଯ୍ୟଫର୍ଦ୍ଦରୁ କେଉଁ କେଉଁ ସୂଚନା ମିଳୁଛି ?

ପ୍ରଶ୍ନ-୨-ଏହାକୁ କିଏ ଓ କିପରି ବ୍ୟବହାର କରିବେ ?

ପ୍ରଶ୍ନ-୩- କାର୍ଯ୍ୟଫର୍ଦ୍ଦରେ ଥିବା କାର୍ଯ୍ୟ କେଉଁ ବିକାଶର ଦିଗ ଅନ୍ତର୍ଭୁକ୍ତ ?

ପ୍ରଶ୍ନ-୪-ଏହି କାର୍ଯ୍ୟରୁ କେଉଁ ଶିକ୍ଷଣ ଫଳାଫଳ ହାସଲ ହେବାର ସୁଯୋଗ ଅଛି ?

ପ୍ରଶ୍ନ-୫- ଆମେ ଆଉ କେଉଁ କାର୍ଯ୍ୟଫର୍ଦ୍ଦ ପ୍ରସ୍ତୁତ/ସଂଗ୍ରହ କରି ବ୍ୟବହାର କରି ପାରିବା ?

- ପ୍ରତ୍ୟେକ ଦଳ ନିଜ କାର୍ଯ୍ୟକୁ ଉପସ୍ଥାପନା କରିବେ |ଅନ୍ୟ ଦଳ ନିଜର ମତାମତ ରଖିବେ |
- ସାଧନକର୍ମୀ ଏହି କାର୍ଯ୍ୟର ସଂକ୍ଷେପଣ କରିବେ |

**ସୋପାନ-୩ ଦଳଗତ କାର୍ଯ୍ୟ** **ସମୟ-୪୦ମିନିଟ୍**

- ସାଧନକର୍ମୀ ପ୍ରତ୍ୟେକ ଦଳକୁ ଶିକ୍ଷକ କାର୍ଯ୍ୟପୁସ୍ତିକା ଆଧାରିତ ସୂଚନା ଫର୍ଦ୍ଦ ଦେବେ |
- ପ୍ରତ୍ୟେକ ଦଳ ସୂଚନା ଫର୍ଦ୍ଦକୁ ପଢି ଦଳରେ ଆଲୋଚନା କରିବେ |
- ସାଧନକର୍ମୀ ନିମ୍ନଲିଖିତ ପ୍ରଶ୍ନ ପଚାରିବେ |

ପ୍ରଶ୍ନ:- -ଏହି ସୂଚନା ଫର୍ଦ୍ଦଟି କାହାକୁ ଆଧାର କରି ଦିଆଯାଇଛି ?

-ଶିକ୍ଷକ ସହାୟତା ପୁସ୍ତିକାରୁ କେଉଁ କେଉଁ ତଥ୍ୟ ମିଳୁଛି ?

-ବାଲବାଟିକା ଶ୍ରେଣୀ ପରିଚାଳନା କରିବାରେ ଏହା ଶିକ୍ଷକଙ୍କୁ କେଉଁ କେଉଁ ଦିଗରେ ସାହାଯ୍ୟ କରିବ ?

**ସୋପାନ-୪:- ଖୋଲା ଆଲୋଚନା:ସଂକ୍ଷେପଣ** **ସମୟ-୫ମିନିଟ୍**

ପ୍ରଶ୍ନ-ଏହି ଅଧିବେଶନରେ ଆମେ କେଉଁସବୁ କଥା ଆଲୋଚନା କଲେ ?




୬. ଚିତ୍ର ଦେଖ ଓ କୁହ ।



ଶିକ୍ଷୟିତ୍ରୀ / ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତିପୃଷ୍ଟି :

ଶିକ୍ଷୟିତ୍ରୀ / ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାକ୍ଷର

୧୯. ବିନ୍ଦୁଯୋଡ଼ି ଚିତ୍ରଟିକୁ କର ।




ଶିକ୍ଷୟିତ୍ରୀ / ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତିପୁଷ୍ଟି :

ଶିକ୍ଷୟିତ୍ରୀ / ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାକ୍ଷର



## ୨୦. ଉଦାହରଣ ଦେଖି କଟା ଚିତ୍ର ଯୋଡ଼ ।



ଶିକ୍ଷୟିତ୍ରୀ / ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତିପୁଷ୍ଟି :

ଶିକ୍ଷୟିତ୍ରୀ / ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାକ୍ଷର



୨୩. ଆଙ୍ଗୁଠି ଛାପ ଦେଇ ଅଙ୍ଗୁର ପେନ୍ଥା ତିଆରି କର ।



ଶିକ୍ଷୟିତ୍ରୀ / ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତିପୁଷ୍ଟି :

ଶିକ୍ଷୟିତ୍ରୀ / ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାକ୍ଷର



୪୭. ତୁମେ ଯେଉଁ କାମ କରି ଅନ୍ୟକୁ ସାହାଯ୍ୟ କରିଥାଅ ସେହି କାମ ତଳେ ଠିକ୍ (✓) ଚିହ୍ନ ଦିଅ ।



☐



☐




☐



☐

ଶିକ୍ଷୟିତ୍ରୀ / ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତିପୁଷ୍ଟି :

ଶିକ୍ଷୟିତ୍ରୀ / ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାକ୍ଷର

# ସୂଚନା ଫର୍ଦ୍ଦ

ଜାତୀୟ ଶିକ୍ଷାନୀତି ରେ ଆଦ୍ୟ ଶୈଶବ ଶିକ୍ଷାକୁ 2020ଗୁରୁତ୍ୱ ଦିଆଯାଇ ବିଦ୍ୟାଳୟ ଶିକ୍ଷାର ଅନ୍ତର୍ଭୁକ୍ତ କରାଯାଇଛି ଜାତୀୟ | – ଶିକ୍ଷାନୀତିର ସୁପାରିଶ ଅନୁଯାୟୀ ଜାତୀୟ ପାଠ୍ୟକ୍ରମ ଆଧାରମୌଳିକ ପର୍ଯ୍ୟାୟ )NCF FS ଏଥିରେ| ପ୍ରସ୍ତୁତ କରାଯାଇଛି ( , ସାମାଜିକ, ବର୍ଷ ବୟସର ଶିଶୁ ମାନଙ୍କର ସାମଗ୍ରିକ ବିକାଶ ପାଇଁ ଶାରୀରିକ ୫ ରୁ 3-ଆବେଗିକ ଓ ନୈତିକ ଭାଷା ଓ , ବୌଦ୍ଧିକ, ସାକ୍‌୍ଷରତା | ସୌନ୍ଦର୍ଯ୍ୟ ବୋଧ ଓ ସାଂସ୍କୃତିକ ଦିଗର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି,

ଆମ ରାଜ୍ୟରେ ମୌଳିକ ପର୍ଯ୍ୟାୟରେ ପ୍ରଥମ ଦୁଇ ବର୍ଷ ଅର୍ଥାତ୍ ପ୍ରାକ –ବିଦ୍ୟାଳୟ– ଓ ପ୍ରାକ ୧-ବିଦ୍ୟାଳୟ ପାଇଁ ୨- – ଅଙ୍ଗନବାଦୀ କେନ୍ଦ୍ରରେ ଶିକ୍ଷା ବ୍ୟବସ୍ଥା କରାଯାଇଛି ଓ ପ୍ରାକବିଦ୍ୟାଳୟ ର ବାଲ ୩-ବାଟିକା ପ୍ରସ୍ତୁତ ଶ୍ରେଣୀ ଭାବରେ ପ୍ରାଥମିକ / ଏହି ବାଲ ବାଟିକା ଶ୍ରେଣୀରେ ଉପଯୁକ୍ତ ପରିଚାଳନା ପାଇଁ ପ୍ରାଥମିକ ଶିକ୍ଷକ ମାନଙ୍କୁ ତାଲିମ ଦେବା | ବିଦ୍ୟାଳୟର ଅନ୍ତର୍ଭୁକ୍ତ କରାଯାଇଛି | ସହ ଶିକ୍ଷକ ସହାୟକ ପୁସ୍ତିକା ଓ ଶିକ୍ଷାର୍ଥୀଙ୍କ ପାଇଁ କାର୍ଯ୍ୟ ପୁସ୍ତିକା ପ୍ରସ୍ତୁତ କରାଯାଇଛି

ଶିକ୍ଷକ ସହାୟକ ପୁସ୍ତିକାର ଦୁଇଟି ଭାଗ ରହିଛି ପ୍ରସ୍ତୁତି ଶ୍ରେଣୀର ଗୁରୁତ୍ୱ ଓ ଉପଯୋଗୀତା/ ପ୍ରଥମ ଭାଗରେ ବାଲ ବାଟିକା| ଦକ୍ଷତା ଓ , ଜାତୀୟ ପାଠ୍ୟକ୍ରମ ଆଧାର ମୌଳିକ ପର୍ଯ୍ୟାୟ ଆଧାରିତ ଶିଶୁର ସାମଗ୍ରିକ ବିକାଶର ବିଭିନ୍ନ ଦିଗ ପାଠ୍ୟକ୍ରମର ଲକ୍ଷ୍ୟ, ଏହି ପର୍ଯ୍ୟାୟର ଶିଶୁ ମାନଙ୍କର ସ୍ୱଭାବ ଓ ସେମାନଙ୍,ଶିକ୍ଷଣ ଫଳାଫଳକର ଶିକ୍ଷଣ ପ୍ରକ୍ରିୟା ଶ୍ରେଣୀ , ଶିକ୍ଷଣ ପଦ୍ଧତି ଓ ଶିକ୍ଷଣ ସାମଗ୍ରୀ, – ପିତା ମାତା, କାର୍ଯ୍ୟର ଯୋଜନା ଓ ପରିଚାଳନାଗୋଷ୍ଠୀ ସମ୍ପୃକ୍ତି| ମାନ ନିର୍ଦ୍ଧାରଣ ଇତ୍ୟାଦି ରହିଛି,

ଏହି ପୁସ୍ତିକାର ଦ୍ୱିତୀୟ ଭାଗରେ ବିକାଶର ବିଭିନ୍ନ ଦିଗ ଅନ୍ତର୍ଭୁକ୍ତ ଶିକ୍ଷଣ ଫଳାଫଳ ଆଧାରିତ ପ୍ରସ୍ତାବିତ କାର୍ଯ୍ୟାବଳୀ ଦିଆଯାଇଛି – ବର୍ଷ ବୟସର ପିଲାମାନଙ୍କୁ ଭଲ ଲାଗୁଥିବା କାମ ଯଥା ୬ ରୁ ୫|ଗୀତ ପ୍ରକୃତି ପର୍ଯ୍ୟବେକ୍ଷଣ, ଅଭିନୟ,ଗପ ଖେଳ, ଏଥିରେ ଦିଆଯାଇଥିବା ଗୋଟିଏ କାର୍ଯ୍ୟରୁ ଏକାଧିକ | ଚିତ୍ରାଙ୍କନ ଇତ୍ୟାଦି ମାଧ୍ୟମରେ ପ୍ରସ୍ତାବିତ ଶିକ୍ଷଣ କାର୍ଯ୍ୟର ଉପସ୍ଥାପନା କରାଯାଇଛି, ଦିଗର ଶିକ୍ଷଣ ଫଳାଫଳ ହାସଲ ହେବାର ସୁଯୋଗରହିଛି ଶ୍ରେଣୀ ପରିଚାଳନା ସମୟରେ ଶିକ୍ଷକ ମାନେ କାର୍ଯ୍ୟପୁସ୍ତିକାର ବ୍ୟବହାର | | କାର୍ଯ୍ୟ ପୁସ୍ତିକାର ଦିଆଯାଇଥିବା କାର୍ଯ୍ୟ ବ୍ୟତୀତ ଅଧିକ କାର୍ଯ୍ୟ କରାଇ ପାରିବେ| କରାଇବେ

# ବାଲବାଟିକା ଶ୍ରେଣୀରେ ମାନନିର୍ଦ୍ଧାରଣ

**ଦିବସ- ପଞ୍ଚମ** **ସମୟ- ୧ଘଣ୍ଟା .୩୦ ମିନିଟ**

**ଅଧିବେଶନ- ଦ୍ୱିତୀୟ**

ପୃଷ୍ଠଭୂମି:

ବାଲବାଟିକା ସ୍ତରରେ ଶିକ୍ଷକ/ଶିକ୍ଷୟିତ୍ରୀ ପିଲାମାନଙ୍କୁ ପର୍ଯ୍ୟବେକ୍ଷଣ କରି ସେମାନଙ୍କ ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବା ଆବଶ୍ୟକ, ଯେପରିକି ସେମାନେ ଖେଳିବା ସମୟରେ କ'ଣ ସବୁ କରୁଛନ୍ତି, ପରସ୍ପର ସହ କିପରି ଆଲୋଚନା କରୁଛନ୍ତି ଓ କ'ଣ ସବୁ ଆଲୋଚନା କରୁଛନ୍ତି, କୌଣସି କାର୍ଯ୍ୟକୁ କିପରି ସମ୍ପାଦନ କରୁଛନ୍ତି ଇତ୍ୟାଦି | ଏହି ଆଧାରରେ ଶିକ୍ଷାର୍ଥୀର ମାନନିର୍ଦ୍ଧାରଣ କରାଯାଇପାରିଥାଏ | ଏହାକୁ ଲକ୍ଷ୍ୟ କରି ପିଲାର ଆଗ୍ରହ ଓ ଶିକ୍ଷଣ ଅଗ୍ରଗତି ସମ୍ପର୍କରେ ସବିଶେଷ ଧାରଣା ଶିକ୍ଷକ/ଶିକ୍ଷୟିତ୍ରୀ ପାଇପାରିଥାନ୍ତି | ଏହାକୁ ମଧ୍ୟ ନିରନ୍ତର ଓ ବିଦ୍ୟାଳୟଭିତ୍ତିକ ମାନନିର୍ଦ୍ଧାରଣର ଏକ ପ୍ରମୁଖ ଅଙ୍ଗ ଭାବେ ପରିଗଣିତ କରାଯାଇଥାଏ |

ବାଲବାଟିକା ସ୍ତରରେ ଶିକ୍ଷାର୍ଥୀର ମାନନିର୍ଦ୍ଧାରଣ କରାଯାଇ ତାର ଫଳାଫଳ ଆଧାରରେ ପିଲାର ଶିକ୍ଷଣ ଅଗ୍ରଗତି ନିମନ୍ତେ ଯୋଜନା ପ୍ରସ୍ତୁତି, ଶିକ୍ଷକଙ୍କ କାର୍ଯ୍ୟଧାରାରେ ପରିବର୍ତ୍ତନ କରିବା ଆବଶ୍ୟକ | ଏହି ଅଧିବେଶନର ଆଲୋଚନାରେ ମାନନିର୍ଦ୍ଧାରଣର ଲକ୍ଷ୍ୟ, କୌଶଳ ସମ୍ପର୍କରେ ଆଲୋଚନା କରାଯିବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି|

**ପ୍ରତ୍ୟାଶିତ ଫଳାଫଳ:**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀ ମାନେ –

- ବାଲ୍ ବାଟିକା ସ୍ତରରେ ମାନନିର୍ଦ୍ଧାରଣର ଉଦ୍ଦେଶ୍ୟଗୁଡିକୁ ବୁଝାଇବେ |
- ଶିକ୍ଷାର୍ଥୀର ମାନନିର୍ଧାରଣର ଉପାୟ ଓ କୌଶଳଗୁଡିକୁ ବର୍ଣନା କରିବେ |
- ବାଲ୍ ବାଟିକା ସ୍ତରରେ ଶିକ୍ଷାର୍ଥୀର ଶିକ୍ଷଣ ଅଗ୍ରଗତିର ତଦାରଖ କରି ତାର ଶିକ୍ଷଣ ଅଗ୍ରଗତିରେ ସହାୟତା କରିବାର ଉପାୟକୁ କହିବେ |

ସୋପାନ ୧ -

**କାର୍ଯ୍ୟ- ୧: (ବ୍ୟକ୍ତିଗତ କାର୍ଯ୍ୟ- ଖୋଲା ଆଲୋଚନା)** **(୧୦ମିନିଟ୍)**

- ପ୍ରତ୍ୟେକ ଅଂଶଗ୍ରହଣକାରୀକୁ ଗୋଟିଏ ପୃଷ୍ଠା କାଗଜ ଦିଆଯିବ | ସେହି କାଗଜରେ "ଏକ ଫୁଲକୁଣ୍ଡରେ ଫୁଲଫୁଟିବାର "ଚିତ୍ର ଅଙ୍କନ କରିବାକୁ ସୂଚନା ଦିଆଯିବ|
- ୩-୪ ମିନିଟ୍ ସମୟପରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ନିଜ ନିଜର ଚିତ୍ରକୁ ପ୍ରଦର୍ଶନ କରିବାକୁ କୁହାଯିବ, ଯେପରି ଅନ୍ୟମାନେ ତାହାକୁ ଭଲଭାବେ ଦେଖିପାରିବେ |

- ନିମ୍ନରେ ଦିଆଯାଇଥବା ତଳ ପ୍ରଶ୍ନଗୁଡିକର ସହାୟତାରେ ଖୋଲା ଆଲୋଚନା କରାଯିବ
    - କାହାର ଚିତ୍ର ଆପଣଙ୍କୁ ସବୁଠାରୁ ଭଲ ଲାଗୁଛି ଓ କାହିଁକି ?
    - ଏହି କାର୍ଯ୍ୟରୁ ପିଲାମାନଙ୍କର କେଉଁ ଦକ୍ଷତାର ମାନନିର୍ଦ୍ଧାରଣ କରିହେବ ବୋଲି ଆପଣ ଭାବୁଛନ୍ତି ?

**କାର୍ଯ୍ୟ-୨: (ଦଳଗତ କାର୍ଯ୍ୟ- ଖୋଲା ଆଲୋଚନା) - ୬ ଟି ଦଳ (୧୫ମିନିଟ୍)**

- ପ୍ରତ୍ୟେକ ଦଳକୁ "ଦିବାସ୍ୱପ୍ନ" ପୁସ୍ତକର ତଥ୍ୟଫର୍ଦ୍ଦ -୧ ପଢିବାକୁ ଦିଆଯିବ | ପଢିସାରିବାପରେ ନିମ୍ନଲିଖିତକ୍ଷିତ ପ୍ରଶ୍ନ ଆଧାରରେ ଆଲୋଚନା କରିବେ|

- ଶିକ୍ଷାର୍ଥୀଙ୍କ ମାନନିର୍ଦ୍ଧାରଣ ସମ୍ପର୍କରେ ଏଠାରେ କ'ଣସବୁ କୁହାଯାଇଛି ?
- ବାଲବାଟିକା ସ୍ତରରେ ମାନନିର୍ଦ୍ଧାରଣର ଉଦ୍ଦେଶ୍ୟ କ'ଣ ହେବା ଉଚିତ୍ ?

**କାର୍ଯ୍ୟ-୩: (ବ୍ୟକ୍ତିଗତ କାର୍ଯ୍ୟ- ଖୋଲା ଆଲୋଚନା)**

- ଗୋଟିଏ ଡ୍ରଇଂସିଟ୍ ରେ ଚର୍ଚ୍ଚାପତ୍ର ରେ ଥିବା ଉକ୍ତିଗୁଡିକ ଲେଖି କାନ୍ଥ ରେ ଟଙ୍ଗାଯିବ | ଉକ୍ତିଗୁଡିକୁ ସେମାନେ ପଢିବେ, କେଉଁ ଉକ୍ତିରେ "ରାଜି/ଅରାଜି/କହିହେବ ନାହିଁ" ତାହା ଲେଖିବେ |
- ପ୍ରତ୍ୟେକ ଉକ୍ତି ପାଇଁ କେଉଁ ମାନେ ରାଜି ହେଉଛନ୍ତି ବା ଅରାଜି ଲେଖିଛନ୍ତି ତାହା ସାଧନକର୍ମୀ ପଚାରିବେ ଓ କାହିଁକି ତାହା ଲେଖିଛନ୍ତି ଉଦାହରଣ ସହ ବର୍ଣ୍ଣନା କରିବାକୁ କହିବେ |
- "ବର୍ତ୍ତମାନ ଆପଣମାନେ କେଉଁ ଉପାୟରେ ଶିକ୍ଷାର୍ଥୀର ମାନ ନିର୍ଦ୍ଧାରଣ କରୁଛନ୍ତି"? ଏହି ପ୍ରଶ୍ନର ଆଲୋଚନା କରାଯିବ ଓ ଉତ୍ତରଗୁଡିକୁ କଳାପଟାରେ ଲେଖାଯିବ |
- ଉପରୋକ୍ତ ଆଲୋଚନାରୁ ମାନ ନିର୍ଦ୍ଧାରଣର କୌଶଳ ସମ୍ପର୍କରେ ଆମେ କେଉଁ ସବୁ କଥା ଶିଖିଲେ?

**କାର୍ଯ୍ୟ ୪: ଦଳଗତ କାର୍ଯ୍ୟ (ଖୋଲା ଆଲୋଚନା )**

ମାନନିର୍ଦ୍ଧାରଣ ସମ୍ପର୍କିତ ନିମ୍ନରେ ଦିଆଯାଇଥିବା ଉଦାହରଣକୁ ପଢିବାକୁ ପ୍ରତ୍ୟେକ ଦଳକୁ ଦିଆଯିବ 

**C12.1: ବିଭିନ୍ନ ଆକାର ର ଦ୍ୱି-ମାତ୍ରିକ ଓ ତ୍ରି-ମାତ୍ରିକ ଚିତ୍ର ଆଙ୍କିବା (artwork) ପାଇଁ ବିଭିନ୍ନ ସାମଗ୍ରୀ ଏବଂ ଉପକରଣର ଅନୁସନ୍ଧାନ କରିବେ ଓ ସେଗୁଡ଼ିକ ସହ ଖେଳିବେ** 

<u>**ଶିକ୍ଷଣ କାର୍ଯ୍ୟ**</u> –ଚିତ୍ର କରିବା ଓ ରଙ୍ଗ ଦେବା

| ସ୍ତର ୧ (LEVEL-1) | ସ୍ତର -୨ (LEVEL-2) | ସ୍ତର -୩ (LEVEL-3) | ସ୍ତର -୪ (LEVEL-4) |
|---|---|---|---|
| ପୂର୍ବରୁ ଅଙ୍କାଯାଇଥିବା ଚିତ୍ରରେ କେଉଁ ରଙ୍ଗ ବ୍ୟବହାର କରାଯିବ, ସେ ବିଷୟରେ ପିଲା | ପିଲା ଶିକ୍ଷକଙ୍କୁ ନିଜର ପସନ୍ଦର ରଙ୍ଗ ଦେବ ଓ ତାହା ଠିକ ଅଛି କି ନାହିଁ ପଚାରିବ ( ଶିକ୍ଷକ | ପିଲା ନିଜର ପସନ୍ଦର ରଙ୍ଗ ବାଛିଚି ଓ ରଙ୍ଗ ଦେଇ ଚିତ୍ରଟିକୁ ସମ୍ପୂର୍ଣ କରିଛି <br><br>( ଶିକ୍ଷକ ପିଲାଙ୍କୁ ଅଧିକ | ପିଲା ନିଜେ ରଙ୍ଗ ଦେବା<br><br>କାର୍ଯ୍ୟ ସମାପନ କରିଛି<br><br>ଓ ଶିକ୍ଷକଙ୍କ ଅନୁମତି |

| | | | |
|---|---|---|---|
| ଶିକ୍ଷକଙ୍କୁ ପଚାରୁଛି □ ଶିକ୍ଷକ ପିଲା ସହିତ ତାର ପସନ୍ଦର ରଙ୍ଗ ବିଷୟରେ ଆଲୋଚନା କରିବେ ଓ ବିଭିନ୍ନ ରଙ୍ଗ ମଧ୍ୟରୁ ନିଜର ପସନ୍ଦର ରଙ୍ଗ ବାଛିବାକୁ ଉତ୍ସାହିତ କରିବେ | ପିଲାଙ୍କୁ ନିର୍ଦ୍ଦିଷ୍ଟ ରଙ୍ଗ ବାଛିବା ପାଇଁ ଉତ୍ସାହିତ କରିବେ □ ) | ରଙ୍ଗ ବ୍ୟବହାର କରି ଛାୟାଙ୍କିତ କରିବାକୁ ଓ ଅନ୍ୟ ପିଲାଙ୍କୁ ସହାୟତା କରିବାକୁ ଉତ୍ସାହିତ କରିବେ □ ) | କ୍ରମେ ରଙ୍ଗ ବାଛିବାରେ ସହପାଠୀଙ୍କୁ ସାହାଯ୍ୟ କରିଛି (ପ୍ରଶଂସା କରିବା ବେଳେ, ଶିକ୍ଷକ ପିଲାଙ୍କୁ ଅଧିକ ରଙ୍ଗର ଛାୟାଙ୍କିତ ମଧ୍ୟରୁ ନିଜର ପସନ୍ଦର ରଙ୍ଗ ବାଛିବାକୁ ଉତ୍ସାହିତ କରିବେ □ ) |

- ନିମ୍ନ ପ୍ରଶ୍ନମାନଙ୍କ ସହାୟତାରେ ଖୋଲା ଆଲୋଚନା କରାଯିବ

- ଏଠାରେ ମାନନିର୍ଦ୍ଧାରଣ କରିବା ପାଇଁ କେଉଁ ସବୁ ସୋପାନ ବ୍ୟବହାର କରାଯାଇଛି ?
- ଶିକ୍ଷାର୍ଥୀର ମାନ ନିର୍ଦ୍ଧାରଣରେ ଚାରୋଟି ସ୍ତର କିପରି ସହାୟକ ହେବ ?
- ଏହି ଉପାୟରେ ମାନ ନିର୍ଦ୍ଧାରଣ କଲେ କଣ ସୁବିଧା ହେବ ?

**କାର୍ଯ୍ୟ ୫ : ସଂକ୍ଷେପଣ**

- ଏହି ଅଧିବେଶନର ଆଲୋଚନାରୁ କଣ ଶିଖିଲେ ? (ଦୁଇଟି ବାକ୍ୟରେ କହିବ )

**<u>ସାମଗ୍ରୀ :</u>**

- ଦିବାସ୍ୱପ୍ନର ଲିଖିତ ଅଂଶ : ପ୍ରତ୍ୟେକ ଦଳ ପାଇଁ ଗୋଟିଏ ଲେଖାଏଁ □
- ଚର୍ଚ୍ଚାପତ୍ର
- କାର୍ଯ୍ୟ ୪ ର ଉଦାହରଣ ଫର୍ଦ୍ଦ ପ୍ରତ୍ୟେକ ଦଳ ପାଇଁ ଗୋଟିଏ ଲେଖାଏଁ □

## ସାଧନ କର୍ମୀଙ୍କ ପାଇଁ ସୂଚନା

- ବାଲବାଟିକା ସ୍ତରରେ ମୁଖ୍ୟତଃ ଶିକ୍ଷାର୍ଥୀଙ୍କୁ ବିଭିନ୍ନ କାର୍ଯ୍ୟରେ ସଂପୃକ୍ତ କରାଯାଇ ସେଥିରୁ ପର୍ଯ୍ୟବେକ୍ଷଣ କରି ଶିକ୍ଷାର୍ଥୀଙ୍କ ଶିକ୍ଷଣ ଅଗ୍ରଗତିର ମାନନିର୍ଦ୍ଧାରଣ କରାଯିବ।
- ଶିକ୍ଷାର୍ଥୀଙ୍କର ନିରନ୍ତର ମାନନିର୍ଦ୍ଧାରଣ ଶିକ୍ଷକ,ଶିକ୍ଷୟିତ୍ରୀ, ପିତା ମାତା, ସହପାଠୀମାନଙ୍କଠାରୁ ଉପଲବ୍ଧ ତଥ୍ୟ ଆଧାରରେ ହେବା ଆବଶ୍ୟକ ।
- ଶିକ୍ଷାର୍ଥୀଙ୍କର ମାନନିର୍ଦ୍ଧାରଣ ତଥ୍ୟକୁ ଆଧାର କରି ଶିକ୍ଷାର୍ଥୀର ଶିକ୍ଷଣ ନିମନ୍ତେ ଯୋଜନା କରାଯିବ । କେଉଁ ଉପାଦାନ ଗୁଡିକ ପିଲାର ଶିକ୍ଷଣ ରେ ବାଧକ, କେଉଁ ଗୁଡିକ ପିଲାର ଶିକ୍ଷଣରେ ସହାୟକ, ପିଲାର କେଉଁ ସବୁ କ୍ଷେତ୍ରରେ ସାମର୍ଥ୍ୟ ଓ ଦୁର୍ବଳ ରହିଛି ତାହାର ମାନନିର୍ଦ୍ଧାରଣ କରାଯିବା ପାଇଁ ବିଭିନ୍ନ କୌଶଳଗୁଡିକ ଜାଣିବା ଆବଶ୍ୟକ ।
- ପ୍ରତ୍ୟେକ ଦକ୍ଷତା ଅନ୍ତର୍ଗତ ଶିକ୍ଷଣ ଫଳାଫଳ ହାସଲ କରିଛି କି ନାହିଁ ତାହା ଜାଣିବା ନିମନ୍ତେ ଶିକ୍ଷାର୍ଥୀକୁ ବିଭିନ୍ନ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ କରାଯିବ, ସେହି କାର୍ଯ୍ୟରେ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରୁଥିବା ସମୟରେ ବିଭିନ୍ନ ସୂଚକ ଆଧାରରେ ଶିକ୍ଷାର୍ଥୀର ମାନନିର୍ଦ୍ଧାରଣ କରାଯାଇଥାଏ। ଏତଦ୍ ବ୍ୟତୀତ କାର୍ଯ୍ୟପୁସ୍ତିକାର କାର୍ଯ୍ୟଫର୍ଦ୍ଦ ମାଧ୍ୟମ ରେ ମଧ୍ୟ ଶିକ୍ଷାର୍ଥୀର ମାନନିର୍ଦ୍ଧାରଣ କରାଯାଇପାରିବ ।

### *କାର୍ଯ୍ୟ- ୧*

ଏହି ଚିତ୍ରର ମାନନିର୍ଦ୍ଧାରଣ କରିବାବେଳେ କେତେକ ଦିଗକୁ ଧ୍ୟାନ ଦିଆଯାଇଥାଏ, ଯେପରି-ଚିତ୍ରର ବିଭିନ୍ନ ଅଂଶ ମଧ୍ଯରେ ସମାନୁପାତ, ଉପଯୁକ୍ତ ରଙ୍ଗର ବ୍ୟବହାର, ପରିଷ୍କାର ଓ ସ୍ୱଚ୍ଛତା ଇତ୍ୟାଦି ।

### *କାର୍ଯ୍ୟ- ୨*

ଶ୍ରୁତଲିଖନ ଲେଖାସରିଲା ଓ ଖାତାସବୁ ମୋ ପାଖକୁ ଆସିଲା । ଦେଖିଲି ଯେ ବହୁତ ବନାନ ଭୁଲ, ଯୁକ୍ତାକ୍ଷରରେ କିଛି ଠିକ୍ ଠିକଣା ନାହିଁ ।ଅକ୍ଷର ସବୁ ବଙ୍କା, ତେଢା ଓ ଅସୁନ୍ଦର । ମୁଁ କାହାର କିଛି ଭୁଲ୍ ବାହାର କରୁନଥିଲି । ଗୋଟି ଗୋଟି କରି ସବୁ ଖାତା ଦେଖି ଫେରାଇଦେଲି । ସମସ୍ତେ ପଚାରିଲେ- "କାହାର କେତେଟା ଭୁଲ୍, କିଏ ଉପରେ ?" କିଏ ତଳେ?"

ଗୋଟିଏ ପିଲା କହିଲା, "ଏବେ ଓ ଲକ୍ଷ୍ମୀଡାକର ଜୀ ମଧ୍ୟ ଆମକୁ ସାଧାରଣ ଭାବରେ ପଢାଇବେ ଓ ନମ୍ବର ଦେବେ," ମୁଁ କହିଲି, "ମୁଁ ଏମିତି କିଛି କରିବି ନାହିଁ" । ଶ୍ରୁତଲିଖନ ଠିକ୍ ଅଛି । ତୁମେ ସବୁ ଲେଖିଜାଣିଛ । କାଲି ପୁଣି ଲେଖିବ । ଏମିତି କରୁ କରୁ ତୁମେ ବହୁତ ବଢିଆ ବି ଲେଖିପାରିବ । ପ୍ରତିଦିନ ଅଭ୍ୟାସ କଲେ ଲେଖା ନ ଆସିବ ବା କାହିଁକି ? ଭୁଲ ବାହାର କରି ମୁଁ କରିବି ବା କ'ଣ? ଏହା ଶୁଣି ଆଉ ଜଣେ ପଚାରିଲା, "କିନ୍ତୁ ନମ୍ବର,ପାସ୍ ଆଉ ଫେଲ୍ !"

ମୁଁ କହିଲି, "ଯେତେବେଳେ ତୁମେ ସବୁ ମୋ ଠାରୁ ଗପ ଶୁଣୁଛ କ'ଣ ପ୍ରଥମ ଓ ଦ୍ୱିତୀୟ ବଛାଯାଉଛି ?"

-"ଆଜ୍ଞା ନା"- ପିଲାମାନେ ଉତ୍ତର ଦେଲେ ।

"ଭଲ ଭଲ ଜାମା ପିନ୍ଧିଲେ କ'ଣ ପ୍ରଥମ ଦ୍ୱିତୀୟ ବଛାଯାଏ?"- ମୁଁ ପଚାରିଲି

-"ନା"- ଉତ୍ତର ମିଳିଲା ।

"ଆଉ ଆମେ ଯେଉଁ ଖେଳ ଖେଳୁଛେ ସେଥିରେ କ'ଣ ନମ୍ବର ଦିଆଯାଉଛି?"- ମୁଁ ପଚାରିଲି

"ଆଜ୍ଞା ନା"- ପିଲାମାନେ କହିଉଠିଲେ ।

ମୁଁ କହିଲି- ତୁମ ଭିତରୁ କିଏ ଡେଙ୍ଗା, କିଏ ଗେଡ଼ା, କିଏ ମୋଟା, କିଏ ପତଳା, ସେଥିପାଇଁ କ'ଣ ତୁମେ ନମ୍ବର

ପାଅ?"

"ନା- ଉତ୍ତର ଆସିଲା 

-"ତୁମ ଭିତରୁ କିଏ ଧନୀ, କିଏ ଗରିବ, ସେଥିପାଇଁ କ'ଣ ସ୍କୁଲରେ ତୁମକୁ ନମ୍ବର ଦିଆଯାଏ ? ପ୍ରଥମ ଦ୍ୱିତୀୟ ହୁଅ ?''

- ନା

-" ଏଥର ବୁଝିଲ ନା? ଆମ ଶ୍ରେଣୀରେ କେହି ଆଗୁଆ, ପଛୁଆ, ନମ୍ବର ପାଇବାର ଆବଶ୍ୟକତା ହିଁ ନାହିଁ  ଏଠାରେ ଯେ ଗୀତ ଜାଣେ ସେ ଗାଇବ, ଯେ ନଜାଣେ ସେ ଶିଖିବ  ଯଦି ଖେଳି ନ ଆସୁଛି, ଦେଖିକରି ଶିଖ  ଖେଳି ଖେଳି ଖୁବ୍ ମଜା କର  ଯେ ଭଲ ଅକ୍ଷର ଲେଖୁଛି,ତାକୁ ଦେଖିଦେଖି ଅନ୍ୟମାନେ ବି ଭଲ ଅକ୍ଷର ଲେଖିବେ  ମୁଁ ଯାହାକୁ ପ୍ରଶ୍ନ ପଚାରିବି, ଯଦି ତାକୁ ଉତ୍ତର ଆସୁନଥିବ, ତେବେ ଯାହାକୁ ଆସୁଥିବ ସେ କହିବ  ନହେଲେ ମୁଁ କହିବି  ବାସ୍, ଏତିକି କଥା, "-ମୁଁ କହିବାରେ ଲାଗିଥାଏ 

**ଶିକ୍ଷାର୍ଥୀର ମାନନିର୍ଦ୍ଧାରଣର ଉଦ୍ଦେଶ୍ୟ ହେଉଛି-**

- ଶିକ୍ଷାର୍ଥୀର ସାମର୍ଥ୍ୟ ଓ ଦୁର୍ବଳତାକୁ ଚିହ୍ନଟ କରି ତଦନୁଯାୟୀ ଶିକ୍ଷଣ ଅଭିଜ୍ଞତାର ଯୋଜନା କରିବା।
- ଶିକ୍ଷାର୍ଥୀକୁ ଅର୍ଧରୁ ଅଧିକ ଶିଖିବା ପାଇଁ ଅଭିପ୍ରେରିତ କରିବା ।
- ଶିକ୍ଷାର୍ଥୀମାନଙ୍କର ଦକ୍ଷତା ଆଧାରିତ ଶ୍ରେଣୀ ପରିଚାଳନା ସ୍ଥିର କରିବା, ଯେପରି ସମସ୍ତ ଶିକ୍ଷାର୍ଥୀଙ୍କ ସର୍ବୋତ୍ତମ ଶିକ୍ଷଣକୁ ସୁନିଶ୍ଚିତ କରାଯାଇପାରିବ ।

***କାର୍ଯ୍ୟ- ୩***

**ଚର୍ଚ୍ଚା ଫର୍ଦ୍ଦ**

୧. ବାଲବାଟିକା ସ୍ତରରେ ମାନନିର୍ଦ୍ଧାରଣ ନିମନ୍ତେ ଲିଖିତ ଓ ମୌଖିକ ପରୀକ୍ଷଣ କରାଯିବ ଉଚିତ୍ |

୨. ଶିକ୍ଷାର୍ଥୀର ନିରନ୍ତର ମାନନିର୍ଦ୍ଧାରଣ କେବଳ ଶିକ୍ଷକ/ଶିକ୍ଷୟିତ୍ରୀ କରିବେ |

୩. ଶିକ୍ଷାର୍ଥୀଙ୍କ ମାନନିର୍ଦ୍ଧାରଣ କରିବାରେ ପାଠ୍ୟକ୍ରମର ଲକ୍ଷ୍ୟଗୁଡ଼ିକ ଉପଯୋଗୀ ହୋଇଥାଏ |

୪. ପ୍ରତ୍ୟେକ ଶିକ୍ଷଣ ଫଳାଫଳରେ ନମ୍ବର /ମାର୍କ ଦେଇ ପିତାମାତାଙ୍କୁ ଶିକ୍ଷାର୍ଥୀର ଅଗ୍ରଗତି ଜଣାଇଲେ ନିରନ୍ତର ମାନନିର୍ଦ୍ଧାରଣ ହୋଇପାରିବ |

୫.ମାନନିର୍ଦ୍ଧାରଣ କରିବା ନିମନ୍ତେ ଶିକ୍ଷାର୍ଥୀ କ'ଣ କରିପାରୁଛି ବା କରିପାରୁନାହିଁ, କେବଳ ତାହା ଜାଣିବାକୁ ହେବ |

***କାର୍ଯ୍ୟ- ୪***

ପ୍ରତ୍ୟେକ ଶିକ୍ଷଣ ଫଳାଫଳରେ ଶିକ୍ଷାର୍ଥୀର ମାନ ନିର୍ଦ୍ଧାରଣ ପାଇଁ କାର୍ଯ୍ୟ ଦକ୍ଷତାର ସ୍ତରକୁ ଚାରୋଟି ସ୍ତରରେ ଭାଗ କରାଯାଇଛି

**ସ୍ତର ୧**: `ଅଧିକ ସହାୟତା ଆବଶ୍ୟକ କରୁଛି

**ସ୍ତର ୨**: ସହାୟତା ସହ କାର୍ଯ୍ୟ ସଂପାଦନ କରୁଛି

**ସ୍ତର ୩** : ବୟସ ଉପଯୋଗୀ କାର୍ଯ୍ୟ ନିଜେ ସଂପାଦନ କରିପାରୁଛି

**ସ୍ତର ୪** : (ଉନ୍ନତ ସ୍ତର ) ଆଶା କରାଯାଉଥିବାଠାରୁ ଅଧିକ ନିଜେ କାର୍ଯ୍ୟ ସଂପାଦନ କରିବା ସହ ଅନ୍ୟକୁ ସହାୟତା ଦେଉଛି

# ଦୈନିକ କାର୍ଯ୍ୟଯୋଜନା ଓ ଶ୍ରେଣୀ ପରିଚାଳନା

**ପଞ୍ଚମ ଦିବସ**

**ତୃତୀୟ ଅଧିବେଶନ :** **ସମୟ: ୧.୩୦ ମିନିଟ**

ପୃଷ୍ଠଭୂମି –

ବାଲବାଟିକା ଶ୍ରେଣୀର ଦୈନିକ କାର୍ଯ୍ୟଯୋଜନା ଏପରି ହେବା ଉଚିତ୍ ଯାହା ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାକୁ ଖେଳଭିତ୍ତିକ, ଅର୍ଥପୂର୍ଣ୍ଣ ଓ ପ୍ରାସଙ୍ଗିକ କରିପାରୁଥିବ । ଦୈନକ କାର୍ଯ୍ୟ ଯୋଜନା ପ୍ରସ୍ତୁତିରେ ବିକାଶର ସମସ୍ତ ଦିଗକୁ ସମାନ ଗୁରୁତ୍ୱ ଦେବା ଦ୍ୱାରା ଶିଶୁର ସାମଗ୍ରିକ ବିକାଶ ହୋଇଥାଏ । ପ୍ରତିଦିନ ଶିକ୍ଷଣ କାର୍ଯ୍ୟର ସଂଯୋଜନା ବିକାଶର ସମସ୍ତ ଦିଗକୁ ଭିତ୍ତିକରି କରାଯିବା ଉଚିତ୍ । ଶ୍ରେଣୀର ସମୟ ସାରଣୀ ଏପରି ହେବା ହେବା ଉଚିତ୍ ଯେ ଶିଶୁମାନେ ବିଭିନ୍ନ ଶିକ୍ଷଣ କାର୍ଯ୍ୟରେ ମୁକ୍ତଭାବେ ଓ ଶିକ୍ଷକଙ୍କ ମାର୍ଗଦର୍ଶନରେ ଅଂଶଗ୍ରହଣ କରିପାରିବେ । ଶିକ୍ଷାଦାନ ପ୍ରକ୍ରିୟାକୁ ଶିକ୍ଷଣ ଓ ଶିଶୁ କୈନ୍ଦ୍ରିକ କରିବା ପାଇଁ ଶ୍ରେଣୀ ପରିଚାଳନାର ନିମଲିଖିତ ଦିଗଗୁଡ଼ିକ ଉପରେ ଗରୁତ୍ୱ ଦେବା ଉଚିତ୍, ଯେପରି – ଶ୍ରେଣୀରେ ବୈଠକ ବ୍ୟବସ୍ଥା, ଦଳଗଠନ, ସମୟ ଅନୁସାରେ ଶିକ୍ଷଣ କାର୍ଯ୍ୟ, ଦଳଗତ ଓ ସ୍ୱାଧୀନ କାର୍ଯ୍ୟର ପରିଚାଳନା, ବିଶେଷ ସହାୟତା ଲୋଡୁଥିବା ପିଲାଙ୍କୁ ଉପଯୁକ୍ତ ସହାୟତା ଦେବା, ଶିକ୍ଷଣ ସାମଗ୍ରୀର ଉପଯୁକ୍ତ ବ୍ୟବହାର ଇତ୍ୟାଦି । ପ୍ରତ୍ୟେକ ପିଲାର ଶିକ୍ଷଙ୍କୁ ନିଶ୍ଚିତ କରିବା ପାଇଁ ଏହିସବୁ କାର୍ଯ୍ୟକୁ ଶିକ୍ଷକ / ଶିକ୍ଷୟିତ୍ରୀଙ୍କୁ ଯତ୍ନ ସହକାରେ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ଦୈନିକ କାର୍ଯ୍ୟ ଯୋଜନା ଓ ଉପଯୁକ୍ତ ଶ୍ରେଣୀ ପରିଚାଳନା ଦକ୍ଷତାର ଯଥେଷ୍ଟ ଆବଶ୍ୟକତା ରହିଛି ।

**ଶିକ୍ଷଣ ଫଳାଫଳ :**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ :

- ଦୈନିକ କାର୍ଯ୍ୟଯୋଜନାର ରୂପରେଖ କହିବେ |
- ଦୈନିକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବେ |
- ଶ୍ରେଣୀ ପରିଚାଳନାର ବିଭିନ୍ନ ଦିଗ ବିଷୟରେ କହିବେ |

**ସୋପାନ -୧ (ଖୋଲା ଆଲୋଚନା ) (ଦୈନିକ ସମୟସାରଣୀର ରୂପରେଖ) ସମୟ – ୨୫ ମିନିଟ**

ପ୍ରଶ୍ନ – ବାଲବାଟିକା ଶ୍ରେଣୀ ପାଇଁ ଦୈନିକ ସମୟ ସାରଣୀ ପ୍ରସ୍ତୁତ କରିବା ସମୟରେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବା ?

**ଦଳଗତ କାର୍ଯ୍ୟ**

ଶିକ୍ଷଣ ସାମଗ୍ରୀ- ସୂଚନା ଫର୍ଦ୍ଦ-୧ (ସମୟ ସାରଣୀ)

- ସାଧନକର୍ମୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ୫ ଟି ଦଳରେ ଭାଗ କରିବେ ।
- ପ୍ରତ୍ୟେକ ଦଳକୁ ସୂଚନା ଫର୍ଦ୍ଦ -୧ ଗୋଟିଏ ଲେଖାଏଁ ଦେଇ ପରସ୍ପର ମଧ୍ୟରେ ସୂଚନା ଫର୍ଦ୍ଦ ଉପରେ ଆଲୋଚନା କରିବାକୁ କହିବେ ।
- ସାଧନକର୍ମୀ ନିମ୍ନଲିଖିତ ପ୍ରଶ୍ନ ପଚାରି ଆଲୋଚନା କରିବେ |

ପ୍ରଶ୍ନ ୧ – ବାଲିବାଟିକା ଶ୍ରେଣୀଟି ମୋଟ କେତେ ସମୟ ଚାଲିବ ?
ପ୍ରଶ୍ନ ୨ – ବାଲବାଟିକା ଶ୍ରେଣୀରେ ସମୟ ବିଭାଜନ କିପରି ହୋଇଛି ?
ପ୍ରଶ୍ନ ୩ – ବାଲବାଟିକା ପିରିୟଡ଼ରେ କେଉଁ ସବୁ ବିକାଶ କ୍ଷେତ୍ରକୁ ନିଆ ଯାଇଛି ?
ପ୍ରଶ୍ନ ୪ – ସର୍କଲ ସମୟର ଉଦ୍ଦେଶ୍ୟ କ'ଣ ?
ପ୍ରଶ୍ନ ୫ - ମୁକ୍ତ ଖେଳ ଓ ବାହାର ଖେଳ ମଧ୍ୟରେ ପାର୍ଥକ୍ୟ କ'ଣ ?
ପ୍ରଶ୍ନ ୬ – ସାମାଜିକ ,ଆବେଗିକ ଓ ନୈତିକ ବିକାଶ ପାଇଁ ସମୟ ସାରଣୀରେ ବ୍ୟବସ୍ଥା ଅଛି କି ? କିପରି ?

**ସୋପାନ - ୨ (ଦଳଗତ କାର୍ଯ୍ୟ )**

**(ଦୈନିକ ଶିକ୍ଷଣ ଯୋଜନା ପ୍ରସ୍ତୁତି)** **ସମୟ – ୫୦ ମିନିଟ**

ଶିକ୍ଷଣ ସାମଗ୍ରୀ- ଚାର୍ଟ କାଗଜ, ହ୍ୱାଇଟ ମାର୍କର, ଡବଲ ସାଇଡ଼ ଟେପ

- ସାଧନକର୍ମୀ ୫ ଟି ଦଳ କରି ପ୍ରତ୍ୟେକ ଦଳକୁ ଦୈନିକ ସମୟ ସାରଣୀର ରୂପରେଖ ଅନୁଯାୟୀ ଗୋଟିଏ ଦିନର ଶିକ୍ଷଣ ଯୋଜନା ପ୍ରସ୍ତୁତ କରିବା ପାଇଁ କହିବେ । ଏଥିପାଇଁ ପ୍ରତ୍ୟେକ ଦଳକୁ ଆବଶ୍ୟକୀୟ ଶିକ୍ଷଣ ସାମଗ୍ରୀ ଦେବେ । ଏଥି ନିମନ୍ତେ ୨୦ ମିନିଟ୍ ର ସମୟ ଦିଆଯିବ ।
- ଶିକ୍ଷଣ ଯୋଜନାଟି ଯେପରି ସମସ୍ତ ବିକାଶ  ଦିଗଗୁଡ଼ିକୁ ସାମିଲ କରିବ ଓ ଶିକ୍ଷଣ କାର୍ଯ୍ୟଗୁଡ଼ିକ ଶିକ୍ଷଣ ଫଳାଫଳ ଆଧାରିତ ହୋଇଥିବ, ସେଥିପ୍ରତି ଯତ୍ନ ଦେବାକୁ  ସମସ୍ତ ଦଳକୁ ନିର୍ଦ୍ଦେଶ ଦେବେ । ସାଧନକର୍ମୀ ପ୍ରତ୍ୟେକ ଦଳକୁ କୌଣସି ଗୋଟିଏ ବିକାଶର ଦିଗ ଅନ୍ତର୍ଗତ ଶିକ୍ଷଣ ଫଳାଫଳକୁ ଆଧାର କରି ୧ ଟି  ଶିକ୍ଷଣ କାର୍ଯ୍ୟର ପ୍ରସ୍ତୁତିକରଣ କରିବାକୁ କହିବେ ।
- ଦଳଗତ ଉପସ୍ଥାପନା ->ଆଲୋଚନା
- ସାଧନକର୍ମୀ ସମସ୍ତ ଦଳ ପ୍ରସ୍ତୁତ କରିଥିବା ଶିକ୍ଷଣ ଯୋଜନା ଉପରେ ପ୍ରତିପୁଷ୍ଟି ଦେବେ ।

**ସୋପାନ – ୩**

**(ଶ୍ରେଣୀ ପରିଚାଳନା)** **ସମୟ – ୧୫ ମିନିଟ୍**

**ଶିକ୍ଷଣ ସାମଗ୍ରୀ- ସୂଚନା ଫର୍ଦ୍ଦ -୨**

ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ୫ ଟି ଦଳରେ ବସାଇ ପ୍ରତ୍ୟେକ ଦଳକୁ ଉପଯୁକ୍ତ ଶ୍ରେଣୀ ପରିଚାଳନାର ଏକ ତଥ୍ୟ ଫର୍ଦ୍ଦ ଦେବେ । ସମସ୍ତ ଦଳ ତଥ୍ୟ ଫର୍ଦ୍ଦ ଉପରେ ଆଲୋଚନା କରିବେ ।

**ଆଲୋଚନା ପ୍ରଶ୍ନ**

- ଏହି ତଥ୍ୟ ଫର୍ଦ୍ଦରେ କେଉଁ ସବୁ ଦିଗପ୍ରତି ଦୃଷ୍ଟି ଦିଆଯାଇଛି ?
- ଆପଣ ପଢ଼ାଇବା ସମୟରେ ଏହି ସବୁ ଦିଗପ୍ରତି ଦୃଷ୍ଟି ଦିଅନ୍ତି କି ?
- ଆମର ଦୈନନ୍ଦିନ କାର୍ଯ୍ୟରେ ଆମେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କର ସାହାଯ୍ୟ କିପରି ନେଇ ପାରିବା ?
- କାର୍ଯ୍ୟ ଯୋଜନା ଓ ଶ୍ରେଣୀ ପରିଚାଳନାରେ ଆମେ ଅନ୍ୟ କେଉଁମାନଙ୍କର ସାହାଯ୍ୟ ନେଇ ପାରିବା ?

**ସଂକ୍ଷେପଣ**

- ଶିକ୍ଷଣ କାର୍ଯ୍ୟ ଅନୁସାରେ ଶ୍ରେଣୀରେ ବସିବା ବ୍ୟବସ୍ଥା କରିବା ।
- ଆବଶ୍ୟକତା ଅନୁସାରେ ଦଳ ଗଠନ କରିବା
- ସମୟ ଅନୁସାରେ ଶିକ୍ଷଣ କାର୍ଯ୍ୟ: ଯେପରି କୌଣସି ପିଲାର ଅପେକ୍ଷା ସମୟ (waiting time) ଅଧିକ ନ ହୁଏ
- ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କୁ ଉପଯୁକ୍ତ ସହାୟତା ନେବା
- ଶିକ୍ଷଣ ସାମଗ୍ରୀର ଉପଯୁକ୍ତ ବ୍ୟବହାର କରିବା
- ଡିଜିଟାଲ ଶିକ୍ଷଣ ଉପରେ ଗୁରୁତ୍ୱ ଦେବା

## ସାଧନକର୍ମୀଙ୍କ ପାଇଁ ସୂଚନା ଫର୍ଦ୍ଦ

ସୋପାନ ୧ –

ଶିକ୍ଷକ ନିମ୍ନଲିଖିତ ସୂଚନାଫର୍ଦ୍ଦକୁ ଅଂଶଗ୍ରହଣକାରୀଙ୍କୁ ଦେବେ :

### ସୂଚନା ଫର୍ଦ୍ଦ – ୧

### ବାଲବାଟିକା ସମୟସାରଣୀର ଏକ ନମୁନା

| **ସମୟ** | **କାର୍ଯ୍ୟ** | **ବିକାଶର ଦିଗ** |
|---|---|---|
| ୧୦ – ୧୦.୩୦ | **ପ୍ରାର୍ଥନା ସଭା** | |
| ୧୦.୩୦ -୧୧.୦୦ (ଶିକ୍ଷକଙ୍କ ଦ୍ୱାରା ପିଲାଙ୍କ ସହିତ ସାମୁହିକ ଆଲୋଚନା) | **ସର୍କଲ ସମୟ**<br>• ପିଲାମାନଙ୍କର ସ୍ୱାଗତ<br>• ସକ୍ରିୟାତ୍ମକ କାର୍ଯ୍ୟ<br>• ମୁକ୍ତ ବାର୍ତ୍ତାଳାପ<br>• ସ୍ୱାସ୍ଥ୍ୟ ଓ ପରିଛନ୍ନତାର ଯାଞ୍ଚ<br>• କ୍ୟାଲେଣ୍ଡର କାର୍ଯ୍ୟ | ସାମାଜିକ, ଆବେଗିକ ଏବଂ ନୈତିକ ବିକାଶ |
| ୧୧.୦୦-୧୧.୧୫ | **ସକାଳ ଜଳଖିଆ** | |
| ୧୧.୧୫-୧୧.୪୫ (ପିଲାଙ୍କ ଦ୍ୱାରା ଛୋଟ-ଛୋଟ ଦଳରେ କାର୍ଯ୍ୟ) | **ମୁକ୍ତ ଖେଳ**<br>• ଶିଶୁମାନେ ସେମାନଙ୍କ ପସନ୍ଦର କୋଣକୁ ନିଜେ ଯାଇ ମୁକ୍ତ ଭାବରେ ଖେଳିବେ<br>• ଖେଳି ସାରିବା ପରେ ଖେଳ ସାମଗ୍ରୀଗୁଡ଼ିକୁ ନିର୍ଦ୍ଧାରିତ ସ୍ଥାନରେ ରଖିବେ<br>• ଖେଳରେ ପିଲାମାନଙ୍କର ଅଂଶଗ୍ରହଣ ଓ ଖେଳ ସାମଗ୍ରୀର ବ୍ୟବହାରକୁ ଶିକ୍ଷକ ପର୍ଯ୍ୟବେକ୍ଷଣ କରିବେ | ଶାରରୀକ ବିକାଶ |
| ୧୧.୪୫-୧୨.୪୫ (ଶିକ୍ଷକ ନିର୍ଦ୍ଦେଶିତ କାର୍ଯ୍ୟ) | **ସଂଖ୍ୟା ଓ ପରିବେଶ ଜ୍ଞାନ**<br>(କିଛି ଶିକ୍ଷଣ କାର୍ଯ୍ୟର ଉଦାହରଣ: ବଡ଼ ଓ ସାନ, ଲମ୍ବା ଓ ଛୋଟ, ଅଧିକ ଓ କମ୍ , ହାଲୁକା ଓ ଭାରି, ବର୍ଗୀକରଣ, ମେଳ କରିବା ଇତ୍ୟାଦି) | ବୌଦ୍ଧିକ ବିକାଶ |
| ୧୨.୪୫-୧.୧୫ (ଶିକ୍ଷକ ନିର୍ଦ୍ଦେଶିତ କାର୍ଯ୍ୟ) | **ସୃଜନଶୀଳତା ଓ ସୌନ୍ଦର୍ଯ୍ୟବୋଧର ବିକାଶ**<br>(କିଛି ଶିକ୍ଷଣ କାର୍ଯ୍ୟର ଉଦାହରଣ: ମୁକ୍ତ ଭାବେ ଚିତ୍ର ଆଙ୍କିବା (କ୍ରେୟନ), ଆଙ୍ଗୁଠି ଛପରେ ଚିତ୍ର କରିବା ଇତ୍ୟାଦି ) | ସୃଜନଶୀଳତା ଓ ସୌନ୍ଦର୍ଯ୍ୟବୋଧର ବିକାଶ |
| ୧୧.୧୫ – ୨.୦୦ | **ଖେଳ ଛୁଟି** | |
| ୨.୦୦ – ୩.୦୦ (ଶିକ୍ଷକ ନିର୍ଦ୍ଦେଶିତ କାର୍ଯ୍ୟ) | **ଭାଷା ଓ ସାକ୍ଷରତା**<br>(କିଛି ଶିକ୍ଷଣ କାର୍ଯ୍ୟର ଉଦାହରଣ: ଅଭିନୟ ଗୀତ, ଗଳ୍ପକଥନ, ପାରସ୍ପରିକ ଉଚ୍ଚପଠନ, ଧ୍ୱନି ସଚେତନତା, ପ୍ରାକ ଲିଖନ ଇତ୍ୟାଦି ) | ଭାଷା ଓ ସାକ୍ଷରତା |
| ୩.୦୦-୩.୩୦ | **ଘର ବାହାର ଖେଳ**<br>(କିଛି ଶିକ୍ଷଣ କାର୍ଯ୍ୟର ଉଦାହରଣ: ପିଲାମାନଙ୍କୁ ବାହାରକୁ ନେଇ ଖେଳିବା – ଯେପରି-ଦଉଡ଼, ଡିଆଁ, ଚଢ଼ିବା, ଇତ୍ୟାଦି )<br>ଯଦି ବାହାରେ ଜାଗା ନାହିଁ, ତେବେ ଶ୍ରେଣୀ ପ୍ରକୋଷ୍ଠରେ ପିଲାଙ୍କୁ ଏପରି ଖେଳ ଖେଳାଇବା ଯେଉଥିରେ ପିଲାଙ୍କର ସ୍ଥୂଳ ମାଂସପେଶୀର ବିକାଶ ହେବ | ଶାରରୀକ ବିକାଶ |
| ୩.୩୦-୪.୦୦ | **ବିଦାୟ**<br>• ଶିକ୍ଷକ ସେ ଦିନ କରାଯାଇଥିବା କାର୍ଯ୍ୟର ପୁନରାଲୋଚନା କରିବେ<br>• ଶିକ୍ଷକ ଆଗାମୀ ଦିନର କାର୍ଯ୍ୟ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବେ<br>• ଶିକ୍ଷକ ଶ୍ରେଣୀରେ କରାଯାଉଥିବା କାର୍ଯ୍ୟକୁ ଅଭିଭାବକଙ୍କ ସହ ଜଣାଇବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହିତ କରିବେ | |

ସୋପାନ ୩ –

ଶିକ୍ଷକ ନିମ୍ନଲିଖିତ ସୂଚନାଫର୍ଦ୍ଦକୁ ଅଂଶଗ୍ରହଣକାରୀଙ୍କୁ ଦେବେ :

**<u>ତଥ୍ୟଫର୍ଦ୍ଦ -୨</u>**

| **କ'ଣ କରିବେ** | **କ'ଣ କରିବେ ନାହିଁ** |
|---|---|
| • ପିଲାମାନଙ୍କ କଥା ମନ ଦେଇ ଶୁଣିବେ<br>• ଦଳଗତ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବେ<br>• ବ୍ୟକ୍ତିଗତ ଶିକ୍ଷଣକୁ ନିଶ୍ଚିତ କରାଇବେ<br>• ପିଲାଙ୍କ ସହ ବସି କାର୍ଯ୍ୟ କରିବେ<br>• ପିଲାମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ସୁଯୋଗ ଦେବେ ଏବଂ ଉତ୍ସାହିତ କରିବେ<br>• ଆବଶ୍ୟକ ମୁତାବକ ଶିକ୍ଷଣ ସାମଗ୍ରୀ ନେବେ ଓ ତାର ଉପଯୁକ୍ତ ସମୟରେ ବ୍ୟବହାର କରିବେ<br>• ପିଲାଙ୍କର ସ୍ତର ଅନୁସାରେ ପ୍ରଶ୍ନ ପଚାରିବେ<br>• କଳାପଟା / ସବୁଜ ପଟା / ଧଳା ପଟା ର ମଝି ଭାଗକୁ ଅଧିକ ବ୍ୟବହାର କରିବେ<br>• ପ୍ରତ୍ୟେକ ପିଲାଙ୍କୁ କହିବାର ସୁଯୋଗ ଦେବେ<br>• ପିଲାମାନଙ୍କର କାମକୁ ମନଭରି ପ୍ରଶଂସା କରିବେ<br>• ଆବଶ୍ୟକତା ଅନୁସାରେ ଶିକ୍ଷଣ କାର୍ଯ୍ୟରେ ପରିବର୍ତ୍ତନ କରିବେ<br>• ପିଲାମାନଙ୍କର ମାତୃଭାଷାର ବ୍ୟବହାର କରିବେ<br>• ଆବଶ୍ୟକ ସମୟରେ ପିଲାମାନଙ୍କର ମତ ନେବେ ଓ ତାଙ୍କ ମତକୁ ସମ୍ମାନ ଦେବେ \|<br>• ଶ୍ରେଣୀ ବାହାରକୁ ନେଇ କିଛି କାର୍ଯ୍ୟ କରିବେ \|<br>• ଆବଶ୍ୟକ କରୁଥିବା ପିଲାଙ୍କୁ ସହାୟତା ଦେବେ\|<br>• ପିଲାଙ୍କ ଅଭିଜ୍ଞତା ଆଧାରରେ ଉଦାହରଣ ଦେବେ\| | • କୌଣସି ନିର୍ଦ୍ଦିଷ୍ଟ ପିଲାଙ୍କୁ ସବୁବେଳେ ପଚାରିବେ ନାହିଁ \|<br>• ପିଲାମାନଙ୍କୁ କଳାପଟାରେ ଅତି ପାଖରେ ବସାଇଆବେ ନାହିଁ ।<br>• ଶିକ୍ଷଣ କାର୍ଯ୍ୟର ସମୟ ୧୦-୧୫ ମିନିଟ୍ ରୁ ଅଧିକ କରିବେ ନାହିଁ ।<br>• ପିଲାମାନଙ୍କ ପାଇଁ ଅପମାନଜନକ ଶବ୍ଦ ବ୍ୟବହାର କରିବେ ନାହିଁ ।<br>• ପିଲାମାନଙ୍କ କାର୍ଯ୍ୟ ସମୟରେ ବାରମ୍ବାର ସୂଚନା ଦେବେ ନାହିଁ ।<br>• ନିଜେ ବେଶୀ କହିବେ ନାହିଁ ।<br>• ଶ୍ରେଣୀରେ ଡଷ୍ଟର ର ଗୁଣ୍ଡ ପିଲାଙ୍କ ସାମ୍ନାରେ ଝାଡିବେ ନାହିଁ \|<br>• ମାନ ନିର୍ଦ୍ଧାରଣ ପାଇଁ ପିଲାଙ୍କର କାର୍ଯ୍ୟ ପୁସ୍ତିକରେ X ଚିହ୍ନ ଦେବେ ନାହିଁ \|<br>• ଧୈର୍ଯ୍ୟ ହରାଇବେ ନାହିଁ \| |

# ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂକ୍ଷେପଣ, ପରବର୍ତ୍ତୀ ମାନନିର୍ଧାରଣ ଓ ପ୍ରତିପୃଷ୍ଟି

**ପଞ୍ଚମ ଦିବସ** **ସମୟ ୧ଘ. ୩୦ ମିନିଟ**

**ଚତୁର୍ଥ ଅଧିବେଶନ**

**ପୃଷ୍ଠଭୂମି :**

ପ୍ରତ୍ୟେକ ବିଷୟର ଶିକ୍ଷଣକାର୍ଯ୍ୟ କରିସାରିବା ପରେ ସଂକ୍ଷେପଣ କରିବା ଅତ୍ୟନ୍ତ ଜରୁରୀ। ଏହା ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ସମ୍ପାଦନ କରାଗଲେ ଶିକ୍ଷଣ ଅଧିକ ଫଳପ୍ରଦ ହୋଇଥାଏ । ସେହିପରି ପ୍ରତ୍ୟେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷରେ ସଂକ୍ଷେପଣ କରାଯିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ପ୍ରଶିକ୍ଷାର୍ଥୀମାନେ ପ୍ରଧାମ ଦିବସ ରୁ ଶେଷ ଦିବସ ପର୍ଯ୍ୟନ୍ତ ପ୍ରତ୍ୟେକ ଅଧିବେଶନ ର ଉଦ୍ଦେଶ୍ୟ, ଅଧିବେଶନ ପରିଚାଳନା ପ୍ରକ୍ରିୟା ଓ ମୁଖାଂଶ କୁ ମନେପକାଇ କହିଥାନ୍ତି। ଯାହା ଫଳରେ ସେମାନଙ୍କର ଶିକ୍ଷଣ ଦୃଢ଼ିଭୂତ ହୋଇଥାଏ ଓ ସୁଚାରୁରୂପେ ଶ୍ରେଣୀକାର୍ଯ୍ୟ ପରିଚାଳନା କରିବା ପାଇଁ ସେମାନଙ୍କ ଆତ୍ମବିଶ୍ୱାସ ଦୃଢ ହୋଇଥାଏ ।

**ପ୍ରତ୍ୟାଶିତ ଫଳାଫଳ :-**

ଏହି ଅଧିବେଶନ ଆଲୋଚନା ପରେ ଅଂଶଗ୍ରହଣକାରୀମାନେ -

- ପଞ୍ଚ ଦିବସୀୟ ପ୍ରଶିକ୍ଷଣର ପ୍ରତ୍ୟେକ ଅଧିବେଶନରୁ କରିଥିବା ଶିକ୍ଷଣ ବିଷୟରେ ବର୍ଣ୍ଣନାକରିବେ ।

**ସୋପାନ -୧ : ସଂକ୍ଷେପଣ** **ସମୟ – ୬୦ ମିନିଟ୍**

ପ୍ରଣାଳୀ – ଖୋଲା ଆଲୋଚନା

ପ୍ରଶ୍ନ :- ପ୍ରତ୍ୟେକ ଅଧିବେଶନର ଉଦ୍ଦେଶ୍ୟ, ପ୍ରକ୍ରିୟା ଓ ମୁଖାଂଶ ଗୁଡିକ କଣ କଣ ଥିଲା ?

ପ୍ରତ୍ୟେକ ଅଂଶଗ୍ରହଣକରୀ ଆଲୋଚିତ ବିଷୟବସ୍ତୁକୁ କ୍ରମଅନୁସାରେ କହିବେ । ଏହାପରେ ସାଧନକର୍ମୀ ସଂକ୍ଷେପଣ କରିବେ ।

**ସୋପାନ -୨ ପରବର୍ତ୍ତୀ ପରୀକ୍ଷଣ** **ସମୟ -୨୦ ମିନିଟ୍**

ବ୍ୟକ୍ତିଗତ କାର୍ଯ୍ୟ :- ପ୍ରତ୍ୟେକ ଅଂଶଗ୍ରହଣକାରୀ ପ୍ରଶ୍ନର ଉତ୍ତର ଲେଖିବେ ।

**ସୋପାନ -୩ ମତାମତ ପ୍ରଦାନ** **ସମୟ- ୧୦ ମିନିଟ୍**

୩/୪ ଜଣ ଅଂଶଗ୍ରହଣକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ମତାମତ ପ୍ରଦାନ କରିବେ |

# Annexture -1

## ମାନ ନିର୍ଦ୍ଧାରଣ ପ୍ରଶ୍ନପତ୍ର

**ପ୍ରଶ୍ନ 1. ଜାତୀୟ ଶିକ୍ଷାନୀତି 2020 ରେ ମୌଳିକ ପର୍ଯ୍ୟାୟ (foundational stage) କେଉଁ ବୟସ ବର୍ଗକୁ ଅନ୍ତର୍ଭୁକ୍ତ କରେ ?**

କ) 6 ରୁ 8

ଖ) 2 ରୁ 8

ଗ) 3 ରୁ 8

ଘ) 4 ରୁ 8

**ପ୍ରଶ୍ନ2. ବାଲବାଟିକା କେଉଁ ପର୍ଯ୍ୟାୟର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ?**

କ) ପ୍ରାକ ବିଦ୍ୟାଳୟ 1,2,3

ଖ) ପ୍ରାକ ବିଦ୍ୟାଳୟ 1

ଗ) ପ୍ରାକ ବିଦ୍ୟାଳୟ 3

ଘ) ପ୍ରଥମ ଶ୍ରେଣୀ

**ପ୍ରଶ୍ନ 3. ବାଲବାଟିକା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଅବଧି କେତେ ?**

କ) 1 ବର୍ଷ

ଖ) 2 ବର୍ଷ

ଗ) 3 ବର୍ଷ

ଘ) 4 ବର୍ଷ

**ପ୍ରଶ୍ନ 4. ପ୍ରାକ ବିଦ୍ୟାଳୟ III ପାଇଁ ଜାତୀୟ ଶିକ୍ଷାନୀତି ଅନୁଯାୟୀ କେଉଁଟି ଉପଯୁକ୍ତ ବୟସ ଅଟେ ?**

କ) 3+

ଖ) 4+

ଗ) 5+

ଘ) 6+

**ପ୍ରଶ୍ନ 5. 'ବାଲବାଟିକା' ର କାର୍ଯ୍ୟକାରିତା ପାଇଁ ଦୈନିକ ସମୟ ଅବଧି କେତେ ?**

କ) ଦୁଇଘଣ୍ଟା

ଖ) ତିନିଘଣ୍ଟା

ଗ) ଚାରିଘଣ୍ଟା

ଘ) ଛଅଘଣ୍ଟା

**ପ୍ରଶ୍ନ 6. 'ବାଲବାଟିକା' ରେ କେଉଁ ପ୍ରକାର ମାନନିର୍ଦ୍ଧାରଣ ପାଇଁ ପ୍ରସ୍ତାବ ଦିଆଯାଇଛି ?**

କ) ନିରନ୍ତର ଓ ବହୁମୁଖୀ

ଖ) ସମାପ୍ତିସୂଚକ

ଗ) ପର୍ଯ୍ୟାୟଭିତ୍ତିକ

ଘ) ପରୀକ୍ଷଣ

**ପ୍ରଶ୍ନ 7. "ସମତାନ ଗୀତ" ଆବୃତ୍ତି କରିବା କେଉଁ ବିକାଶ ଦିଗ ଅଧୀନରେ ପ୍ରମୁଖ / ସ୍ୱଷ୍ଟ ଭାବରେ ଦିଆଯାଇଛି ?**

କ) ବୌଦ୍ଧିକ ବିକାଶ

ଖ) ସାମାଜିକ, ଆବେଗିକ ଓ ନୈତିକ ବିକାଶ

ଗ) କଳା ଓ ସୌନ୍ଦର୍ଯ୍ୟାମକ ବିକାଶ

ଘ) ଭାଷାଗତ ବିକାଶ

**ପ୍ରଶ୍ନ 8. ବାଲବାଟିକା ଶ୍ରେଣୀର ପିଲାଙ୍କୁ କୌଣସି ନୂତନ ଧାରଣା / ଦକ୍ଷତା ଶିଖାଇବାର ସର୍ବୋତ୍ତମ ଉପାୟ କ'ଣ ଅଟେ?**

କ) ପିଲାଙ୍କୁ ପଠନ ଓ ଲିଖନ କାର୍ଯ୍ୟରେ ନିୟୋଜିତ କରିବା

ଖ) ପିଲାମାନଙ୍କର ମାନନିର୍ଦ୍ଧାରଣ କରିବା

ଗ) ପିଲାଙ୍କୁ ଖେଳଭିତ୍ତିକ ଓ ଆନନ୍ଦଦାୟୀ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ କରିବା

ଘ) ଅନ୍ୟକୁ (ଶିକ୍ଷକ ଓ ସାଥୀଙ୍କୁ) ଅନୁକରଣ କରି ଶିଖିବା

**ପ୍ରଶ୍ନ 9. ବାଲବାଟିକା ଶ୍ରେଣୀରେ ପିଲାମାନଙ୍କର ମାନନିର୍ଦ୍ଧାରଣ ପ୍ରକ୍ରିୟା କିପରି ହେବା ଉଚିତ୍ ?**

କ) ମୌଖିକ ଓ ଲିଖିତ କାର୍ଯ୍ୟ ମାଧ୍ୟମରେ ହେବା ଉଚିତ

ଖ) ଶ୍ରେଣୀକାର୍ଯ୍ୟ ପର୍ଯ୍ୟବେକ୍ଷଣ ମାଧ୍ୟମରେ ହେବା ଉଚିତ

ଗ) ମୌଖିକ କ୍ୱିଜ ମାଧ୍ୟମରେ ହେବା ଉଚିତ

ଘ) କୌଣସି ନୁହେଁ

**ପ୍ରଶ୍ନ 10. ଆପଣଙ୍କ ବାଳବାଟିକା ଶ୍ରେଣୀରେ ଯଦି କୌଣସି ଗୋଟିଏ ପିଲା ଶିକ୍ଷଣ କାର୍ଯ୍ୟରେ ଆଦୌ ଧ୍ୟାନ ଦେଉନାହିଁ ଓ ନିଜ ବସିବା ସ୍ଥାନରୁ ବାରମ୍ବାର ଉଠି ଇଆଡ଼େ-ସିଆଡ଼େ ଚାହୁଁଛି, ଏହି ପରିପ୍ରେକ୍ଷୀରେ ଆପଣ କ'ଣ କରିବେ ?**

କ) ପିଲାଟିକୁ ସମସ୍ତଙ୍କ ସାମନାରେ ତାଗିଦ କରିବେ ଓ ଅନୁଶାସନ କରିବେ

ଖ) ପିଲାଟିର ବ୍ୟବହାରକୁ ଅଣଦେଖା କରିବେ (ପିଲାଟି ନିଜେ ଠିକ ହୋଇଯିବ)

ଗ) ପିଲାଟିକୁ ଗୋଟିଏ ଆନନ୍ଦଦାୟୀ ଖେଳରେ ଯୋଡ଼ିବେ ଓ ଗୋଟିଏ ଛୋଟ ଦାୟିତ୍ୱ ଦେବେ

ଘ) ଅଭିଭାବକଙ୍କୁ କହି ପିଲାଟିକୁ ଅନୁଶାସନ କରିବେ

**ପ୍ରଶ୍ନ 11. ଆପଣ ପିଲାଙ୍କୁ 'ଅ' ଅକ୍ଷର ଚିହ୍ନଟ କରିବା ଶିଖାଉଛନ୍ତି, ବାଲବାଟିକା ଶ୍ରେଣୀର ପିଲାଙ୍କୁ 'ଅ' ଅକ୍ଷର ଶିଖାଇବାର ଫଳପ୍ରଦ ଉପାୟ କେଉଁଟି ଅଟେ ?**

କ) କଳାପଟାରେ 'ଅ' ଅକ୍ଷର ଲେଖି ପିଲାଙ୍କୁ ସିଲଟରେ ମଡ଼େଇବାକୁ କହିବା

ଖ) ପିଲାଙ୍କୁ 'ଅ' ଅକ୍ଷରର ଫ୍ଲାସକାର୍ଡ଼ ଦେଖାଇ, 'ଅ' ଅକ୍ଷର ଧ୍ୱନିକୁ 5 ଥର କହିବା

ଗ) ପିଲାଙ୍କୁ ଅଙ୍ଗୁର, ଅସରପା, ଅଳତା, ଅରଟ ଇତ୍ୟାଦି ଶବ୍ଦର ଫୋଟୋ ଦେଖାଇ ପିଲାଙ୍କୁ 'ଅ' ଅକ୍ଷର ଧ୍ୱନି ସହ ପରିଚିତ କରାଇବା

ଘ) ପିଲାଙ୍କୁ କେବଳ କାର୍ଯ୍ୟପୁସ୍ତିକା ଦେଇ 'ଅ' ଅକ୍ଷରର ଅଭ୍ୟାସ କରାଇବା

**ପ୍ରଶ୍ନ 12. ପିଲାମାନଙ୍କର ସୂକ୍ଷ୍ମ ମାଂସପେଶୀ ବିକାଶ ପାଇଁ ନିମ୍ନଲିଖିତ କେଉଁ ଶିକ୍ଷଣ କାର୍ଯ୍ୟଟି ପ୍ରଯୁଜ୍ୟ ଅଟେ?**

କ) ଗପ ଶୁଣିବା

ଖ) ମାଳି ଗୁନ୍ଥି ହାର ତିଆରି କରିବା

ଗ) ଶିକ୍ଷକଙ୍କ ସହିତ କବିତା ଆବୃତ୍ତି କରିବା

ଗ) ନିଜ ସାଙ୍ଗଙ୍କ ସହିତ ଦଉଡ଼ି ଡିଆଁ ଖେଳିବା

**ପ୍ରଶ୍ନ ୧୩. କେଉଁ ଶିକ୍ଷଣ କାର୍ଯ୍ୟଟି ପିଲାମାନଙ୍କର ସାମାଜିକ, ଆବେଗିକ ଓ ନୈତିକ ବିକାଶରେ ସହାୟକ ହେବ ?**

କ) ସିଲଟରେ / ଖାତାରେ ଅକ୍ଷର ଲେଖିବାର ଅଭ୍ୟାସ କରିବା

ଖ) ଆବୃତ୍ତି ପାଇଁ କବିତାର ପଦଗୁଡ଼ିକୁ ମନେ ରଖିବା

ଗ) ମୁକ୍ତ ଖେଳ ସମୟରେ ଅନ୍ୟ ସହିତ ଖେଳଣା ବାଣ୍ଟିବା

ଘ) ବ୍ୟକ୍ତିଗତ ଭାବରେ ବସ୍ତୁ କୁ ଗଣିବା

**ପ୍ରଶ୍ନ ୧୪. କେଉଁ ଶିକ୍ଷଣ କାର୍ଯ୍ୟଟି ପିଲାମାନଙ୍କର ବୌଦ୍ଧିକ ବିକାଶରେ ସହାୟକ ହେବ ?**

କ) ବିଭିନ୍ନ ଆକୃତି ଚିହ୍ନଟ କରିବା ଓ ସେଗୁଡ଼ିକୁ ବସ୍ତୁର ଆକୃତି ସହ ମେଳ କରିବା

ଖ) କାଗଜରେ ଏଣୁ-ତେଣୁ ଗାରେଇବା (scribbling)

ଗ) ଟିଭିରେ କାର୍ଟୁନ କାର୍ଯ୍ୟକ୍ରମକୁ ସ୍ୱାଧୀନ ଭାବେ ଦେଖିବା

ଘ) ଲୁଚକାଳି ଖେଳ ଖେଳିବା

**ପ୍ରଶ୍ନ ୧୫. ସର୍କଲ ସମୟର ମୂଳ ଉଦ୍ଦେଶ୍ୟ କ'ଣ ଅଟେ ?**

କ) ପିଲାଙ୍କୁ ଶ୍ରେଣୀରେ ଶୃଙ୍ଖଳା ବଜାୟ ରଖି ନୀରବତା ସହ ବସି ରହିବା ଶିଖାଇଆବା

ଖ) ବ୍ୟକ୍ତିଗତ କାର୍ଯ୍ୟ କରିବା (ଯେପରି – କାର୍ଯ୍ୟପୁସ୍ତିକାର କାର୍ଯ୍ୟଫର୍ଦ୍ଦ ଭରିବା)

ଗ) ହସ୍ତାକ୍ଷର ଲିଖନର ଅଭ୍ୟାସ କରାଇବା

ଘ) ଦଳଗତ କାର୍ଯ୍ୟ ଓ ବାର୍ତ୍ତାଳାପକୁ ପ୍ରୋତ୍ସାହିତ କରାଇବା

**ପ୍ରଶ୍ନ ୧୬. ଶିଶୁର ଶାରୀରିକ ବିକାଶ କେଉଁ ବିକାଶ କୋଷ ସହ ସମ୍ପର୍କିତ ?**

କ) ଆନନ୍ଦମୟ କୋଷ

ଖ) ଅନ୍ନମୟ କୋଷ

ଗ) ମନୋମୟ କୋଷ

ଘ) ବିଜ୍ଞାନମୟ କୋଷ